୬ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ବର୍ଷିଲେ ଗାଭାସ୍କର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

# ସମ୍ବାଦ କଳିକା

TM

E-mail : sambadkalikanews@gmail.com

The Sambad Kalika

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୭୯ ● ୧୬ ଅପ୍ରେଲ ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-79 ● 16th April 2024, Tuesday ● Bhubaneswar

Licensed to post without pre-payment of postage No- BN-60/22-24


# ୨୦୪୭ ବିକଶିତ ଭାରତ ଯୋଜନା କଥା କହିଲେ, ଲୋକଙ୍କୁ ନ ଡରିବାକୁ ପରାମର୍ଶ ଦେଲେ

**ନୂଆଦିଲ୍ଲୀ, ୧୫।୪**

ଭାରତକୁ ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ପ୍ରସ୍ତୁତ ହୋଇଥିବା ଯୋଜନା ସମ୍ପର୍କରେ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଏଥିସହ ଯେତେବେଳେ ସେ ବଡ଼ ଯୋଜନା କଥା କହୁଛନ୍ତି ସେତେବେଳେ ଲୋକମାନେ ଆଦୌ ଡରନ୍ତୁ ନାହିଁ ବୋଲି ପରାମର୍ଶ ଦେଇଛନ୍ତି।

ଏକ ସମ୍ବାଦ ସରବରାହ ସଂସ୍ଥାକୁ ସାକ୍ଷାତକାର ଦେଇ ପ୍ରଧାନମନ୍ତ୍ରୀ ମୋଦି ବିରୋଧୀଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି। ବିଜେପି ଯଦି ଲୋକସଭା ନିର୍ବାଚନ ଜିତିବ, ତାହେଲେ ସମ୍ବିଧାନକୁ ବଦଳାଇବ ବୋଲି ବିରୋଧୀ ଗୋଟିଏ ଭୟ ଲୋକଙ୍କ ମଧ୍ୟରେ ପ୍ରଚାର କରୁଥିବା ମଧ୍ୟ ମୋଦି କହିଛନ୍ତି।

ସେ କହିଛନ୍ତି, ଯେତେବେଳେ ମୁଁ କହୁଛି ମୋ ପାଖରେ ବଡ଼ ଯୋଜନା ସବୁ



ରହିଛି ସେତେବେଳେ କେହି ବି ଭୟଭୀତ ହୁଅନ୍ତୁ ନାହିଁ। ମୁଁ କେବେ ହେଲେ କାହାକୁ ଡରାଇବା ପାଇଁ କିମ୍ବା କାହାର କ୍ଷତି କରିବା ପାଇଁ ନିଷ୍ପତ୍ତି ନିଏ ନାହିଁ । ମୁଁ ଦେଶର ସର୍ବାଙ୍ଗୀନ ବିକାଶ ପାଇଁ ନିଷ୍ପତ୍ତି ନେଇଥାଏ।

ଅତିରିକ୍ତ ଭାବେ ସରକାରମାନେ କୁହନ୍ତି ଯେ ଆମେ ସବୁ କିଛି କରି ଦେଇଛୁ। କିନ୍ତୁ ମୁଁ ଏଥିରେ ବିଶ୍ୱାସ କରେ ନାହିଁ । ମୁଁ ସବୁ କିଛି ଠିକ ଦିଗରେ କରିବା ପାଇଁ ଚେଷ୍ଟା କରୁଛି। ତଥାପି ଆହୁରି ଅନେକ କିଛି କରିବାର ଅଛି । ମୋ ଦେଶର ଅନେକ ଆବଶ୍ୟକତା ରହିଛି। କେମିତି ମୁଁ ସବୁ ପରିବାରର ସ୍ୱପ୍ନ ପୂରଣ କରିବି, ସେକଥା ମୋ ମନରେ ଚାଲିଛି। ଏଥିପାଇଁ ମୁଁ ସବୁବେଳେ କହୁଛି ଯେ ଏସବୁ ଟ୍ରେଲର।

ଦ୍ୱିତୀୟ କଥା ହେଲା ୨୦୪୭ର ଭିଜନ। ପ୍ରଥମତଃ ମୁଁ ଦୀର୍ଘ ସମୟ ଧରି ଗୁଜରାଟର ମୁଖ୍ୟମନ୍ତ୍ରୀ ରହିଛି । ମୋର ସବୁ କିଛିର ଅଭିଜ୍ଞତା ଅଛି। ଯଦି ନିର୍ବାଚନ ବାରମ୍ବାର ହେଉଛି ତାହେଲେ ଆଚରଣବିଧି ଲାଗୁ ହେଉଛି । ଯେଉଁ ରାଜ୍ୟର ନିର୍ବାଚନ ହେଉ ପଛେ ମୋ ରାଜ୍ୟରୁ ୩୦ରୁ ୪୦ ଜଣ ବରିଷ୍ଠ ଓ ଭଲ ଅଧିକାରୀ ପର୍ଯ୍ୟବେକ୍ଷକ ଭାବେ ନିର୍ବାଚନ କାମରେ ଯାଉଥିଲେ। ସେମାନଙ୍କୁ ୪୦ରୁ ୫୦ ଦିନ ବାହାରେ ରହିବାକୁ ପଡୁଥିଲା ।

ଏପରି ସ୍ଥିତିରେ ମୁଁ କେମିତି ସରକାର ଚଳାଇବି, ସେନେଇ ଚିନ୍ତା କରିଥାଏ। କାରଣ ଦେଶରେ ଏମିତି ନିର୍ବାଚନ ହେଉଥିବ ଓ ମୋ (ପୃଷ୍ଠା ୭ରେ)

# ଏଥର ଦେଶରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ, କିନ୍ତୁ ଓଡ଼ିଶାରେ କମିବ : ଆଇଏମ୍‌ଡି

**ନୂଆଦିଲ୍ଲୀ, ୧୫।୪**

ଦେଶର ସାଧାରଣ ଜନତା ଓ ସରକାରଙ୍କ ପାଇଁ ଖୁସି ଖବର। କାରଣ ଭାରତରେ ଏବର୍ଷ ସ୍ୱାଭାବିକଠାରୁ ଅଧିକ ମୌସୁମୀ ବର୍ଷା ହେବ ଏବଂ ଦୀର୍ଘକାଳୀନ ହାରାହାରି (୮୭ ସେମି)ର ୧୦୬ ପ୍ରତିଶତ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ସୋମବାର ପୂର୍ବାନୁମାନ କରିଛି।

ଆଇଏମଡି ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ଉତ୍ତର-ପଶ୍ଚିମ, ପୂର୍ବ ଏବଂ ଉତ୍ତରପୂର୍ବ ରାଜ୍ୟର କିଛି ଅଞ୍ଚଳକୁ ବାଦ ଦେଲେ ଦେଶର ଅଧିକାଂଶ ସ୍ଥାନରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଭାରତରେ ଭଲ ମୌସୁମୀ ବର୍ଷା କରାଉଥିବା ଲା ନିନା ସ୍ଥିତି ଅଗଷ୍ଟ-ସେପ୍ଟେମ୍ବର ସୁଦ୍ଧା ସକ୍ରିୟ ହେବାର ସମ୍ଭାବନା ରହିଛି।

ସାଧାରଣତଃ ଜୁନ ପହିଲାବେଳକୁ କେରଳ ସ୍ପର୍ଶ କରୁଥିବା ଓ ସେପ୍ଟେମ୍ବର ଶେଷ ସପ୍ତାହରେ ପ୍ରତ୍ୟାବର୍ତ୍ତନ କରୁଥିବା ମୌସୁମୀ ଚଳିତ ବର୍ଷ ଦୀର୍ଘମିଆଦୀ



ହାରାହାରି ୧୦୬% ରହିବ ବୋଲି ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟର ସଚିବ ଏମ ରବିଚନ୍ଦ୍ରନ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

କିନ୍ତୁ ଓଡ଼ିଶା ପାଇଁ ସ୍ଥିତି ସେତେଟା ଆଶାଜନକ ନଥିବା ଆଇଏମଡି ରିପୋର୍ଟରୁ ଜଣାପଡ଼ିଛି। ଓଡ଼ିଶାରେ ହାରାହାରିଠାରୁ କମ ବର୍ଷା ହେବାର ସମ୍ଭାବନା ବ୍ୟକ୍ତ କରାଯାଇଛି। ଅର୍ଥାତ ଓଡ଼ିଶାରେ ନିଅଣ୍ଟିଆ ବର୍ଷା ହେବାର ଆଶଙ୍କା ରହିଛି । ଏହା ଫଳରେ ଓଡ଼ିଶାର ଚାଷୀମାନଙ୍କ ପାଇଁ ସ୍ଥିତି ଚିନ୍ତାଜନକ ହେବାର ଆଶଙ୍କା ରହିଛି ।

## ୧୧ଟାରୁ ୩ଟା ଯାଏଁ ବାହାରେ କାମ କରିବା ମନା, ଚିଠି ଲେଖି ନିର୍ଦ୍ଦେଶ ଦେଲେ ସ୍ୱତନ୍ତ୍ର ରିଲିଫ କମିଶନର

**ଭୁବନେଶ୍ୱର, ୧୫।୪**

**ନ୍ୟୁଜ୍ ବ୍ୟୁରୋ**

ଖରାରେ ସିଝୁଛି ଓଡ଼ିଶା। ସକାଳ ୮ଟାରୁ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ତେବେ ପ୍ରବଳ ଖରାରେ କାମ ନ କରିବାକୁ କଡ଼ା ଭାବେ ବାରଣ କରାଯାଇଛି। ଏ ନେଇ ସବୁ ଜିଲ୍ଲାପାଳଙ୍କୁ ସ୍ୱତନ୍ତ୍ର ରିଲିଫ କମିଶନର ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି । ସୂଚନାନୁଯାୟୀ, ଦିନ ୧୧ଟାରୁ ୩ଟା ଭିତରେ ବାହାରେ କାମ ନ କରିବାକୁ କୁହାଯାଇଛି । ନିର୍ଦ୍ଦେଶ ଅବମାନନା ହେଲେ ସଂପୃକ୍ତ ଅଧିକାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ହେବ। ବିପର୍ଯ୍ୟୟ ପରିଚାଳନା ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

ଆଗାମୀ ୪ ରୁ ୫ ଦିନ ମଧ୍ୟରେ ରାଜ୍ୟରେ ଅନେକ ସ୍ଥାନରେ ଦିନର ତାପମାତ୍ରା ଧୀରେ ଧୀରେ ୪ ରୁ ୬ ଡିଗ୍ରୀ ଯାଏ ବୃଦ୍ଧି ହେବାର ସମ୍ଭାବନା ରହିଛି। ଯାହା ଫଳରେ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ରେକର୍ଡ ହେବା ସହ ୧୭ ରୁ ୨୦ ତାରିଖ ମଧ୍ୟରେ କିଛି ଜିଲ୍ଲାରେ ୪୩ ରୁ ୪୫ଡିଗ୍ରୀ ଯାଏ ତାପମାତ୍ରା ରେକର୍ଡ ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏଭଳି ପାଣିପାଗ ସ୍ଥିତିକୁ ଲକ୍ଷ୍ୟ କରି ବିଭାଗ ତରଫରୁ ଆଗାମୀ ୫ ଦିନ ଯାଏ ଗ୍ରୀଷ୍ମ ପ୍ରବାହ ପାଇଁ ଚେତାବନୀ ଜାରି କରାଯାଇଛି।


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


# ୪୫ ବର୍ଷ ପୁରୁଣା ଶତ୍ରୁତାର ନିଆଁ: ଭାରତ ଚିନ୍ତିତ, ସଂଯମ ପାଇଁ ପରାମର୍ଶ

**ୱାଶିଂଟନ, ୧୫।୪**

ଇରାନ ଓ ଇସ୍ରାଏଲ ମଧ୍ୟରେ ଏବେ ଯେଉଁ ତିକ୍ତତା ଦେଖିବାକୁ ମିଳିଛି ତାହା ପଛରେ ୪୫ ବର୍ଷ ପୁରୁଣା ଶତ୍ରୁତା ରହିଛି। ୧୯୭୯ ଇରାନ ବିପ୍ଲବ ସମୟରେ ଆମେରିକା ସହ ଜଡ଼ିତ ଥିବା ପହଲବୀ ରାଜବଂଶକୁ ଉଚ୍ଛେଦ କରାଯାଇଥିଲା। ଏହାପରେ ଆୟାତୋଲ୍ଲା ରୁହୁଲ୍ଲା ଖେମେନିଙ୍କ ନେତୃତ୍ୱରେ ଏକ ଧାର୍ମିକ ଶାସନ ବ୍ୟବସ୍ଥା ସୃଷ୍ଟି ହୋଇଥିଲା । ଏହି ଶାସନ ବ୍ୟବସ୍ଥା ଆମେରିକାକୁ ଏକ ବଡ଼ ସୈତାନ ବୋଲି କହିବା ସହ ସବୁଠାରୁ ବଡ଼ ଶତ୍ରୁ ବୋଲି ଘୋଷଣା କରିଥିଲା। ଏଭଳି ପରିସ୍ଥିତିରେ ଲଗାତାର ତିକ୍ତତା, ଦ୍ୱନ୍ଦ୍ୱ ଓ ଲଢେଇ ବଢିବା ସହ ପାଲେଷ୍ଟାଇନକୁ ନେଇ ଆମେରିକା ସର୍ବଦା ଇସ୍ରାଏଲର ପକ୍ଷରେ ରହିଲା। ଇରାନର ପରମାଣୁ କାର୍ଯ୍ୟକ୍ରମକୁ ବିଫଳ କରିବା ପାଇଁ ଆମେରିକା ସମସ୍ତ ପ୍ରୟାସ ଜାରି



ରଖିବା ସହ ଅନ୍ୟ ଇସଲାମିକ ରାଷ୍ଟ୍ରଗୁଡ଼ିକ ସହ ଇରାନର ସମ୍ବନ୍ଧ ଉପରେ କଡ଼ା ନଜର ରଖିବା ଆରମ୍ଭ କଲା।

ଗତ ଦଶନ୍ଧି ମଧ୍ୟରେ ଉଭୟ ତେହେରାନ ଓ ତେଲଆଭିଭ ପରସ୍ପର ଉପରେ ଆକ୍ରମଣ କରିଥିଲେ ମଧ୍ୟ ଆକ୍ରମଣରେ ସିଧାସଳଖ ସମ୍ପୃକ୍ତିକୁ ଅସ୍ୱୀକାର କରିଛନ୍ତି । ତେଣୁ ଉଭୟ ରାଷ୍ଟ୍ରର ଗୁପ୍ତ ଆକ୍ରମଣଜନିତ କ୍ଷୟକ୍ଷତିକୁ ନେଇ ଅନେକ କିଛି ଲୋକଲୋଚନକୁ ଆସିନାହିଁ । ବର୍ଷ ବର୍ଷ ଧରି ସେମାନଙ୍କ ମଧ୍ୟରେ ଚାଲିଥିବା ଏହି ସଂଘର୍ଷକୁ ଛାୟା ଯୁଦ୍ଧ ବୋଲି କୁହାଯାଉଛି। ଏହି ଛାୟା ଯୁଦ୍ଧ ମଧ୍ୟରେ ଲେବାନନ ଓ ସିରିଆ ଦୁଇଟି ଯୁଦ୍ଧକ୍ଷେତ୍ର ଭାବେ (ପୃଷ୍ଠା ୭ରେ)

# ଜୟଶଙ୍କରଙ୍କ ଫୋନ କଲ୍‌ରେ ତତ୍ପର ହେଲେ ଇରାନର ବୈଦେଶିକ ମନ୍ତ୍ରୀ, ମୁକ୍ତ ହେବେ ୧୭ ଜଣ ଭାରତୀୟ

**ନୂଆଦିଲ୍ଲୀ, ୧୫।୪**

ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ଗୋଟିଏ ଫୋନ କଲ୍‌ରେ ତତ୍ପର ହୋଇଛନ୍ତି ଇରାନ ବୈଦେଶିକ ମନ୍ତ୍ରୀ। ଭାରତୀୟ ପ୍ରତିନିଧିଙ୍କୁ ଖୁବଶୀଘ୍ର ଏମଏସସି ଏରିର ଭାରତୀୟ କ୍ରୁ ମେମ୍ବରଙ୍କୁ ଭେଟିବାକୁ ଅନୁମତି ଦିଆଯିବ ବୋଲି କହିଛନ୍ତି ଇରାନର ବୈଦେଶିକ ମନ୍ତ୍ରୀ ଅମୀର ଅବଦୁଲ୍ଲାୟନ। ଏସ ଜୟଶଙ୍କର ଅମୀର ଅବଦୁଲ୍ଲାୟନଙ୍କ ସହ କଥାବାର୍ତ୍ତା କରୁଥିବା ବେଳେ ପ୍ରଥମେ ଭାରତୀୟ କ୍ରୁ ମେମ୍ବର୍ସଙ୍କ ପ୍ରସଙ୍ଗ ଉଠାଇଥିଲେ।

ଖୁବ ଶୀଘ୍ର ମୁକ୍ତ ହେବେ ୧୭ ଜଣ ଭାରତୀୟ କ୍ରୁ ମେମ୍ବର୍ସ । ଇସ୍ରାଏଲ-ଇରାନ ଯୁଦ୍ଧ ମଧ୍ୟରେ ମାଲବାହୀ ଜାହାଜ ଏମଏସସି ଏଆରସିର ୧୭ ଜଣ ଭାରତୀୟ କ୍ରୁ ମେମ୍ବରଙ୍କ ସୁରକ୍ଷା ଏବଂ ଶୀଘ୍ର ମୁକ୍ତ କରିବା ପାଇଁ ଭାରତ ଇରାନ ସହ ନିରନ୍ତର



ଯୋଗାଯୋଗରେ ରହିଛି ।

ଦୁଇ ଦେଶର ଯୁଦ୍ଧ ମଧ୍ୟରେ ଇରାନ ଇସ୍ରାଏଲର ଏକ ଜାହାଜ ଏମଏସସି ଏରିକୁ ନିଜ କବଜାକୁ ନେଇଯାଇଛି, ଜାହାଜରେ ଥିବା ୨୫ ସଦସ୍ୟଙ୍କ ମଧ୍ୟରୁ ୧୭ଜଣ ଭାରତୀୟ ଅଛନ୍ତି । ଏହା ଜଣାପଡିବା ପରେ ସେମାନଙ୍କୁ ସୁରକ୍ଷିତ ମୁକ୍ତି ପାଇଁ ଭାରତୀୟ ସରକାର ଲଗାତାର ଇରାନ ସରକାରଙ୍କ ସହ ସମ୍ପର୍କରେ ଥିବା ଜଣାପଡିଛି ଏବଂ ଖୁବ ଶୀଘ୍ର ସମସ୍ତ ଭାରତୀୟ ଚାଳକଙ୍କୁ ମୁକ୍ତି ମିଳିବ ବୋଲି ମଧ୍ୟ ସୂଚନା ମିଳିଛି।

# ରାଜ୍ୟରେ ଆଗାମୀ ୫ ଦିନ ଯାଏଁ ହିଟୱେଭ ଆଲର୍ଟ ଜାରି

**ଭୁବନେଶ୍ୱର, ୧୫।୪**

**ନ୍ୟୁଜ୍ ବ୍ୟୁରୋ**

ତାତି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆଲର୍ଟ ଜାରି କଲା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ୧୭ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଆହୁରି ବଢିବ ତାପମାତ୍ରା। ୪୩ରୁ ୪୫ ଡିଗ୍ରୀ ପର୍ଯ୍ୟନ୍ତ ତାତି ବଢ଼ିପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

ବଲାଙ୍ଗୀର, ଟିଟଲାଗଡ଼, ବୌଦ୍ଧରେ ସବୁଠୁ ଅଧିକ ତାପମାତ୍ରା ଅନୁଭୂତ ହେବା ନେଇ ଆକଳନ କରିଛି ବିଭାଗ। ଆଗାମୀ ୫ଦିନ ଯାଏ ତାପମାତ୍ରା ୪ରୁ ୫ ଡିଗ୍ରୀ ଯାଏ ବଢିବ। ନିର୍ବାଚନ ପ୍ରଚାର ଓ ରାଲିଠୁ ନେଇ ଅତ୍ୟଧିକ ଗହଳିଆ ସ୍ଥାନରୁ ଦୁରେଇ ରହିବାକୁ ଆଲର୍ଟ ଜାରି କଲା ବିଭାଗ।



ସାଧାରଣ ଲୋକ, ଗର୍ଭବତୀ ମହିଳା, ବୟସ୍କ ବ୍ୟକ୍ତି, ଛୋଟ ପିଲା, ରୋଗାକ୍ରାନ୍ତ ଲୋକ ଖରାର ପିକ ସମୟ ୧୧ରୁ ୩ଟା ଯାଏ ଘରୁ ନ ବାହାରିବାକୁ ପରାମର୍ଶ ଦେଇଛି ପାଣିପାଗ ବିଭାଗ। ସିଧା ସଳଖ ସୂର୍ଯ୍ୟକିରଣରେ ଆସିଲେ ବିଶେଷ ଅସୁବିଧାର ସମ୍ଭାବନା ହେବେ । ଅଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅତ୍ୟଧିକ (ପୃଷ୍ଠା ୭ରେ)

# ପୁଲିସ ମହାନିର୍ଦ୍ଦେଶକଙ୍କ ମାଲକାନଗିରି ଗସ୍ତ, ମାଓ ଗତିବିଧି ସହ ନିର୍ବାଚନ ପ୍ରସ୍ତୁତିର କଲେ ସମୀକ୍ଷା

**ମାଲକାନଗିରି, ୧୫।୪**

**ନ୍ୟୁଜ୍ ବ୍ୟୁରୋ**

ପୁଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ ସୋମବାର ମାଲକାନଗିରି ଜିଲ୍ଲା ଗସ୍ତ କରି ମାଓ ଗତିବିଧି ସହ ନିର୍ବାଚନ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି । ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ଷଡ଼ଙ୍ଗୀ ପ୍ରଥମେ ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳର ଗୋରାସେତୁ ବି.ଏସ.ଏଫ କ୍ୟାମ୍ପ ଗସ୍ତ କରି ମାଓବାଦୀଙ୍କ ଗତିବିଧି ଓ ଏହାର ମୁକାବିଲା ସହ ଆଗାମୀ ସାଧାରଣ ନିର୍ବାଚନ ପ୍ରସ୍ତୁତି ସଙ୍ଗେ ସଙ୍ଗେ କମ୍ବିଂ ଅପରେସନ ନେଇ ବି.ଏସ.ଏଫ ଓ ଏସ.ଓ.ଜି ଯବାନଙ୍କ ସହିତ ଆଲୋଚନା କରିଥିଲେ। ପରେ ମାଲକାନଗିରି ଜିଲ୍ଲା ପୁଲିସ କାର୍ଯ୍ୟାଳୟଠାରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ଆରକ୍ଷୀ ଅଧିକ୍ଷକମାନଙ୍କ ସହ



ମାଓବାଦୀ ସ୍ଥିତିର ସମୀକ୍ଷା ସହ ଆଗାମୀ ନିର୍ବାଚନ କିଭଳି ନିରପେକ୍ଷ, ମୁକ୍ତ ଓ ଅବାଧ ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ।

ଆରକ୍ଷୀ ଅଧିକ୍ଷକମାନେ ମଧ୍ୟ ସେମାନଙ୍କର ପ୍ରସ୍ତୁତି ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କୁ ଅବଗତ କରାଇଥିଲେ । ଏଥିସହ କେତେ ଫୋର୍ସର ଆବଶ୍ୟକତା ରହିଛି ଓ କିଭଳି ଅପରେସନ କରାଯିବ, ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବର୍ତ୍ତମାନ ପରିସ୍ଥିତିରେ (ପୃଷ୍ଠା ୭ରେ)

# ଭୁବନେଶ୍ୱର ସବୁଠୁ ଉତ୍ତପ୍ତ



**ଭୁବନେଶ୍ୱର, ୧୫।୪**

**ନ୍ୟୁଜ୍ ବ୍ୟୁରୋ**

ଡହଡହ ଖରାରେ ସିଝୁଛି ରାଜଧାନୀ। ଭୁବନେଶ୍ୱର ଦିନ ସାଢ଼େ ୨ଟାରେ ୪୧.୨ ଡିଗ୍ରୀ ସହ ଭୁବନେଶ୍ୱର (ପୃଷ୍ଠା ୭ରେ)

## ଏକାଳ ସଖାଳ



ବେଳ ଥାଉ ଥାଉ ବନ୍ଧ ବାନ୍ଧ ବନ୍ଧୁ  
ରହିଅଛି ପରା କଥା  
ହେଲେ ଏ ଦଳ ପୁରୁଣା ଲୋକଙ୍କୁ  
ତଡିବାଟା କରେ ପ୍ରଥା  
ଦେଖି ହେଉନାହିଁ ବ୍ୟଥା  
ବୁଡିବା ବେଳକୁ ଏମିତିକା କାଣ୍ଡ  
ନେତା ପିଟୁଥାନ୍ତି ମଥା।

# ନବୀନଙ୍କ ବିକାଶ ଭିଜନ୍‌'ର ସଫଳ ରୂପକାର କାର୍ତ୍ତିକ ପାଣ୍ଡିଆନ୍

**ଭୁବନେଶ୍ୱର, ୧୫।୪**

**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ସଫଳ ତଥା ଦୃଢ ନେତୃତ୍ୱରେ ପରିଚାଳିତ ହେଉଛି ଓଡ଼ିଶାର ବିକାଶ ପ୍ରକ୍ରିୟା। ଆର୍ଥିକ କ୍ଷେତ୍ରରେ ଓଡ଼ିଶାର ଅଭ୍ୟୁତ୍ଥାନ ଘଟିଛି। ଆଉ ରାଜ୍ୟର ଏହି ଉଲ୍ଲେଖନୀୟ ରୂପାନ୍ତରଣର ପଛଦପଟ ନାୟକ ଭାବେ ଉଭା ହୋଇ କାମ କରୁଛନ୍ତି ଭି.କେ ପାଣ୍ଡିଆନ୍। ୫-ଟି ଅଧକ୍ଷ ଶ୍ରୀ ପାଣ୍ଡିଆନ୍ ଓଡ଼ିଶାକୁ ବିଗ୍ ଇନ୍‌ଭେଷ୍ଟମେଣ୍ଟ ବା ବଡ ଧରଣର ପୁଞ୍ଜି ନିବେଶକାରୀଙ୍କୁ ଆକୃଷ୍ଟ କରିବା ସହିତ ସୁଶାସନ ଏବଂ



ବିକାଶ ପାଇଁ ନୂଆ ବେଞ୍ଚ ମାର୍କ ପ୍ରତିଷ୍ଠା ଭଳି ଓଡ଼ିଶାର ମହାତ୍ୱାକାଂକ୍ଷୀ ଅଭିଯାନରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଏବଂ ଜନସେବା ପ୍ରତି ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତାରେ ଅନୁପ୍ରାଣିତ ହୋଇ ଶ୍ରୀ ପାଣ୍ଡିଆନ୍ ଆଇଏଏସ୍ ଅଫିସର ପଦ ଭାର ଓ କାର୍ଯ୍ୟରୁ ସ୍ୱେଚ୍ଛାକୃତ ଅବସର ନେଇଛନ୍ତି। ଗତ ନଭେମ୍ବର ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳରେ ଯୋଗଦାନ କରିବା ପରଠାରୁ ଶ୍ରୀ ପାଣ୍ଡିଆନ୍ ମୁଖ୍ୟମନ୍ତ୍ରୀଙ୍କ ଭିଜନ ଏବଂ ଆଦର୍ଶ ମୂଲ୍ୟବୋଧକୁ ନେଇ ବିଭିନ୍ନ କ୍ଷେତ୍ରରେ ସ୍ୱଚ୍ଛତା, ଦକ୍ଷତା ବୃଦ୍ଧି ଏବଂ ଶାସନ ବ୍ୟବସ୍ଥାରେ ଉନ୍ନତି ଆଣିବା ସର୍ବପରି ସରକାରୀ ଯୋଜନାର ସୁଫଳ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ଦିଗରେ ପଦକ୍ଷେପମାନ ଗ୍ରହଣ କରିଛନ୍ତି। ଶ୍ରୀ ପାଣ୍ଡିଆନ୍‌ଙ୍କ (ପୃଷ୍ଠା ୭ରେ)

# କେଜ୍ରିୱାଲ୍‌ଙ୍କୁ ମିଳିଲାନି ଆଶ୍ୱସ୍ତି, ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୯ରେ



**ନୂଆଦିଲ୍ଲୀ, ୧୫।୪**

ସୁପ୍ରିମ୍‌କୋର୍ଟରୁ ମିଳିଲାନି କେଜ୍ରିୱାଲ୍‌ଙ୍କୁ ଆଶ୍ୱସ୍ତି । ମଦ ନୀତି ମାମଲାରେ ଗିରଫ ହେବା ପରେ ବର୍ତ୍ତମାନ ତିହାର ଜେଲରେ ରହୁଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ମାମଲାର ଶୁଣାଣି ସୋମବାର ସୁପ୍ରିମ୍‌କୋର୍ଟରେ ଶୁଣାଣି ହେବାର ଥିଲା। ଅଦାଲତ ସୋମବାର କହିଛନ୍ତି ଯେ ମଦ ନୀତି ମାମଲା ସହ ଜଡିତ ଅର୍ଥ ହେରଫେର ମାମଲାର ଶୁଣାଣି ଆଗାମୀ ଏପ୍ରିଲ ୨୯ ତାରିଖରେ ହେବ।

ମଦ ନୀତି ମାମଲାରେ କେଜ୍ରିୱାଲ ମାର୍ଚ୍ଚ ୨୧ ତାରିଖରେ ଗିରଫ ହେବା ପରେ ତାହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଏକ ଆବେଦନ କରିଥିଲେ । ଏପ୍ରିଲ ୯ ତାରିଖରେ କେଜ୍ରିୱାଲ୍‌ଙ୍କ ଆବେଦନକୁ ଅଦାଲତ ଖାରଜ କରି ଦେଇଥିଲେ। (ପୃଷ୍ଠା ୭ରେ)



# ଭିତ୍ତିଭୂମି ସବଳ, ସ୍ୱାସ୍ଥ୍ୟସେବା ଦୁର୍ବଳ: ପୂରଣ ହେଉନି ୨୧୭ ଡାକ୍ତର ପଦବୀ

**କୋରାପୁଟ, ନ୍ୟୁଜ୍‌ବ୍ୟୁରୋ**

ସବୁ ଡାକ୍ତରଖାନା କୋଠା ଚକାଚକ୍। ଅତ୍ୟାଧୁନିକ ଯନ୍ତ୍ରପାତି ମଧ୍ୟ ମହଜୁଦ୍ ଅଛି। ମାଗଣା ଔଷଧ ସହ ସମସ୍ତ ପରୀକ୍ଷାନିରୀକ୍ଷା ଲାଗି ଫାର୍ମାସିଷ୍ଟ୍ ଓ ଷ୍ଟାଫ୍ ନର୍ସଙ୍କୁ ନିଯୁକ୍ତି ଦିଆଯାଇଛି। ଅଥଚ ରୋଗ ନିରୂପଣ ପାଇଁ ନାହାନ୍ତି ଡାକ୍ତର। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠୁ ଆରମ୍ଭ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସବୁଠି ଡାକ୍ତର ମରୁଡ଼ିର ଚିତ୍ର ସମାନ। ଏମ୍‌ବିବିଏସ୍, ଆସିଷ୍ଟାଣ୍ଟ ସର୍ଜନ, ବିଶେଷଜ୍ଞଙ୍କୁ ଛାଡ଼ିଲେ ଆୟୁଷ ଡାକ୍ତରଙ୍କ ସ୍ଥିତି ମଧ୍ୟ ଜିଲ୍ଲାରେ ଚିନ୍ତାଜନକ। ବାରମ୍ବାର ଦାବି ସତ୍ତ୍ୱେ ଡାକ୍ତର ନିଯୁକ୍ତି ହୋଇପାରୁନଥିବାରୁ ଉତ୍ତମ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇଛନ୍ତି କୋରାପୁଟ ଜିଲ୍ଲାବାସୀ।

କୋରାପୁଟ ଜିଲ୍ଲାରେ ଗୋଟିଏ ମେଡିକାଲ କଲେଜ, ଗୋଟିଏ ଜିଲ୍ଲା ଚିକିତ୍ସାଳୟ, ୧୬ଟି ସ୍ୱାସ୍ଥ୍ୟକେନ୍ଦ୍ର, ୪ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ୪ଟି ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର, ୪୭ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୩୦୭ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର ରହିଛି। ଜିଲ୍ଲାରେ ଏବେ ୧୨ଲକ୍ଷ



ଅଧିବାସୀ ବସବାସ କରୁଛନ୍ତି। ଜନସଂଖ୍ୟା ସହ ରୋଗୀଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ମେଡିକାଲ୍ କଲେଜ ଓ ଜିଲ୍ଲା ଚିକିତ୍ସାଳୟକୁ ଦୈନିକ ପ୍ରାୟ ୨୦୦୦ ରୋଗୀଙ୍କ ଆଗମନ ହେଉଛି। ୧୮୦୦ ରୋଗୀ ଆଡମିଟ୍ ହେଉଥିବା ବେଳେ ୨୦୦ ରୋଗୀ ଚିକିତ୍ସିତ ହୋଇ ଫେରୁଛନ୍ତି। ୨୦୨୩-୨୪ ବର୍ଷର ଡିସେମ୍ବର ମାସ ସୁଦ୍ଧା ୫୦ହଜାର ୭୦୦ ରୋଗୀ ଚିକିତ୍ସା ସୁବିଧା ପାଇଛନ୍ତି। ୨୦୨୨-୨୩ରେ ୬୦ ହଜାର, ୨୦୨୧-୨୨ରେ ୭୦ ହଜାର ଓ ୨୦୨୦-୨୧ରେ ୬୫ ହଜାର ରୋଗୀ ଚିକିତ୍ସିତ ହୋଇଛନ୍ତି।

ଡାକ୍ତର ମରୁଡ଼ି ସତ୍ତ୍ୱେ ଏତେ ସଂଖ୍ୟକ ରୋଗୀଙ୍କ ଚିକିତ୍ସା କିପରି ହେଉଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲାରେ ୫୬୯ଟି ଡାକ୍ତର ପଦବିକୁ ସରକାର ମଞ୍ଜୁର କରିଛନ୍ତି। ସେଥି ମଧ୍ୟରୁ ୩୫୨ ଡାକ୍ତର କାର୍ଯ୍ୟରତ ଅଛନ୍ତି। ୨୧୭ ଡାକ୍ତର ପଦବି ଖାଲି ପଡ଼ିଛି। ସେହିପରି ଜିଲ୍ଲାରେ ୬୦ ଆୟୁଷ ଡାକ୍ତର କାର୍ଯ୍ୟ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଅନୁମତି ଦେଇଛି। ହେଲେ ମାତ୍ର ୧୧ ଆୟୁଷ ଡାକ୍ତର କାର୍ଯ୍ୟ କରୁଛନ୍ତି। ଦୀର୍ଘ ବର୍ଷ ହେଲା ୫୦ ପଦବି ଖାଲି ପଡ଼ିଛି। ନିୟମିତ ଚାକିରି ସହ ଅନ୍ୟାନ୍ୟ ନ୍ୟାଯ୍ୟ ଦାବି ପୂରଣ ଦିଗରେ ସରକାର ଅବହେଳା କରୁଥିବାରୁ ଏହି ଜିଲ୍ଲାକୁ ଆୟୁଷ ଡାକ୍ତର ଆସିବାକୁ ନାରାଜ। କାର୍ଯ୍ୟରତ ୧୧ ଆୟୁଷ ଡାକ୍ତରଙ୍କ ମଧ୍ୟରୁ ୩ ଜଣ ସିଏଚସିରେ ଓ ୮ ଜଣ ପିଏଚ୍‌ସିରେ ନିଯୁକ୍ତ ହୋଇଛନ୍ତି। ଡାକ୍ତର ଓ ଆୟୁଷ ଡାକ୍ତର ପଦବୀ ପୂରଣ ପାଇଁ ରାଜ୍ୟସ୍ତରୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ କହିଛନ୍ତି।

# ୨୭ଲକ୍ଷ ଟଙ୍କାର ଡିଜେଲ୍, ପିଚୁ ଠକେଇ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଲକ୍ଷେ କି ଦୁଇ ଲକ୍ଷ ନୁହେଁ, କମ୍ପାନୀକୁ ଲଗାଯାଇଛି ୨୭ଲକ୍ଷ ଟଙ୍କାର ଚୁନ। କମ୍ପାନୀର ଜଣେ ସେଲ୍‌ସମ୍ୟାନ୍ ହିଁ ଏହି ଦୁର୍ନୀତି କରିଛନ୍ତି। ଖୋର୍ଦ୍ଧା ସଦର ଥାନା ତାପଙ୍ଗ ସ୍ଥିତ ଶିବମ କନଡେଭ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ କନ୍‌ଷ୍ଟ୍ରକ୍‌ସନ୍ କମ୍ପାନୀ ଥାନାରେ ଏ ପ୍ରକାର ଅଭିଯୋଗ ଆଣିଛି। କମ୍ପାନୀର ଡିଜେଲ୍ ଇନ୍‌ଚାର୍ଜ ମହେନ୍ଦ୍ର ଗୁମାନ୍‌ସିଂହ ନାମକ ଜଣେ କର୍ମଚାରୀ ଏତେ ବଡ଼ ଠକେଇ କରିଛନ୍ତି ବୋଲି କମ୍ପାନୀ ନିଜ ଅଡିଟ୍‌ରୁ ଜାଣିବାକୁ ପାଇଛି। କମ୍ପାନୀର ପ୍ଲାଣ୍ଟ୍ ଇନ୍‌ଚାର୍ଜ ସୁନୀଲ କୁମାର ନାୟକଙ୍କ ଅଭିଯୋଗ କ୍ରମେ ସଦର ଥାନା ପୁଲିସ ଏକ ଠକେଇ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ଏ ଠକେଇର ଅଭିଯୁକ୍ତ ଶ୍ରୀ ଗୁମାନସିଂହଙ୍କର ଘର ହେଉଛି ପୁରୀ ଜିଲ୍ଲା ପିପିଲି ଥାନା ପଦସାହିରେ। ସେ କମ୍ପାନୀରେ ପ୍ରାୟ ୧୩ବର୍ଷ କାଳ ଚାକିରି କରିଥିଲେ। କମ୍ପାନୀର ତାପଙ୍ଗ ୟୁନିଟ୍‌ରେ ତାଙ୍କୁ ଡିଜେଲ୍ ଇନ୍‌ଚାର୍ଜ ପଦ ଦିଆଯାଇଥିଲା। ଗଲାବର୍ଷ ୨୦୨୩ ମସିହା ଅଗଷ୍ଟ ମାସ ୯ତାରିଖରେ କମ୍ପାନୀ ଅଡିଟ୍‌ରୁ ଏକ ବଡ଼ଧରଣର କେଳେଙ୍କାରୀ ହୋଇଥିବା ଜଣାପଡ଼ିଥିଲା। କମ୍ପାନୀର ମୋଟ୍ ୧୪ଶହ ୨୫ଲିଟର ଡିଜେଲ୍ ଗାଏବ୍ ହୋଇଥିଲା। ଲିଟର ପିଛା ୯୪.୭୬ଟଙ୍କା ହିସାବରେ ଡିଜେଲ୍ ବାବଦକୁ ମୋଟ୍ ଏକ ଲକ୍ଷ ୩୫ହଜାର ୩୩ ଟଙ୍କାର କ୍ଷୟକ୍ଷତି ହୋଇଥିବା ଅଡିଟ୍‌ରୁ ସ୍ପଷ୍ଟ ହୋଇଥିଲା। କେବଳ ଡିଜେଲ୍ ନୁହେଁ, କମ୍ପାନୀରୁ ମୋଟ୍ ୪୨.୮୪୨ ମେଟ୍ରିକ୍ ଟନ୍‌ର ପିଚୁ ବି ଦୁର୍ନୀତି ହୋଇଥିବା ଅଡିଟ୍ ରିପୋର୍ଟରୁ ସ୍ପଷ୍ଟ ହୋଇଥିଲା। ଅଡିଟ୍ ରିପୋର୍ଟରୁ ଏ ଦୁର୍ନୀତି କଥା ପଦାକୁ ଆସିଲା ପରେ କମ୍ପାନୀ କର୍ତ୍ତୃପକ୍ଷ ଗଲା ୨୦୨୩ ମସିହା ଅଗଷ୍ଟ ମାସ ୧୬ ତାରିଖରେ ଖୋର୍ଦ୍ଧା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ପୁଲିସ ଅଭିଯୋଗ ଗ୍ରହଣ କଲା ସତ, କିନ୍ତୁ ରିପୋର୍ଟ ଉପରେ କୌଣସି ପଦକ୍ଷେପ ଗ୍ରହଣ କଲାନାହିଁ। ଯେଉଁଥିପାଇଁ କମ୍ପାନି କର୍ତ୍ତୃପକ୍ଷ ଖୋର୍ଦ୍ଧା ଏସ୍‌ଡିଜେଏମ୍‌ଙ୍କ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ସଦର ଥାନା ପୁଲିସ ଏକ ମାମଲା ରୁଜୁ କରିଛି। ଏ ସମ୍ପର୍କରେ ମାମଲାର ତଦନ୍ତ ଅଧିକାରୀ ଜୟନ୍ତ କୁମାର ଭଟ୍ଟ କହିଛନ୍ତି, ଖୋର୍ଦ୍ଧା ଏସ୍‌ଡିଜେଏମ୍‌ଙ୍କ କୋର୍ଟରୁ ଏ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଆସିଥିଲା। ଆମେ ଏ ସମ୍ପର୍କିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛୁ।

## ଶିକ୍ଷୟିତ୍ରୀ ନିର୍ଯାତନା

# କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଭାବକଙ୍କ ଦାବି

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ମୁରାରୀପୁର ସ୍ଥିତ ଗୋପାଳଜୀୟୁ ହାଇସ୍କୁଲର ଶିକ୍ଷୟିତ୍ରୀ ପ୍ରିୟଙ୍କା ରାଉତଙ୍କୁ ପ୍ରଧାନ ଶିକ୍ଷକଙ୍କ ଦୁର୍ବ୍ୟବହାର ଘଟଣା କ୍ରମଶଃ ବଢ଼ିବାରେ ଲାଗିଛି। ସ୍ଥାନୀୟ ଯୁବକ କାଳିଆ ବେହେରା ସ୍କୁଲ ପରିସରରେ ତାଙ୍କୁ ଦୁର୍ବ୍ୟବହାର କରିଥିବା ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ଏବେ ଗଣମାଧ୍ୟମରେ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟଧାରା ଉପରେ ଅଭିଯୋଗ ଆରୋପ କରିଛନ୍ତି। ଏଘଟଣାପରେ ଧର୍ମଶାଳା ପୋଲିସ ଓ ସଂପୃକ୍ତ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ତୁରନ୍ତ ଏ ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ଅଭିଭାବକ ମାନେ ଦାବି କରିଛନ୍ତି ।

# ନିମ୍ନମାନର ଆର୍‌ଡି ରାସ୍ତା ନିର୍ମାଣ ନେଇ ଗ୍ରାମବାସୀଙ୍କ ଅଭିଯୋଗ



**ଧର୍ମଗଡ଼, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଦଶପୁର ଗଞ୍ଜାପଡ଼ା ରାସ୍ତା ଠାରୁ ଭାୟା କୁଲିହାରୀଗୁଡ଼ା ଦେଇ ଧାମନପୁର ଆରଡ଼ି ରାସ୍ତାରେ ସଂଯୋଗ ହେଉଥିବା ରାସ୍ତା କାମ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଏହି ରାସ୍ତା କାମଟି ଧର୍ମଗଡ଼ ଗ୍ରାମ୍ୟ ନିର୍ମାଣ ବିଭାଗ ଦ୍ୱାରା ହେଉଥିବା ବେଳେ ୪ କୋଟି ୨୭ ଲକ୍ଷ ୫୫ ହଜାର ଅଟକଳ ପରିମାଣ ସୂଚନାଫଳକରେ ଉଲ୍ଲେଖ କରାଯାଇଛି। କାମର ଠିକାସଂସ୍ଥାକାରୀ ହେଉଛନ୍ତି ମିତ୍ତଲ ଇନ୍‌ଫ୍ରା ପ୍ରୋଜେକ୍ଟ ବାବିର ନୂଆପଡ଼ା ଜିଲ୍ଲା ଅଟନ୍ତି। ଏହି କାମଟିକୁ ବର୍ତ୍ତମାନ ଦଶପୁର ଗ୍ରାମର ବଣ୍ଟି ଅଗ୍ରୱାଲ କରୁଥିବା କୁଲିହାରୀବାସୀ କହିଛନ୍ତି। ରାସ୍ତା କାମଟି ୩.୮୫୧ କିମି ଦୂରତା ପିଚୁ କାମ ଥିବା ବେଳେ ୧.୧୪୯କିମି କଂକ୍ରିଟ ରାସ୍ତା କାମ ହେଉଛି । କଂକ୍ରିଟ କାମରେ ୨୦ ଏମ୍‌ଏମ ଲୁହାଛଡ଼ ବଦଳରେ ୧୨ ଏମ୍‌ଏମ ଛଡ଼ ଓ କମ୍ ସିମେଣ୍ଟ ଦେଇ କାମ କରୁଥିବା ବେଳେ ପିଚୁକାମରେ ଏଷ୍ଟିମେଣ୍ଟ ଅନୁସାରେ କାମ ହେଉ ନ ଥିବା ନେଇ ଗ୍ରାମବାସୀଙ୍କ ଅଭିଯୋଗ କରିଛନ୍ତି। ରାସ୍ତାରେ ହେଉଥିବା ସମସ୍ତ ଛୋଟ ବଡ଼ ପୋଲଗୁଡ଼ିକରେ ପାଣି ଦେଉ ନ ଥିବା ବେଳେ ପିଚୁରାସ୍ତା କାମରେ ମେଟାଲ କମ୍ ଦେଇ ପଥର ଗୁଣ୍ଡ ଦିଆଯାଇଛି। ଯଦି ଏପରି କାମ ହୁଏ ରାସ୍ତାର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଉକ୍ତ କାମକୁ ନେଇ ଦାୟିତ୍ୱରେ ଥିବା ଠିକାଦାରଙ୍କୁ ପଚାରିଲେ ଓଲଟା ମିଳୁଛି ଧମକ୍ ଯାହା ଗ୍ରାମବାସୀ ପ୍ରକାଶ କରିଛନ୍ତି । ରାସ୍ତାଟି ଗ୍ରାମାଞ୍ଚଳ ଭିତରେ ଥିବାରୁ ପ୍ରଶାସନର ନଜର ନାହିଁ କି ବିଭାଗୀୟ ଅଧିକାରୀମାନେ ମଧ୍ୟ ଆସୁ ନ ଥିବା କଥା ଉଠାଇଛନ୍ତି, ଯାହାଫଳରେ କି ସ୍ଥାନୀୟ ଲୋକଙ୍କୁ ଭୟ ଦେଖାଇ ନିମ୍ନମାନ କାମ କରି ହରିଲୁଟ କରୁଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ ଗ୍ରାମ୍ୟ ନିର୍ମାଣ ବିଭାଗ ସହକାରୀ ଯନ୍ତ୍ରୀ ରାଜିନ୍ଦ୍ର ମାଝୀଙ୍କୁ ଫୋନ ଯୋଗେ ଯୋଗାଯୋଗ କଲେ ତଦନ୍ତ କରିବାକୁ ସୂଚନା ଦେଇଛନ୍ତି। ଜିଲ୍ଲା ପ୍ରଶାସନ ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ କୁଲିହାରୀଗୁଡ଼ା ଗ୍ରାମବାସୀ ପକ୍ଷରୁ ଗଜାନନ ଅଧିକାରୀ, ଭୁପେନ୍ଦ୍ର ଛତ୍ରୀଆ, ଶ୍ରୀନିବାସ ଅଧିକାରୀ, ଭୁଜରାମ ଛତ୍ରୀଆ ପ୍ରମୁଖ ଦାବି କରିଛନ୍ତି।

# ମାହାଙ୍ଗାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ ବିନୋଦ ଷଡ଼ଙ୍ଗୀ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ଆଗାମୀ ବିଧାନସଭା ନିର୍ବାଚନରେ ସାରଳା ପୁତ୍ର ଶ୍ରୀରାମ ବିନୋଦ ଷଡ଼ଙ୍ଗୀ ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନଭାବେ ପ୍ରାର୍ଥୀପତ୍ର ଦାଖଲ କରିବେ ବୋଲି ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ନଗସପୁର ଗ୍ରାମର ଉଦୀୟମାନ ଯୁବନେତା ତଥା ଉଚ୍ଚ ଶିକ୍ଷିତ ଯୁବକ ସାରଳାପୁତ୍ର ଶ୍ରୀରାମ ବିନୋଦ ଷଡ଼ଙ୍ଗୀ ଏକାଧାରରେ ଜଣେ ଲେଖକ, ସାମ୍ବାଦିକ, ଆଇନଜୀବୀ, ସମାଜ ସଂସ୍କାରକ ଅଟନ୍ତି। ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବା ନିମନ୍ତେ ସେ ଜନ ସଚେତନତା ସୃଷ୍ଟି କରିଆସୁଛନ୍ତି। ମାନବ ସେବାକୁ ମାଧବ ସେବା ମନେକରି ଏହି ଉଚ୍ଚ ଶିକ୍ଷିତ ଯୁବକ କୌଣସି ସରକାରୀ ଚାକିରୀ କଲେ ନାହିଁ। ରାଜନୀତି ମାଧ୍ୟମରେ ଲୋକସେବା କରିବା ତାଙ୍କ ଜୀବନର ଲକ୍ଷ୍ୟବୋଲି ପ୍ରକାଶ କରିଛନ୍ତି।

## ସଲିମଙ୍କୁ ବିକଳାଙ୍ଗ କରିଦେଲା ବାହାନଗା ରେଳ ଦୁର୍ଘଟଣା : ଷଷ୍ଠ ଥର ଅସ୍ତ୍ରୋପଚାର ପାଇଁ ଡାକ୍ତରଙ୍କ ପରାମର୍ଶ

# ଟଙ୍କା ପାଇଁ ଚିନ୍ତାରେ ପରିବାର, ପ୍ରଧାନମନ୍ତ୍ରୀ ସହାୟତା କୋଷରୁ ମିଳିନି ୫୦ ହଜାର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ହାତ ଅଳ୍ପ ଉଠାଇ ଦେଲେ ମଧ୍ୟ ଏତେ କଷ୍ଟ ହେଉଛି ଯେ ଛାତି ଫାଟି ଯାଉଛି। ନିଜ ହାତରେ ଖାଇବା ସମ୍ଭବ ହେଉନାହିଁ। ଶୌଚକ୍ରିୟା କରିପାରୁ ନାହାନ୍ତି। ପ୍ରତି ମୁହୂର୍ତ୍ତରେ ସ୍ତ୍ରୀ କିମ୍ବା ଝିଅ, ପୁଅଙ୍କୁ ଡାକୁଛନ୍ତି। ଗୋଟିଏ ରେଳ ଯାତ୍ରା ଜୀବନକୁ ଏଭଳି ନର୍କ କରି ଦେବ ବୋଲି କେବେ ଚିନ୍ତା ମଧ୍ୟ କରିନଥିବା କହିଛନ୍ତି ଭୁବନେଶ୍ୱର ଶାନ୍ତିପଲ୍ଲୀର ଅବସରପ୍ରାପ୍ତ ହସ୍‌ପିଟାଲ ଆଟେଣ୍ଡାଣ୍ଟ ଏସ୍.କେ. ସଲିମ(୬୫)। ବାହାନଗାର ସେହି ଭୟଙ୍କର ରେଳ ଦୁର୍ଘଟଣା ଆଜି ତାଙ୍କୁ ବିକଳାଙ୍ଗ କରି ଦେଇଛି। ପ୍ରଥମେ ଏସ୍‌ସିବି ଏବଂ ପରେ ଏମ୍‌ସରେ ସମୁଦାୟ ୫ ଥର ଅସ୍ତ୍ରୋପଚାର ପରେ ମଧ୍ୟ ଅବସ୍ଥାର ସୁଧାର ହୋଇପାରି ନାହିଁ। ଖର୍ଚ୍ଚ ବଢୁଛି ସିନା ସ୍ଥିତି ସୁଧୁରୁ ନାହିଁ। ବରଂ ବର୍ତ୍ତମାନ ଷଷ୍ଠ ଥର ଅସ୍ତ୍ରୋପଚାର ପାଇଁ



ଏମ୍‌ସ ଡାକ୍ତର ପରାମର୍ଶ ଦେଇଛନ୍ତି। ଏଥିପାଇଁ ଡାକ୍ତରଖାନା ପକ୍ଷରୁ ଯେଉଁ ଖର୍ଚ୍ଚର ଆକଳନ କରାଯାଇଛି, ପରିବାର ପାଇଁ ଦେବା କଷ୍ଟକର ହୋଇ ପଡୁଥିବା ଝିଅ ରୋଶନି ଅଲ୍ଲୀ କହିଛନ୍ତି। ଏଣେ ଆଜି ପର୍ଯ୍ୟନ୍ତ ଚିକିତ୍ସାଧୀନ ରୋଗୀଙ୍କୁ ପ୍ରଧାନମନ୍ତ୍ରୀ ସହାୟତା କୋଷରୁ ମିଳିବାକୁ ଥିବା ୫୦ ହଜାର ଟଙ୍କା ମଧ୍ୟ ସଲିମଙ୍କୁ ମିଳିନାହିଁ।

ପରିବାର ଲୋକଙ୍କ ସୂଚନା ଅନୁସାରେ, ୨ ଜୁନ୍ ୨୦୨୩ରେ ସେ ବାଲେଶ୍ୱରରୁ କରମଣ୍ଡଳ ଏକ୍ସପ୍ରେସରେ ଭୁବନେଶ୍ୱରକୁ ଫେରୁଥିବାବେଳେ ରେଳ ଦୁର୍ଘଟଣାରେ ସଲିମଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପ୍ରଥମେ ବାଲେଶ୍ୱର ଏବଂ ପରେ କଟକ ଏସ୍‌ସିବିରେ ଭର୍ତ୍ତି କରାଯାଇଥିଲା। କଟକରେ ଉଭୟ ହାତର ଦୁଇ ଥର ଅସ୍ତ୍ରୋପଚାର କରାଯାଇଥିଲା। ଏକ ମାସ ପରେ ଦେଖିଲା ବେଳକୁ ଅସ୍ତ୍ରୋପଚାର ହୋଇଥିବା ଗୋଟିଏ ହାତ ବୁଲି ଯାଇଥିଲା। ଡାକ୍ତରଙ୍କୁ ଦେଖାଇବା ପରେ ଅସ୍ତ୍ରୋପଚାର ଠିକ୍ ଭାବରେ ହୋଇନଥିବା ଜଣାପଡ଼ିନଥିଲା। ହାତ ସଂକ୍ରମିତ ହୋଇ ଯାଇଥିଲା। ଅଗଷ୍ଟରେ ତୃତୀୟ ଥର ଅସ୍ତ୍ରୋପଚାର କରାଯାଇ ଥିଲା। ପ୍ଲେଟ୍ ଲଗାଇବା ପାଇଁ ଚତୁର୍ଥ ଥର ଅସ୍ତ୍ରୋପଚାର ପାଇଁ ଯେତେବେଳେ ଡାକ୍ତର କହିଲେ ସଲିମ ମନା କରି ଦେଇଥିଲେ। ଏଥର ଏସ୍‌ସିବି ନୁହେଁ ଏମ୍‌ସ ଆସିଲେ। ଏଠାରେ ମଧ୍ୟ ପର୍ଯ୍ୟାୟକ୍ରମରେ ଦୁଇ ହାତରେ ଦୁଇ ଥର ଅସ୍ତ୍ରୋପଚାର କଲେ। ସମୁଦାୟ ୫ ଥର ଅସ୍ତ୍ରୋପଚାର ପରେ ବର୍ତ୍ତମାନ ଡାକ୍ତର କହୁଛନ୍ତି, ଶେଷ ଅସ୍ତ୍ରୋପଚାର ମଧ୍ୟ ବିଫଳ ହୋଇଛି। ହାତରେ ଲାଗିଥିବା ପ୍ଲେଟ ଖସିପଡ଼ିଛି। ବର୍ତ୍ତମାନ ଷଷ୍ଠ ଥର ଅସ୍ତ୍ରୋପଚାର କରାଇ ରଡ଼ ଲଗାଯିବ। କେବଳ ଏହି ଉପକରଣ ପାଇଁ ୧ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏହାବାଦ୍ ମଧ୍ୟ ଔଷଧ ସମେତ ଅନ୍ୟ ବାବଦରେ ଆହୁରି ଖର୍ଚ୍ଚ ରହିଛି। ଏଥିପୂର୍ବରୁ ପରିବାର ସଲିମଙ୍କ ଅସ୍ତ୍ରୋପଚାର ପାଇଁ ଲକ୍ଷାଧିକ ଖର୍ଚ୍ଚ କରି ସାରିଛନ୍ତି। ବାହାନଗା ରେଳ ଦୁର୍ଘଟଣା ଆହତ ଭାବରେ ରେଳ ବିଭାଗ ପକ୍ଷରୁ ମିଳିଥିବା ୨ ଲକ୍ଷ ଏବଂ ରାଜ୍ୟ ସରକାର ଦେଇଥିବା ୧ ଲକ୍ଷ ଟଙ୍କା ସରିଗଲାଣି। ଅତିରିକ୍ତ ସହାୟତା ପାଇଁ ଏମ୍‌ସର ଦ୍ୱିତୀୟ ଅସ୍ତ୍ରୋପଚାର ବେଳକୁ ତାଙ୍କ ଝିଅ ରେଳ ବିଭାଗକୁ ଟ୍ୱିଟ୍ କରିଥିଲେ। ସେତେବେଳେ ରେଳ ବିଭାଗ ପକ୍ଷରୁ ସହାୟତାର ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ପାଳନ ହୋଇ ନ ଥିଲା। ଏଣେ ଯେତେଥର ଅସ୍ତ୍ରୋପଚାର ହେଉଛନ୍ତି ସଲିମଙ୍କ ଶାରୀରିକ ଏବଂ ମାନସିକ କଷ୍ଟ ସୀମା ଟପୁଛି।

# ବିଜେଡି ନେତାଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

କଟକ ସଦର ନିର୍ବାଚନ ମଣ୍ଡଳୀର ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବାବୁଜଙ୍ଗ ପଞ୍ଚାୟତର ବିଜେଡି ନେତା ଅଭୟ କୁମାର ଲେଙ୍କାଙ୍କ ଉପରୁ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରାଯାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ନାୟକଙ୍କ କାର୍ଯ୍ୟାଳୟ ଚିଠି ନ.୧୦୦/୫୪ /୧୨/୦୪/୨୦୨୪ ଅନୁଯାୟୀ ଏହି ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରାଯାଇଛି। ଏଣିକି ଶ୍ରୀ ଲେଙ୍କା ବିଜୁ ଜନତା ଦଳରେ ସକ୍ରିୟ, ନିସ୍ୱାର୍ଥପର ଓ ସମର୍ପିତ ଭାବେ କାର୍ଯ୍ୟକରିବେ ବୋଲି ପରାମର୍ଶ ଦିଆଯାଇଛି।

# ନୂତନ ଭୋଟରଙ୍କୁ ବିଧାୟକଙ୍କ ସ୍ୱାଗତ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଧର୍ମଶାଳା,ନ୍ୟୁଜବ୍ୟୁରୋ, ଧର୍ମଶାଳା ବ୍ଲକ ସଂପାରୁ ପଞ୍ଚାୟତର ପ୍ରଥମଥର ପାଇଁ ଭୋଟ୍ ଦେଉଥିବା ନୂତନ ଭୋଟର ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ଭେଟିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମସ୍ତ ଲୋକାଭିମୁଖୀ ଯୋଜନା କେଉଁଭଳି ଘରେ ପହଞ୍ଚିବ ସେମାନଙ୍କ ସହ ବିଧାୟକ ଆଲୋଚନା କରିଥିଲେ। ଏହି ଆଲୋଚନାରେ ୧୨ନଂ ଜୋନ୍‌ର ବିଜେଡ଼ି ସଂଯୋଜକ ପ୍ରହଲ୍ଲାଦ ଲେଙ୍କା, ବ୍ଲକଛାତ୍ର ବିଜେଡ଼ି ସଭାପତି ଜଗଦାନନ୍ଦ ରାଉତ, ଅନିଲ ବଳ, ବିଚିତ୍ରାନନ୍ଦ ସାହୁ, ସତ୍ୟଜିତ ସାହୁ, କଳିଙ୍ଗ ନାୟକ, ଲଲାଟେନ୍ଦୁ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ସଙ୍କୁଚିତ ହେଉଛି ସାଲୁଙ୍କି ନଦୀ : ଜଳ ପାଲଟିଛି ଜହର

**ଘୁ.ଉଦୟଗିରି, ନ୍ୟୁଜ୍‌ବ୍ୟୁରୋ**

ସରକାରଙ୍କ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ ହେଉଛି। ଅନାବଶ୍ୟକ କାର୍ଯ୍ୟ ପାଇଁ ମଧ୍ୟ ବ୍ୟୟ ବରାଦ ହେଉଛି। ରାସ୍ତା ଉପରେ ରାସ୍ତା ନିର୍ମାଣ ହେଉଛି ହେଲେ ଘୁ.ଉଦୟଗିରି ସହରର ଜୀବନରେଖା ସାଲୁଙ୍କି ନଦୀ ପ୍ରତି କାହାର ନଜର ନାହିଁ। ଏହି ନଦୀ ଏବେ ଇତିହାସ ହେବାକୁ ବସିଲାଣି। ଲୋପ ହେବାକୁ ବସିଲାଣି ସାଲୁଙ୍କି ନଦୀ। ସାଲୁଙ୍କି ନଦୀ ସଙ୍କୁଚିତ ହେବା ସହ ଏଥିରେ ପ୍ରବାହିତ ଜଳ ଏବେ ଜହର ପାଲଟିଛି। ସାରା ସହରର ନର୍ଦ୍ଦମାର ମଇଳା ଜଳ ସାଲୁଙ୍କି ନଦୀରେ ପ୍ରବାହିତ ହେଉଛି। ସାଲୁଙ୍କି ନଦୀର ଜଳ ତାର ରଙ୍ଗ ବଦଳେଇ କଳା କଳା ପାଣି ପ୍ରବାହିତ ହେଉଛି। ସହର ସାରା ହଜାର ହଜାର ଗରିବ ଲୋକ ଏହି ସାଲୁଙ୍କି ନାଳ ଉପରେ ନିର୍ଭରଶୀଳ। ପ୍ରତ୍ୟେକ ଦିନ ରାତି ପାହିଲେ ଲୋକ ଏହି ନଦୀକୁ ଆସି ନିଜ ନିଜ ନିତ୍ୟକର୍ମ ସାରିଥାନ୍ତି। ହେଲେ ଏବେ ଏହି ନଦୀର ପାଣି ଜହର ପାଲଟିଛି। ଘୁ.ଉଦୟଗିରି ସହରର ୫ନଂ




ୱାର୍ଡର କ୍ଲବ ସାହି, ହାଟପଦା ସାହି, ଏମଏମସି ରୋଡ଼ ନୂଆ ହାଟପଦା, ୪ନଂ ୱାର୍ଡର ଶିବମନ୍ଦିର ସାହି, ୩ନଂ ୱାର୍ଡର ତେଲିସାହି, କନ୍ଧସାହି, ଚମ୍ପସାହି, ୨ନଂ ୱାର୍ଡର ଚୁଆଁ ସାହି, ଶଙ୍ଖସାହି ଏହିଭଳି ବହୁ ସାହି ବାସିନ୍ଦାଙ୍କ ଦୈନଦିନ ଜୀବନର ଜୀବନ ରେଖା ପାଲଟିଥିବା ସାଲୁଙ୍କି ନଦୀ ଏବେ ଲୋପ ପାଇବାକୁ ବସିଲାଣି। ସହରର ସମସ୍ତ ଡ୍ରେନ ପାଣି ସିଧାସଳଖ ନାଳରେ ପଡୁଛି, କୁଡ଼କୁଡ଼ ଅଳିଆ ଆବର୍ଜନା ପଡ଼ି ପୋତିହେବାରେ ଲାଗିଲାଣି।

ସାଲୁଙ୍କି ନଦୀ କଡ଼େକଡ଼େ ଘର କରିଥିବା ଲୋକ ନିଜ ନିଜ ଶୌଚାଳୟକୁ ଏହି ନଦୀରେ ଖଞ୍ଜି ଦେଇଛନ୍ତି। ଏହାଦ୍ୱାରା ନଦୀର ଜଳ ଜହର ହୋଇସାରିଲାଣି। ସାଲୁଙ୍କି ନଦୀର ପୁନରୁଦ୍ଧାର ପାଇଁ ସ୍ଥାନୀୟ ନେତା ଏବଂ ପ୍ରଶାସନିକ ଅଧିକାରୀଙ୍କ ଆଗ୍ରହ ନାହିଁ। ସହରର ନର୍ଦ୍ଦମା ପାଣିକୁ ଅନ୍ୟ କେଉଁଠି ପକେଇବା ସହ ଅଳିଆ ଆବର୍ଜନା ସଫା କରିବା ସହ ସାଲୁଙ୍କି ନଦୀର ପୁନରୁଦ୍ଧାର ପାଇଁ ସାଧାରଣରେ ଦାବି ହୋଇଛି।

ରାଜ୍ୟ ସରକାର ଏହି ସମସ୍ୟା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ସାଲୁଙ୍କି ନଦୀର ପୁନରୁଦ୍ଧାର କରିବାକୁ ଦାବି ହୋଇଛି। ଦିନ ଥିଲା ଏହି ନଦୀ ଜଳରେ ଏକର ଏକର ଚାଷ ଜମିରେ ଜଳସେଚନ ହୋଇ ବିଭିନ୍ନ କିସମର ଫସଲ ହେଉଥିଲା। ବର୍ତ୍ତମାନ ନଦୀତଟରେ ଥିବା ଚାଷ ଜମି ସବୁ ପଡିଆ ପଡ଼ିଛି। କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟରେ ଚେକ ଡେମ ପାର୍ଶ୍ୱ ସୁରକ୍ଷା ପାଚେରୀ ନିର୍ମାଣ କରାଯାଇଛି। ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନି। କାରଣ ଅର୍ଥର ଅଭାବ। ସାଲୁଙ୍କି ନଦୀର ପୁନରୁଦ୍ଧାର ଏବଂ ତା'ର ରକ୍ଷଣା ବେକ୍ଷଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ସହରବାସୀ ଦାବି କରିଆସୁଥିଲେ ମଧ୍ୟ କାହାର ନଜର ପଡୁନି। ନିର୍ବାଚନ ପରେ ନିର୍ବାଚନ ସରୁଛି ନେତା ପରେ ନେତା ଆସୁଛନ୍ତି ଯାଉଛନ୍ତି ହେଲେ ସାଲୁଙ୍କି ନଦୀ କଥା ଭୁଲି ଯାଉଛନ୍ତି।

# ବୈଚିତ୍ର୍ୟମୟ ଜୈବ ବିବିଧତାର ବିରଳ ଭଣ୍ଡାର ମରାଳମାଳିନୀ ନୀଳାମ୍ବୁ ଚିଲିକା



**ଚିଲିକା, ନ୍ୟୁଜ୍‌ବ୍ୟୁରୋ**

ପ୍ରକୃତିର ଗନ୍ତାଘର ନୈସର୍ଗିକ ସୌନ୍ଦର୍ଯ୍ୟର ଅପସରା ଭୁବନ, ଅନବଦ୍ୟ ସୃଷ୍ଟି ଏବଂ ଚମତ୍କାରିତାର ଏକ ଶ୍ରେଷ୍ଠ ନିଦର୍ଶନ ହେଉଛି ପକ୍ଷୀତୀର୍ଥ ମରାଳମାଳିନୀ ନୀଳାମ୍ବୁ ଚିଲିକା, ଯାହା ଏସିଆ ମହାଦେଶର ସର୍ବବୃହତ୍ ଲବଣ ହ୍ରଦର ମାନ୍ୟତା ପାଇଛି। ଚିଲିକାର ମନୋରମ ପ୍ରାକୃତିକ ଦୃଶ୍ୟରାଜି ସମେତ ଏହା ଉପରେ ନିର୍ଭର କରୁଥିବା ସ୍ଥାନୀୟ ଲୋକଙ୍କ ଜୀବନଜୀବିକା ନିର୍ଭର କରେ। କାହା ପାଇଁ ଚିଲିକା ହେଉଛି ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ତ ଆଉ କାହା ପାଇଁ ବୈଚିତ୍ର୍ୟମୟ ଜୈବ ବିବିଧତାର ଏକ ବିରଳ ଭଣ୍ଡାର। ଏହାର ସବୁଜିମା, କୁଳୁକୁଳୁ ନାଦର ଢେଉ, ରଙ୍ଗ ବେରଙ୍ଗ ପକ୍ଷୀଙ୍କର କାକଳୀ, ଡଲ୍‌ଫିନର ଡେଣା ହଲା ଜଳକ୍ରୀଡ଼ା, ମାଛ ଚିଙ୍ଗୁଡ଼ି ଓ କଙ୍କଡ଼ାର ଭଣ୍ଡାର ସହ ଉତ୍କଳ ବିଳାସମୟୀ ନୀଳାମ୍ବୁ ଚିଲିକା ମା' ଲକ୍ଷ୍ମୀଙ୍କର ଏକ ବରଦାନ। ଜଳଚର ଜୀବଜନ୍ତୁ ପକ୍ଷୀଙ୍କର ଗୁଞ୍ଜରଣ ସହ ଡେଣା ହଲା କିଚିରି ମିଚିରି ଶବ୍ଦରେ ବିଚରଣ, ନୀଳ ଜଳରାଶିର ଢେଉ, ନାଉରିଆ ପୁଅର ତଳେଇ ଠିଆକରି ଓ କାତମାରି ଡଙ୍ଗା ବାହିନେବା ଏବଂ ଭାସମାନ ଗୁଳ୍ମ ପ୍ରଭୃତିର ସୌନ୍ଦର୍ଯ୍ୟ ଯେତିକି ଆକର୍ଷଣୀୟ ମାନବୀୟ କଳ୍ପନାକୁ ଆନ୍ଦୋଳିତ ଏବଂ ଇନ୍ଦ୍ରୀୟାନୁଭୂତିକୁ ଉନ୍ମାଦିତ କରିବାର ଭୂମିକା ସେତିକି ଅନନ୍ୟ। କେବଳ ସେତିକି ନୁହେଁ, ଉପକୂଳବର୍ତ୍ତୀ ଗ୍ରାମର ହଜାର ହଜାର ପରିବାର ଲୋକେ ପେଟପାଟଣା ପାଇଁ ଚିଲିକା ଉପରେ ନିର୍ଭର କରିଆସୁଛନ୍ତି। ଚିଲିକାରେ ଲୁଣି ପାଣି ସହ ବିଭିନ୍ନ ପ୍ରଜାତିର ଗୁଳ୍ମ ଜାତୀୟ ଉଦ୍ଭିଦ ଓ ହରିତ୍ ଶୈବାଳ ବହୁ ପରିମାଣରେ ଥିବାରୁ ଏଠାରେ ପ୍ରାୟ ୨୨୩ ପ୍ରକାରର ମାଛ ଦେଖାଯାଆନ୍ତି। କିନ୍ତୁ ୧୯୮୦ ମସିହାରୁ ଏଠାରେ ଆରମ୍ଭ ହୋଇଥିଲା ଚିଙ୍ଗୁଡ଼ିଚାଷ। ଯାହାକି ପରବର୍ତ୍ତୀ ସମୟରେ ଚିଲିକାର ଶାନ୍ତ ବାତାବରଣକୁ ଅଶାନ୍ତ କରିଦେଇଛି ବୋଲି କହିଛନ୍ତି ମତ୍ସ୍ୟଜୀବୀମାନେ। ଚିଲିକା ଉପରେ ପ୍ରାୟ ୧୩୨ଟି ଗ୍ରାମର ୧୨ହଜାର ୩ଶହରୁ ଅଧିକ ମତ୍ସ୍ୟଜୀବୀ ପରିବାର ନିର୍ଭର କରି ମାଛ ମାରି ଜୀବିକା ନିର୍ବାହ କରି ଆସୁଛନ୍ତି। ପୂର୍ବରୁ ମତ୍ସ୍ୟଜୀବୀମାନଙ୍କୁ ସହାୟତା କରିବାକୁ ପ୍ରାୟ ୬୬ଟି ସମବାୟ ସମିତି ଗଠନ କରାଯାଇଥିବା ବେଳେ ୧୨ଟି ଜେଟି ମଧ୍ୟ ନିର୍ମାଣ ହୋଇଥିଲା। ଏବେ କିନ୍ତୁ ଚିଲିକାର ମୁହାଣ ପୋତି ହୋଇଯିବାରୁ ସମୁଦ୍ରରୁ ମାଛ ଆସିବାରେ ପ୍ରତିବନ୍ଧକ ସୃଷ୍ଟି ହେବା ସହ ମତ୍ସ୍ୟ ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି। ସେହିପରି ଶୀତ ପଡ଼ିବା ମାତ୍ରେ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ଭିଡ଼ ହୋଇଥାଏ। ଚିଲିକାରେ ମନୋରମ ଦୃଶ୍ୟ ସହ ବିଭିନ୍ନ ରଙ୍ଗବେରଙ୍ଗ ପକ୍ଷୀଙ୍କ ସମାଗମ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ବିଶେଷକରି ଟାଙ୍ଗୀ ବ୍ଲକ ମଙ୍ଗଳାଯୋଡ଼ିରେ ଲକ୍ଷ ଲକ୍ଷ ପକ୍ଷୀଙ୍କ ସମାଗମ ହେଉଥିବାରୁ ଏହାକୁ ପକ୍ଷୀଙ୍କ ଭୂସ୍ୱର୍ଗ ବୋଲି କୁହାଯାଏ। ଫଳରେ ଏହି ସ୍ଥାନରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ମଙ୍ଗଳାଯୋଡ଼ିରୁ ଚିଲିକାର ନୀଳ ଜଳରାଶି, ପ୍ରକୃତିର ନୈସର୍ଗିକ ଦୃଶ୍ୟପଟ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରୁଛି। ଏଥିସହିତ ପକ୍ଷୀଙ୍କ ସମାହାର ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ। ନୀଳ ଜଳରାଶିରେ ପକ୍ଷୀଙ୍କ ଉଡ଼ନ୍ତା ଦୃଶ୍ୟ ଦେଶବିଦେଶର ପ୍ରକୃତିପ୍ରେମୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଗତ ଶୀତଋତୁରେ ଚିଲିକାରେ ୧୧ ଲକ୍ଷ ୩୧ହଜାର ୯୨୯ପକ୍ଷୀଙ୍କ ସମାଗମ ହୋଇଥିଲା। ତନ୍ମଧ୍ୟରେ ୧୦୫ ପ୍ରଜାତିର ୧୦ ଲକ୍ଷ ୯୩ହଜାର ୪୯ଟି ବିଦେଶାଗତ ପକ୍ଷୀ, ସ୍ଥାନୀୟ ଅଞ୍ଚଳର ୭୯ପ୍ରଜାତିର ୩୮ହଜାର ୮୮୦ଟି ପକ୍ଷୀ ରହିଥିଲେ। ପକ୍ଷୀଙ୍କ ସୁରକ୍ଷା ପାଇଁ ଏହି ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ମୁଖ୍ୟତଃ ଖୋର୍ଦ୍ଧାର ମଙ୍ଗଳାଯୋଡ଼ି, ଭୁଷଣ୍ଡପୁର, ବାଲିପାଟପୁର, ଦେଏପୁର, ଢୋଲପୁର, ବରୁଣପଡ଼ା, ହାଲିସିଙ୍ଗ, ଅଭିମାନପୁର, ସୁନ୍ଦରପୁର, ନଇରୀ, ସୋରଣ ପ୍ରଭୃତି ସ୍ଥାନରେ ଅସ୍ଥାୟୀ କ୍ୟାମ୍ପ କରାଯାଉଛି। ସେହିପରି ୨୦୨୪ ଜାନୁଆରୀ ଡଲଫିନ୍ ଗଣନା ମୁତାବକ ସମଗ୍ର ଚିଲିକା ହ୍ରଦ ମଧ୍ୟରେ ମୋଟ ୧୭୩ଟି ଡଲଫିନ୍ ଦେଖିବାକୁ ମିଳିଥିଲା ବେଳେ ସେଥି ମଧ୍ୟରେ ଇରାୱାଡି ପ୍ରଜାତିର ଡଲଫିନ୍ ୧୫୪ଟି ଏବଂ ୧୯ଟି ବଟଲ୍ ନୋଜ ପ୍ରଜାତିର ଡଲଫିନ ରହିଛନ୍ତି। ସେଥିମଧ୍ୟରୁ ଚିଲିକା ଜଳରାଶିର ସାତପଡା ଅଞ୍ଚଳରେ ରହିଛନ୍ତି ମୋଟ ୨୨ଟି ଡଲ୍‌ଫିନ। ସେମାନେ ବିଭିନ୍ନ ସମୟରେ ଜଳକ୍ରୀଡ଼ା କରିବାର ଦୃଶ୍ୟ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରିଆସୁଛି। ପକ୍ଷୀ ଅଭୟାରଣ୍ୟ ନଳବଣ ହୋଇଥିବା ବେଳେ ଡଲଫିନ୍ ଅଭୟାରଣ୍ୟ ଭାବେ ସାତପଡ଼ା ବୁଝାଯାଇଥାଏ। ଡଲ୍‌ଫିନର ଜଳକ୍ରୀଡ଼ା ଦେଖିବାକୁ ବର୍ଷସାରା ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ଅନ୍ୟପକ୍ଷରେ ଚିଲିକା ମଧ୍ୟରେ ରହିଛି ଚଢ଼େଇହଗା ପାହାଡ଼ ଓ ମା'କାଳିଜାଈଙ୍କ ମନ୍ଦିର ଆଉ ପାହାଡ଼। ଦିନତମାମ ଚିଲିକାର ଜଳରାଶି ଉପରେ ଘୂରିବୁଲିବା ପରେ ସୂର୍ଯ୍ୟାସ୍ତ ହେଲେ ପକ୍ଷୀମାନେ ଏହି ପାହାଡ଼ ଦୁଇଟିରେ ଆଶ୍ରୟ ନେଇଥାନ୍ତି। ପ୍ରାକୃତିକ ସୌନ୍ଦର୍ଯ୍ୟମୟୀ ଚିଲିକାର ଚର୍ତ୍ତୁଃପାର୍ଶ୍ୱରେ ରହିଛି ବହୁ ପର୍ଯ୍ୟଟନସ୍ଥଳୀ ଓ ମଧ୍ୟଭାଗରେ ରହିଛି ପାରିକୁଦ ଗଡ଼। ଚିଲିକା ହ୍ରଦ ମଧ୍ୟରେ ମା'କାଳିଜାଇ ମନ୍ଦିର, ପକ୍ଷୀତୀର୍ଥ ନଳବଣ, ଡଲ୍‌ଫିନଙ୍କ ବିଚରଣ ସ୍ଥଳ ସାତପଡ଼ା, ସମୁଦ୍ର ଓ ଚିଲିକାର ମିଶ୍ରଣସ୍ଥଳ ସମୁଦ୍ର ମୁହାଣ ରାଜହଂସ ତଥା ସି-ମାଉଥ୍, ଚିଲିକା ତଟବର୍ତ୍ତୀ ଅଞ୍ଚଳ ବୋଟ୍ ଡାଇଭିଙ୍ଗ୍ ବଡ଼କୂଳ ପାନ୍ଥନିବାସ, ନିକଟବର୍ତ୍ତୀ ପର୍ଯ୍ୟଟନ କ୍ଷେତ୍ର ମା'ନାରାୟଣୀ ପୀଠ, ଶାଳିଆ ଡ୍ୟାମ୍, ମା' ଭଗବତୀ ପୀଠ, ଜଙ୍ଗଲ ମଧ୍ୟରେ ଅବସ୍ଥିତା ମା' ବୀରଜାଈ ପୀଠ, ମା' ମାଳ ତାରିଣୀ ପୀଠ, ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର କାଙ୍କଣଶିଖରୀ ଓ ଏସିଆର ସର୍ବବୃହତମ ଶାଳ ସାଗୁଆନ ଜଙ୍ଗଲ ବରବରା ଅଜି ପର୍ଯ୍ୟଟନସ୍ଥଳ, ଯେଉଁଠାରେ ବର୍ଷତମାମ ପର୍ଯ୍ୟଟକଙ୍କର ବଣଭୋଜିର ଆସର ଜମେ। ପ୍ରାୟ ୪୦ବର୍ଷ ତଳେ ଚିଲିକାର ଆୟତନ ଥିଲା ୨୪୫୦ବର୍ଗ କିଲୋମିଟର। ପରେ ଖୋର୍ଦ୍ଧା, ପୁରୀ ଏବଂ ଗଞ୍ଜାମ ଜିଲ୍ଲାରେ ୧୧୬୬ବର୍ଗ କିଲୋମିଟର ଇଲକାରେ ପରିବ୍ୟାପ୍ତ ରହିଥିଲା। କ୍ରମେ ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ଚିଲିକା ଏକହଜାର କିଲୋମିଟର ମଧ୍ୟରେ ସୀମିତ ରହିଥିବା ଜଣାପଡ଼ିଛି। ଗଞ୍ଜାମ ଜିଲ୍ଲାର ୭୪.୩୩ ବର୍ଗ କିଲୋମିଟର, ଖୋର୍ଦ୍ଧା ଜିଲ୍ଲାର ୭୨.୯୯ ବର୍ଗ କିଲୋମିଟର ଏବଂ ପୁରୀ ଜିଲ୍ଲାର ୮୮୪.୫୬ ବର୍ଗ କିଲୋମିଟର ପର୍ଯ୍ୟନ୍ତ ବ୍ୟାପ୍ତ ଚିଲିକାରେ ଛୋଟବଡ଼ ୫୨ଟି ନଦୀ ନାଳ ମିଶିଛି। ଚିଲିକାର ଅନ୍ୟତମ ସମସ୍ୟା ହେଉଛି ଚିଙ୍ଗୁଡ଼ି ଘେରି। ଚିଲିକାରେ ଜାଲ ଓ ବାଉଁଶ ବିଛାଇ ବେଆଇନ ଭାବେ ରହିଥିବା ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ୩ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି, ଚିଲିକା ବ୍ଲକ, ପୁରୀ ଜିଲ୍ଲା କୃଷ୍ଣପ୍ରସାଦ, ବ୍ରହ୍ମଗିରି ଏବଂ ଗଞ୍ଜାମ ଜିଲ୍ଲା ଉପକୂଳବର୍ତ୍ତୀ ଅଞ୍ଚଳରୁ ଘେରି ଉଚ୍ଛେଦ ଜାରିରହିଛି। ଯେତିକି ଉଚ୍ଛେଦ ହେଉଛି ପୁଣି ଧୀରେ ଧୀରେ ବଢ଼ିଚାଲିଛି। ବେଆଇନ ଘେରି ଯୋଗୁଁ ଚିଲିକା ଅବରୋଧ ସହ ଏଥିରେ ବ୍ୟବହୃତ ରାସାୟନିକ ପଦାର୍ଥ ପରିବେଶ ପାଇଁ ବିପଦ ସୃଷ୍ଟି କରୁଛି। ଚିଲିକାରେ ଘେରି ଉଚ୍ଛେଦ ସହ ଉପକୂଳବର୍ତ୍ତୀ ଇଲାକାରେ ରହିଥିବା ମାଟିର ଘେରି (ମାଟିବନ୍ଧ) କରି ଚିଙ୍ଗୁଡ଼ି ଚାଷ ଚାଲିଛି। ଏହି ଘେରି ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଟାଙ୍ଗି ବ୍ଲକ ଭୁଷଣ୍ଡପୁର ଅଞ୍ଚଳରେ ଦୀର୍ଘଦିନ ରହିଥିବା ଏକର ଏକର ମାଟିବନ୍ଧକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜେସିବି ସାହାର୍ଯ୍ୟରେ ନଷ୍ଟ କରାଯାଇଛି। ସେହିପରି ଚିଲିକାରେ ୩ଜିଲ୍ଲା ପ୍ରଶାସନ ପକ୍ଷରୁ ଚିଲିକାରେ ପାଟ୍ରୋଲିଂ ମଧ୍ୟ କରାଯାଉଛି। ଚିଲିକାର ପରିବେଶ ସୁଧାରିବା ପାଇଁ ପ୍ରୟାସ ଜାରିରହିଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୬ ଅପ୍ରେଲ ୨୦୨୪ ମଙ୍ଗଳବାର





# ସାମାଜିକ ପରିବର୍ତ୍ତନ ପ୍ରବୀଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଆମ୍ବେଦକର

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ସ୍ତରୀୟ ଡ଼.ବି.ଆର. ଆମ୍ବେଦକରଙ୍କ ୧୩୩ ତମ ଜୟନ୍ତୀ ଜିଲ୍ଲା ସଦର ମହକୁମାସ୍ଥ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ପାଳିତ ହୋଇଯାଇଛି। ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ ମୁଖ୍ୟଅତିଥି ଭାବେ ଯୋଗଦେଇ ଆମ୍ବେଦକରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଭେନ୍ଦ୍ର କୁମାର ସାମଲ ଯୋଗଦେଇ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ, ଯାଜପୁର ସୁଶ୍ରୀ ସୋନାଲି ବେହେରା ଯୋଗଦେଇ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ପରେ ମୁଖ୍ୟଅତିଥି ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ, ଅତିରିକ୍ତ ଜିଲ୍ଲାପାଳ ଶୁଭେନ୍ଦ୍ର କୁମାର ସାମଲ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ




ସୋନାଲି ବେହେରା ସଂସ୍କୃତି ଭବନ ପରିସର ମଧ୍ୟରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, କବିମଞ୍ଜୁଳ କୃଷ୍ଣ ପ୍ରସାଦ ବସୁ, ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ଚଳିତ ବର୍ଷ ଲୋକ ସଭା ଏବଂ ଓଡ଼ିଶା ବିଧାନ ସଭା ସାଧାରଣ ନିର୍ବାଚନ -୨୦୨୪ ଉପଲକ୍ଷେ ଆଦର୍ଶ ଆଚରଣ ବିଧି ଲାଗିଥିବାରୁ ଆମ୍ବେଦକର ଜୟନ୍ତୀ ଦିବସକୁ ନିରାଡମ୍ବର ଭାବେ ପାଳନ କରାଯାଇଥିଲା । ଦିବସ ପାଳନ ଉପଲକ୍ଷେ ଅତିଥିମାନେ ଆମ୍ବେଦକରଙ୍କ ସ୍ମୃତି ଚାରଣ କରିବା ସହ ବି ଆର ଆମ୍ବେଦକର ସମ୍ବିଧାନ ପ୍ରଣୟନର କର୍ଣ୍ଣଧାର, ଅର୍ଥ ନୈତିଜ୍ଞ ଏବଂ ସାମାଜିକ ପରିବର୍ତ୍ତନର ଜଣେ ପ୍ରବୀଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବୋଲି ମତ ପ୍ରକାଶ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସଞ୍ଚାଳନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ କର୍ମଚାରୀ, ଜିଲ୍ଲା ସଂସ୍କୃତି ବିଭାଗ କର୍ମଚାରୀ, ଜିଲ୍ଲା ମିଶନ ଶକ୍ତି ଭବନ କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ।

# ୨୫ କେଜି ଗଞ୍ଜେଇ ଜବତ:ଦମ୍ପତି ଗିରଫ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜେଇ ଚୋରା ଚାଲାଣ କରୁଥିବା ସ୍ୱାମୀ ସ୍ତ୍ରୀଙ୍କୁ ସୋନପୁର ପୋଲିସ ଗିରଫ କରିବା ସହ ୨୫ କେଜି ଗଞ୍ଜେଇ, ଗୋଟିଏ ମୋବାଇଲ ଫୋନ୍ ସହ ଏକ ଅଟୋକୁ ଜବତ କରିଛି । ସୂଚନା ଅନୁସାରେ ସୋନପୁର ଲୋକନାଥ ସାହୁଙ୍କ ନେତୃତ୍ୱରେ ସୋନପୁର କୁଞ୍ଜ ଛକରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ପଟୁ ସୋନପୁରକୁ ଆସୁଥିବା ଏକ ପାସେଞ୍ଜର ଅଟୋକୁ ଅଟକାଇ ଯାଞ୍ଚ କରିବାରୁ ୨୫ କେଜି ଗଞ୍ଜେଇ ବାହାରିବା ସହ ଚାଲାଣ କରୁଥିବା ସମ୍ବଲପୁରର ସୁଧାଂଶୁ ମହାନ୍ତି ଓ ତାଙ୍କ ସ୍ତ୍ରୀ ଅନୁପମା ମହାନ୍ତିଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ବୌଦ୍ଧ ଜିଲ୍ଲା ରୁଣ୍ଡିମହୁଲ ଗ୍ରାମରୁ ଗଞ୍ଜେଇ ଆସୁଥିବା ସୂଚନା ମିଳିଥିଲା । ଏନେଇ ସୋନପୁର ଥାନାରେ PS କେସ୍ ନମ୍ବର ୧୩୬/ dt.୧୧/୪/୨୪ U/s ୨(b)(ii)(C),/୨୫/୨୯ NDPS Actରେ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି । ଏହି ଧରପଗଡ଼ ସମୟରେ ସୋନପୁର ଥାନା ପୋଲିସର ଅନ୍ୟ ଷ୍ଟାଫ୍ ସାମିଲ ଥିଲେ ।



# କଳା ସଂସ୍କୃତି ହିଁ ଗୋଟିଏ ଭୂଖଣ୍ଡର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ



## ବଳାଙ୍ଗୀ ମହୋତ୍ସବ ଉଦ୍‌ଘାଟିତ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ରବିବାର ପବିତ୍ର ମହା ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ବାରିପଦା ଠାରେ ମୟୁରଭଞ୍ଜର ମହାନ ଗଣପର୍ବ ବଳାଙ୍ଗୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଭାପତି ଅରବିନ୍ଦ ପଟ୍ଟନାୟକ, ବିଶିଷ୍ଟ ଅତିଥି ଭାବେ ମୟୁରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ରଭଞ୍ଜ ଭଞ୍ଜଦେଓ, ସମ୍ମାନିତ ଅତିଥି ଭାବରେ ସମାଜସେବୀ ରଜତ କୁମାର ପଣ୍ଡା, ମହୋତ୍ସବ କମିଟିର ଅଧ୍ୟକ୍ଷ ଅରବିନ୍ଦ ଦାସ ଯୋଗଦେଇ କଳା ସଂସ୍କୃତି ହିଁ ଗୋଟିଏ ଭୂଖଣ୍ଡର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ ବୋଲି କହିବା ସହିତ ବାରିପଦା ଠାରେ ବୁଢ଼ାବଳଙ୍ଗ, ଚିପଟ ଏବଂ ଇଟାଯୋଡି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳୀରେ ଦୀର୍ଘ ୨୨ ବର୍ଷ ଧରି ପାଳିତ ହୋଇ ଆସୁଥିବା ବଳାଙ୍ଗୀ ମହୋତ୍ସବ ମୟୁରଭଞ୍ଜ ଜିଲ୍ଲାରେ କଳା ସଂସ୍କୃତିର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଆସୁଛି ବୋଲି କହିଥିଲେ । ସହ ସମ୍ପାଦକ ଡ଼. ଶଶୀ ଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବା ବେଳେ, ଜୟା ପରବିନ ସ୍ୱାଗତ ସଂଗୀତ ଗାନ କରିଥିଲେ । ଏହି ଅବସରରେ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଯଜ୍ଞ, ଓଡ଼ିଆ ନବବର୍ଷ ପାଳନ, ବିଭିନ୍ନ ବର୍ଗର ସ୍ଥାନୀୟ ନୃତ୍ୟ କଳାକାର ମାନଙ୍କର ନୃତ୍ୟ ପ୍ରତିଯୋଗିତା ଏବଂ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ସାଂସ୍କୃତିକ ଦଳ ଯୋଗଦେଇ ସେମାନଙ୍କର କଳା କୌଶଳ ପ୍ରଦର୍ଶନ କରିଥିବା ବେଳେ ମୟୁରଭଞ୍ଜର ପାରମ୍ପରିକ ଝୁମର ନୃତ୍ୟ ଏବଂ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ମତୁଆଲା କରିଥିଲା । ବଳାଙ୍ଗୀ ସେନାର ଅଧକ୍ଷ କୁମରେଶ ନାୟକ, ସମ୍ପାଦକ ମିଥୁନ ବାରିକ, ପଦ୍ମନାଭ ମହାପାତ୍ର, କିଶୋର ମହାନ୍ତି, ଦିଲ୍ଲୀପ ପାତ୍ର, ରମାକାନ୍ତ ରାଉତ ପ୍ରମୁଖଙ୍କ ନେତୃତ୍ୱରେ ବହୁ ସ୍ୱେଚ୍ଛାସେବୀ ମେଳା ପରିଚାଳନାରେ ସହଯୋଗ କରିଥିଲେ ।

# ବିଭିନ୍ନ ଶୈବ ପୀଠରେ ଝାମୁଯାତ୍ରା ସମ୍ପନ୍ନ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ଶୈବ ପୀଠ ମାନଙ୍କରେ ଆନନ୍ଦ ଉଲ୍ଲାସର ସହ ଝାମୁଯାତ୍ରା ହୋଇଥିଲା । ପ୍ରଚଣ୍ଡ ରୌଦ୍ରତାପ ସତ୍ୱେ ମଧ୍ୟ ଏହି ପୀଠ ଗୁଡିକ ଉତ୍ସବମୁଖର ହୋଇପଡିଥିବା ଦେଖାଯାଇଥିଲା । ନିଶ୍ଚିନ୍ତକୋଇଲି ବ୍ଲକ ବୁହାଳୋ ଗ୍ରାମପଞ୍ଚାୟତ ବରପଡା ସ୍ଥିତ ପ୍ରସିଦ୍ଧ ଶ୍ରୀ ଶ୍ରୀ ସୋମନାଥ ମହାଦେବଙ୍କ ପବିତ୍ର ପୀଠରେ ବିଶ୍ୱଶାନ୍ତି ସୁଦର୍ଶନ ମହାଯଜ୍ଞ ଓ ଅନନ୍ତମୁଖି ଭାଗବତ ପାରାୟଣ ଓ ପାଟୁଆ ଯାତ୍ରା ଆରମ୍ଭ ହୋଇଛି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଭକ୍ତ ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀରୁ ହରିବୋଲ ହୁଳହୁଳି ଘଣ୍ଟ କାହାଳୀ ଧ୍ୱନୀରେ ଏକ ବିରାଟ କଳସ ଶୋଭାଯାତ୍ରାରେ ଆସିଥିଲେ। ଏହି କଳସୀ ଗୁଡିକୁ ଯଜ୍ଞସ୍ଥଳୀରେ ସ୍ଥାପନ କରାଯାଇଥିଲା। ଏହି ଅବସରରେ ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନିସ୍ଥାପନ, ଚକ୍ରରାଜ ଓ ପାର୍ଶ୍ୱ ଦେବାଦେବୀଙ୍କ ବୈଦିକ ପାରମ୍ପରିକ ରୀତି ନୀତି ଅନୁଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଦ୍ୱାରା ପାଟୁଆ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞରେ ସମାଜସେବୀ ସୌଭାଗ୍ୟ ମିଶ୍ର କର୍ତ୍ତାରୂପେ ଓ ପୂଜକ ରୂପେ ପ୍ରଶାନ୍ତ କୁମାର ପଣ୍ଡା, ଚନ୍ଦ୍ର ଶେଖର ପଣ୍ଡା କାର୍ଯ୍ୟ ନିର୍ବାହ କରିଥିବାର ଜଣାଯାଇଛି । ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ର ବିଜେଡି ପ୍ରାର୍ଥୀ ଅଂଶୁମାନ ମହାନ୍ତି, ମାହାଙ୍ଗା ନିର୍ବାଚନ ବିଜେଡି ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା, ସରପଞ୍ଚ ରମାକାନ୍ତ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ପ୍ରଭୁ ସୋମନାଥଙ୍କ କୃପାଭିକ୍ଷା କରିଥିଲେ। ସେହିପରି ଭାବେ ଏହି ବ୍ଲକର କଳମିଶ୍ରୀ ଗ୍ରାମପଞ୍ଚାୟତ ପ୍ରସିଦ୍ଧ ଶୈବପୀଠ ଅନନ୍ତେଶ୍ୱରଙ୍କ ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି । ନତକାଇ ଗ୍ରାମପଞ୍ଚାୟତ ବଣୁଆ ସାହିସ୍ଥିତ, କେନ୍ଦୁପାଟଣା ଠାରେ ମଧ୍ୟ ଝାମୁଯାତ୍ରା ହୋଇଛି।

## ||||||||||||||||| ଜିଲ୍ଲାର ପ୍ରଥମ ସୌର ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ |||||||||||||||||

# ୬ ଆଦିବାସୀ ଗ୍ରାମର ଲୋକଙ୍କ ମୁହଁରେ ହସ

**ପାତ୍ରପୁର/ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଆନ୍ତର୍ଜାତିକ ଉନ୍ନୟନ ପାଣ୍ଠି ସହଯୋଗରେ ଓଡ଼ିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ ଜରିଆରେ ପାତ୍ରପୁର ବ୍ଲକ୍ ତୁମ୍ବା ପଞ୍ଚାୟତର ଚକାଆମ୍ବ ଗ୍ରାମରେ ସୌର ଶୀତଳଭଣ୍ଡାର ନିର୍ମାଣ ହୋଇଛି । ଫଳରେ ୬ ଆଦିବାସୀ ଗ୍ରାମର ଲୋକଙ୍କ ମୁହଁରେ ହସ ଫୁଟିଛି । ଅଞ୍ଚଳର ବହୁ ଆଦିବାସୀ ନିଜ ଜମିରେ ବିଭିନ୍ନ କିସମର ପନିପରିବା ଆଦାୟ ସହିତ ଜଙ୍ଗଲ ଜାତ ଦ୍ରବ୍ୟ ଆଦାୟ କରି ଜୀବିକା ନିର୍ବାହ କରୁଛନ୍ତି । ବହୁ ଗ୍ରାମରେ ବହୁଳ ଭାବେ ପରିବା ଉତ୍ପାଦନ ହେଉଥିବା ବେଳେ ଏଗୁଡ଼ିକୁ ବିକ୍ରି କରି ଉଚିତ୍ ଦର ପାଇବାରେ ଅସୁବିଧା ହେଉଥିଲା । ଫଳରେ ତୁମ୍ବା ଅଞ୍ଚଳର ୬ ଗ୍ରାମର ଲୋକଙ୍କ ପନିପରିବା ସଂରକ୍ଷଣ ପାଇଁ ସୋଲାର ଶୀତଳ



ଭଣ୍ଡାର ସ୍ଥାପନ କରାଯାଇଛି । ଗଞ୍ଜାମ ଜିଲ୍ଲାର ପ୍ରଥମ ସୌର ଶୀତଳ ଭଣ୍ଡାର ଚକାଆମ୍ବରେ ସ୍ଥାପନ ହେବା ସହ ନିକଟସ୍ଥ ଗୌଡୁଣ, ବୁରସାହି, ବାହୁକସାହି, ମିଟୁ ସାହି, ସିନ୍ଦୁରା ବାଡ଼ ଗ୍ରାମର ଲୋକମାନେ ନିଜ ଆଦାୟ ପନିପରିବା ସଂରକ୍ଷଣ କରି ଉପକୃତ ହୋଇପାରିବେ। ୧୬ ଲକ୍ଷ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପକୁ ଉଦ୍ୟାନ ବିଭାଗ ଓ ତୁମ୍ବା ଉନ୍ନୟନ ସଂସ୍ଥା ନିର୍ମାଣ କରିଥିବା ବେଳେ ଓପିଲିପି ରିହାତି ଯୋଗାଇ ଦେଇଛି । ବ୍ଲକ୍‌ରେ ଶୀତଳ ଭଣ୍ଡାର ନିର୍ମାଣ ହୋଇଥିବାରୁ ଗ୍ରାମବାସୀ କମ୍ ଅର୍ଥ ଦେଇ ଏଠାରେ ପନିପରିବା ସଂରକ୍ଷଣ କରିବା ସହିତ ବଜାର ଦର ଦେଖି ବିକ୍ରି କରି ଭଲ ଦି ପଇସା ରୋଜଗାର କରିବା ଆଶା ବାନ୍ଧିଛନ୍ତି । ଏ ଅଞ୍ଚଳର ଲୋକମାନେ ପନିପରିବା ଆଦାୟ ସହିତ ଜଙ୍ଗଲରୁ ତେନ୍ତୁଳି ଆଦାୟ କରି ଶାଗ ମାଛ ଦରରେ ପଡ଼ୋଶୀ ଆନ୍ଧ୍ର ପ୍ରଦେଶ ବ୍ୟବସାୟୀ ଏବଂ ନିକଟ ହାଟରେ ବିକ୍ରି କରୁଥିଲେ । ଶୀତଳଭଣ୍ଡାର ନିର୍ମାଣ ପରେ ଏବେ ଲୋକଙ୍କ ଆଦାୟ ଜିନିଷ ସଂରକ୍ଷଣ ପାଇଁ କମ୍ ମୂଲ୍ୟ ଧାର୍ଯ୍ୟ ହେବା ସହ ଗ୍ରାମ୍ୟ କମିଟିର କିଛି ସଦସ୍ୟଙ୍କୁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଛି । ପାଞ୍ଚ ବର୍ଷ ପୂର୍ବେ ଓଡ଼ିଶା ସରକାରଙ୍କ ଓପିଲିପି କାର୍ଯ୍ୟକ୍ରମରେ ତୁମ୍ବା ଉନ୍ନୟନ ସଂସ୍ଥା ଅଧିନରେ ତୁମ୍ବା, ବୁରାତାଲ, ଆଙ୍କୁଲି ପଞ୍ଚାୟତର ୧୩୪ ଗ୍ରାମର ୧୬୦୦ ପରିବାରର ଆର୍ଥିକ ଉନ୍ନତି ପାଇଁ ଓପିଲିପି କାର୍ଯ୍ୟ କରୁଥିବା ବେଳେ ଈଶାରା ଅନୁଷ୍ଠାନର ବୈଷୟିକ ଜ୍ଞାନ କୌଶଳ ଯୋଗାଉଛି । ଇଲାକାରେ ବସବାସ କରୁଥିବା ଆଦିମ ଜନଜାତିର ଲୋକଙ୍କ ବିକାଶ ପାଇଁ କଦଳୀ, ନଡ଼ିଆ, ଗୁଆ, ସପୁରୀ, କନ୍ଦମୂଳ, ଖମ୍ବ ଆଳୁ, ଫଳ ମୂଳ ଓ ପନିପରିବା ଚାଷ ଠାରୁ ଆରମ୍ଭ କରି କୁକୁଡ଼ା ଓ ଛେଳି ଚାଷ ପାଇଁ ସହାୟତା ପ୍ରଦାନ ସହ ଉପଯୁକ୍ତ ଜ୍ଞାନ କୌଶଳ ଯୋଗାଇ ଦିଆଯାଇଛି । ୬୦ ଗ୍ରାମରେ ପାହାଡ଼ ଉପରେ ଥିବା ଝରଣା ପାଣିକୁ ପାଇପ୍ ଜରିଆରେ ଯୋଗାଣ ସହିତ ୨୫ ଗ୍ରାମ ଦୁଆରେ ଏହି ଯୋଜନାରେ ପାଣି ପହଞ୍ଚାଯାଉଛି ।



# କେନ୍ଦ୍ରାଞ୍ଚଳ ଆଇ.ଜିଙ୍କ କେନ୍ଦ୍ରାପଡା ଗସ୍ତ ଓ ସମୀକ୍ଷା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ାରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ତରଫରୁ ଆୟୋଜନ କରାଯାଇଥିବା ହିନ୍ଦୁ ଏକତା ଶୋଭାଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ କେନ୍ଦ୍ରାଞ୍ଚଳ ଆଇ.ଜି ସଂଜୟ କୁମାର କୌଶଲ କେନ୍ଦ୍ରାପଡାରେ ପହଞ୍ଚି ସହରର ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହିତ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ପୋଲିସ ମୁତୟନ କରାଯାଇଥିବା ଓ ଟ୍ରାଫିକ ନିୟନ୍ତ୍ରଣ କରିବା ଆଦି ସମ୍ପର୍କରେ ପୋଲିସ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ସମୀକ୍ଷା କରିଥିଲେ । ଶୋଭାଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ଓ ଆଇନ୍ ଶୃଙ୍ଖଳା ବଜାୟ ରଖିବା ସମ୍ପର୍କରେ ଆଲୋଚନା କରିଥିଲେ । କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟାରିଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଏସଡିପିଓ ଦେବେନ୍ଦ୍ର ମଲିକ, ଟାଉନ୍ ଥାନା ଅଧିକାରୀ ଦିଲୀପ କୁମାର ସାହୁ ଓ ସଦର ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ସମେତ ଅନ୍ୟ ପଦସ୍ଥ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ମା’ ରାମଚଣ୍ଡୀଙ୍କୁ ଦର୍ଶନ କଲେ ବୈଜୟନ୍ତ ଓ ଦୁର୍ଗା ପ୍ରସନ୍ନ

**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**

ଦରିଆପାରି ମା’ ରାମଚଣ୍ଡୀଙ୍କ ପୀଠରେ ପବିତ୍ର ଝାମୁ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମା’ଙ୍କୁ ଦର୍ଶନ କରିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇଥିଲେ । ଏହି ଅବସରରେ ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ଲୋକସଭା ବିଜେପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ମହାକାଳପଡ଼ା ବିଧାନସଭାର ବିଜେପି ପ୍ରାର୍ଥୀ ଡକ୍ଟର ଦୁର୍ଗା ପ୍ରସନ୍ନ ନାୟକ ମା’ଙ୍କ ପୀଠରେ ପହଞ୍ଚି ଦର୍ଶନ କରିଥିଲେ । ଏଥିସହ ମା’ଙ୍କ କୃପାଭିକ୍ଷା ମଧ୍ୟ କରିଥିଲେ । ରବିବାର ପୂର୍ବାହ୍ନରେ ଉଭୟ ନେତା ମା’ଙ୍କ ପୀଠରେ ପହଞ୍ଚିଥିଲେ । ଉଭୟ ନେତାଙ୍କ ସହିତ ଜିଲ୍ଲା ଉପସଭାପତି ସଂଜୟ କୁମାର ରଥ ଓ ଜାନକୀ ପ୍ରଧାନ, ସରୋଜକାନ୍ତ ସାହୁ, ସମିତିସଭ୍ୟ କୃଷ୍ଣପଦ ମଣ୍ଡଳ, ଜୋନ୍ ସଭାପତି ପ୍ରଶାନ୍ତ କୁମାର ସେଠୀ ପ୍ରକାଶ ପ୍ରଧାନ, ତ୍ରିଲୋଚନା ରାଉତ, ଶରତ ଚନ୍ଦ୍ର ମହାନ୍ତି, ଜୋନ୍‌ର ସମ୍ପାଦକ ଜୀବନାନନ୍ଦ ସାହୁ, ଅଶୋକ ଅଧିକାରୀ, ରତନ କାଞ୍ଜିଲାଲ, ଅଶୋକ ପାଲ, ଦେବବ୍ରତ ମିସ୍ତ୍ରୀ, ଗୌର ରାୟ, କୃପାସିନ୍ଧୁ ଦାସଙ୍କ ସମେତ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ । ସେହିପରି ଖୁରୁସିଆ ସ୍ଥିତ ବ୍ରହ୍ମାଣୀଙ୍କ ପୀଠରେ ପହଞ୍ଚି ଉଭୟ ନେତା ଦର୍ଶନ କରିଥିଲେ । ଏଥିରେ ଆୟୁଷ କୁମାର ଦାସ, ତନ୍ମୟ ମହାପାତ୍ର, ପ୍ରଦୀପ କୁମାର ଦାସ, ପ୍ରଦୀପ କୁମାର ବେହେରା, ରାଜକିଶୋର ଦାସଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ ।




## —— ହିନ୍ଦୁ ଏକତା ମଞ୍ଚର ବିଶାଳ ଶୋଭାଯାତ୍ରାକୁ ବିପୁଳ ସମ୍ବର୍ଦ୍ଧନା ——

# ଯୋଗ ଦେଲେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ପବିତ୍ର ମହା ବିଷୁବ ସଂକ୍ରାନ୍ତି ତଥା ପଣା ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଓ ମହାବୀର ହନୁମାନ ଜୟନ୍ତୀ ଅବସରରେ ବିଶାଳ ହିନ୍ଦୁ ଏକତା ଶୋଭାଯାତ୍ରା ତିନିମୁହାଣୀ ସ୍ଥିତ ଶ୍ରୀରାମ ମନ୍ଦିର ପରିସରରୁ ବାହାରି ସହର ପରିକ୍ରମା କରିଥିଲା । ପୂର୍ବାହ୍ନରେ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ଶ୍ରୀରାମ ସେନା, ଧର୍ମରକ୍ଷା ସେନା ପ୍ରଭୃତି ସଂଗଠନ ଗୁଡିକର ମିଳିତ ସଂଯୋଜନାରେ ଏହି ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶୋଭାଯାତ୍ରା ସହର ଅତିକ୍ରମ କରିବା ସମୟରେ ମୁଖ୍ୟ ସଡ଼କର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ଶୋଭାଯାତ୍ରାକୁ ବିପୁଳ ସମ୍ବର୍ଦ୍ଧନା, ପଣା ବଣ୍ଟନ, ପାନୀୟ ଜଳ ବଣ୍ଟନ କରାଯାଇ ଶୋଭାଯାତ୍ରାକାରୀଙ୍କୁ ଜନ ସାଧାରଣ ଉତ୍ସାହିତ କରିଥିଲେ । ଏହି




ଅବସରରେ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ନୂଆ ବସ୍‌ଷ୍ଟାଣ୍ଡ ଠାରେ ସାମିଲ ହୋଇଥିବା ବେଳେ ବାଲାବାବା ଛକ ଠାରେ ପୂର୍ବତନ ବିଧାୟକ କିଶୋର କୁମାର ତରାଇ ଶୋଭାଯାତ୍ରାରେ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ । ପୁରୁଣା ବସ୍‌ଷ୍ଟାଣ୍ଡ ଠାରେ ନଗରପାଳ ସରିତା ସାହୁ, ସମାଜସେବୀ ରଞ୍ଜିତ ସାହୁ, ବିଜେଡି ଜିଲ୍ଲା ସଭାପତି ଧିରେନ କୁମାର ସାହୁ, ମୋ ଓଡ଼ିଶା ଜିଲ୍ଲା ସଂଯୋଜକ ହିରଣ୍ୟ କୁମାର ପଣ୍ଡା, ଉମେଶ ନାୟକ, ପ୍ରକାଶ ପରିଡା, ସୁନାକର ବେହେରା, ନେହେରୁ ସାହୁ, ଅଭିମନ୍ୟୁ ଗୋଛାୟତ, ଉପୀନ ରାଉତ, କିଶୋର କୁମାର ପଣ୍ଡା, କଳ୍ପନା ମଲିକ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଶୋଭାଯାତ୍ରାରେ ସାମିଲ ହେବା ସହ ସ୍ୱାଗତ ସମ୍ବର୍ଦ୍ଧନା ଓ ଦହି ପାଣି, ପଣା ବିତରଣ କରିଥିଲେ । ଶୋଭାଯାତ୍ରାକୁ ବଳଗଣ୍ଡି, ମଡିଆଳ, ସାନ୍ତସାହି, କେଶପୁର ବଜାର, ସାନ ମଙ୍ଗଳା, ବଡ ମଙ୍ଗଳା ପ୍ରଭୃତି ସ୍ଥାନ ମାନଙ୍କରେ ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା, ପୁଷ୍ପ ବୃଷ୍ଟି ଓ ଦହି ସରବତ ବଣ୍ଟନ କରାଯାଇଥିଲା । ବଳଦେବ ସେନା ପକ୍ଷରୁ ଇଛାପୁରରେ ପଣା ବିତରଣ କରାଯାଇ ଶୋଭାଯାତ୍ରା କାରୀଙ୍କୁ ଉତ୍ସାହିତ କରାଯାଇଥିଲା । ପୋଲିସ ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ସ୍ଥାନ ଓ ମୁଖ୍ୟ ସଡ଼କରେ ପୋଲିସ ମୁତୟନ କରାଯାଇ ଶାନ୍ତି ଶୃଙ୍ଖଳାର ସହ ହିନ୍ଦୁ ଏକତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ରାଷ୍ଟ୍ରବାଦୀ ସଂଗଠନର କର୍ମକର୍ତ୍ତା ମାନେ ହଜାର ହଜାର ସଂଖ୍ୟାରେ ଅଂଶ ଗ୍ରହଣ କରିଥିଲେ । ଆୟୋଜକ ବିବେକାନନ୍ଦ ମହାରଣାଙ୍କ ସମେତ ମହେଶ କୁମାର ତ୍ରିପାଠୀ, ଉମେଶ ଦାସ, ଶଶାଙ୍କ କୁମାର ଜେନା, ମାଧବ ପ୍ରଧାନ, ସଞ୍ଜୟ କୁମାର ପତ୍ର1, ପ୍ରସନ୍ନଜିତ ରାଉତ, ବିରେନ୍ଦ୍ର ସାମଲ, ନିରଞ୍ଜନ ସୁଆର, ଅଭିଜିତ ଦାସ, ସୁଶିଲ ଦାସ ପ୍ରମୁଖ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଶୋଭାଯାତ୍ରାକୁ ନିୟନ୍ତ୍ରଣ କରିଥିଲେ । କେନ୍ଦ୍ରାଞ୍ଚଳ ଆଇ.ଜି ସଞ୍ଜୟ କୁମାର କୌଶଲ, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟାରିଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଏସଡିପିଓ ଦେବେନ୍ଦ୍ର ମଲିକ, ଟାଉନ୍ ଥାନା ଅଧିକାରୀ ଦିଲୀପ କୁମାର ସାହୁ ଓ ସଦର ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ସମେତ ଅନ୍ୟ ପଦସ୍ଥ ପୋଲିସ କର୍ମଚାରୀ ମାନେ ଉପସ୍ଥିତ ରହି ଶୋଭାଯାତ୍ରାକୁ ମାର୍ଗଦର୍ଶନ କରିବା ସହ ଆଇନ୍ ଶୃଙ୍ଖଳା ରକ୍ଷା ଉପରେ ଦୃଷ୍ଟି ରଖିଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଣ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୩ / ୨ | ଲରବୃ | ରାଶୁବୁ ୧୨ / ଶୁମ ୧୧ |
| ୪ଚ | ୮ / ୪ | ୧୦ |
| ୫ / ୬କେ | ୭ | ୯ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ


**ତା୧୬।୪।୨୦୨୪, ବୈଶାଖ ଦି୩ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୦୫।୨୯।୫୨ ଚନ୍ଦ୍ରୋଦୟ- ଦିଘ ୧୧।୫୧।୦୯**


ଅଷ୍ଟମୀ- ଦିଘ ୧।୨୫ ପର୍ଯ୍ୟନ୍ତ । ପୁଷ୍ୟା ନକ୍ଷତ୍ର- ନିଶାନ୍ତ ଘ୫।୫୨ ପର୍ଯ୍ୟନ୍ତ । କର୍କଟ ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି -** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧ ନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଦିଘ ୧।୨୫ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୦ ଗତେ ଘ ୧୦।୩୨ ମଧ୍ୟେ। ଦିଘ ୧।୦୧ ଗତେ ଘ ୧।୨୦ ମଧ୍ୟେ । **ପର୍ବୋତ୍ସବ-** ଅଶୋକାଷ୍ଟମୀ, ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା, ବାସନ୍ତୀ ଅଷ୍ଟମୀ ।




**ମେଷ:** କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ । ଶତ୍ରୁ ଆପଣଙ୍କ ଠାରୁ ପରାସ୍ତ ହେବେ । ପ୍ରଚୁର ଧନର ଅଧିକାରୀ ହେବେ । ଶୁଭ ଖବର ପାଇ ଆନନ୍ଦିତ ହେବେ । ପରିବାରରେ ସାମାନ୍ୟ ଦ୍ୱନ୍ଦ୍ୱ ସୃଷ୍ଟି ହେବ ।




**ବୃଷ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସିଦ୍ଧି ହେବ । ଆୟରେ ଉନ୍ନତି ଦେଖାଦେବ । ଯାନବାହାନ କ୍ରୟ କରିପାରନ୍ତି । ଦୂରଯାତ୍ରାରେ ସଫଳତା ହାସଲ ହେବ । ଘରେ ଆନନ୍ଦ ଲାଭ ହେବାର ସୂଚନା ମଧ୍ୟ ମିଳୁଛି ।



**ମିଥୁନ:** କର୍ମକ୍ଷେତ୍ରରେ ଉପରିସ୍ଥ କର୍ମକର୍ତ୍ତାଙ୍କ ସହଯୋଗ ଲାଭ କରିବେ । ଲାଭର ପରିମାଣ ବଢ଼ିବ । ରୋଜଗାରର ପରିମାଣ କମିବ । ମହିଳାମାନେ ସ୍ୱାର୍ଥପର ହେବେ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବ ।



**କର୍କଟ:** ଆଜି ଆପଣଙ୍କର ଦିନଟି ଆନନ୍ଦ ଦାୟକ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ଶୁଭ ଖବର ପ୍ରାପ୍ତ ହେବ । ରୋଜଗାର ମଧ୍ୟମ ଧରଣର ହେବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଘରେ ଆନନ୍ଦ ଦେଖାଦେବ ।




**ସିଂହ:** ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ । ଦୟାଳୁ ହେବେ । ପରିବାରରେ ସମସ୍ୟା ହେତୁ ଚିନ୍ତା ଦେଖାଦେବ । ସାମାଜିକ ସ୍ତରରେ ସମ୍ମାନିତ ହେବେ । ମାଲିମୋକଦ୍ଦମାରେ ସଫଳତା ହାସଲ ହେବ ।




**କନ୍ୟା:** ଆୟର ପରିମାଣ ବଢ଼ିବ । ଚାକିରୀ କ୍ଷେତ୍ରରେ ସଫଳତା ହାସଲ ହେବ । ଦେହ ଓ ମନ ଭଲ ରହିବ । ବନ୍ଧୁ ଦର୍ଶନର ସୁଯୋଗ ସୃଷ୍ଟି ହେବ । ପ୍ରତୀକ୍ଷିତ ଶୁଭ ଖବରଟି ଅପରାହ୍ନେ ପ୍ରାପ୍ତ ହେବାର ସୂଚନା ।




**ତୁଳା:** ମନରେ ପ୍ରସନ୍ନ ଜାତ ହେବ । ସାଧନାରେ ସିଦ୍ଧି ଲାଭ କରିବେ । ଲୋକପ୍ରିୟତା ହାସଲ ହେବ । ରୋଜଗାର ସ୍ଥିର ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ପରିଶ୍ରମର ପରିମାଣ ବଢ଼ିବ ।



**ବିଛା:** ପାରିବାରିକ ଆଦର ସମ୍ମାନ ଲାଭ ହେବ । କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ । ଅଳସୁଆମିରେ କାର୍ଯ୍ୟ ନାଶ ହେବାର ସମ୍ଭାବନା । ଖର୍ଚ୍ଚର ପରିମାଣ ଅଧିକ ହେବ । ପାରିବାରିକ ଶାନ୍ତି ଲାଭ ହେବ ।




**ଧନୁ:** କର୍ମକ୍ଷେତ୍ରରେ ମାନମନାନ୍ତର ଦେଖାଦେବାର ସୂଚନା । ଧନ କ୍ଷୟର ସୂଚନା । ଶାରୀରିକ ସୁସ୍ଥତା ଅନୁଭବ କରିବେ । ବନ୍ଧୁ ଦର୍ଶନରେ ସୁଯୋଗ ଲାଭ । ସୌଖିନ୍ୟ ଦ୍ରବ୍ୟ କ୍ରୟ କରିପାରନ୍ତି । ମହିଳାମାନେ ସୁଖୀ ହେବେ ।



**ମକର:** ଆଜି ଆପଣଙ୍କର ଦିନଟି ଆନନ୍ଦ ଉତ୍ସବରେ କଟିବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ ଓ ସହଯୋଗ ଲାଭ କରି ଉପକୃତ ହେବେ ।



**କୁମ୍ଭ:** ଦୁଃସାହସିକ କାର୍ଯ୍ୟରେ କୃତକାର୍ଯ୍ୟ ହେବେ । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହୋଇଯିବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଦେହ ଓ ମନ ଭଲ ରହିବାର ସୂଚନା । ଦୟାଳୁ ହେବେ ।



**ମୀନ:** କର୍ମକ୍ଷେତ୍ରରେ ନିଜର ଆଧିପତ୍ୟ ବିସ୍ତାର କରିବେ । କୁଟୁମ୍ବେ କଳହ ଦେଖାଦେବାର ସୂଚନା । ସମ୍ମାନ ଉପରେ ଆଞ୍ଚ ଆସିପାରେ । ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ଆୟ ମଧ୍ୟମ ଧରଣର ହେବ ।

# ମାହାଙ୍ଗା ବିଜେପି ପ୍ରାର୍ଥୀ ସୁମନ୍ତ ଘଡ଼େଇଙ୍କ ଭୋଟ ଭିକ୍ଷା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବିଜେପି ପ୍ରାର୍ଥୀ ସୁମନ୍ତ ଘଡେଇ ନିଜ ଶତାଧିକ ସମର୍ଥକଙ୍କ ସହ ଏକ ନିର୍ବାଚନୀ ପ୍ରଚାରରେ ଆସି କଟକ ଜିଲ୍ଲାର ସର୍ବ ବୃହତ ନିଶ୍ଚିନ୍ତକୋଇଲି ସାପ୍ତାହିକ ଆଦର୍ଶ ହାଟ ଓ ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ମାନଙ୍କ ପାଖକୁ ଯାଇ ଭୋଟ ଭିକ୍ଷା କରିଥିଲେ। ଆଗାମୀ ବିଧାନ ସଭା ନିର୍ବାଚନରେ ନିତ୍ୟ ନୂତନ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହ ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ନିମନ୍ତେ ବିଜେପିକୁ ଭୋଟ୍ ଦେବାକୁ ସେ ଭୋଟରମାନଙ୍କୁ ନିବେଦନ କରିବା ସହ ସେମାନଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ନିର୍ବାଚନ ପ୍ରଚାର ସମୟରେ ତାଙ୍କ ସହ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ସମୀର ସାମଲ, ନାରୀନେତ୍ରୀ ଅହଲ୍ୟା ଜେନା, ପୂର୍ବତନ ମଣ୍ଡଳ ସଭାପତି ତ୍ରିବିକ୍ରମ ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ନାରାୟଣ ସେଠୀ, ପୂର୍ବତନ ସମିତି ସଭ୍ୟ ମଳୟ ଘଡେଇ, ଭାଜପା ବରିଷ୍ଠ ନେତା ଶ୍ୟାମସୁନ୍ଦର ରଥ, ସୁଧାଂଶୁ ଶେଖର ଭୂୟାଁ, ଜଗବନ୍ଧୁ ସାହୁ, ଶଙ୍କର୍ଷଣ ସ୍ୱାଇଁ, କୁଳମଣି ରାଉତ, କମଳାକାନ୍ତ ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ। ତେବେ ଭାଜପା ପକ୍ଷରୁ ଘର ଘର ବୁଲି ଶ୍ରୀ ଘଡେଇ ନିର୍ବାଚନ ପ୍ରଚାର କରୁଥିଲା ବେଳେ ଅପରାହ୍ନରେ ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ଘନ ଘନ ବୈଠକ କରୁଛନ୍ତି। ତେବେ ଯୁବନେତାଙ୍କ ଏଭଳି ପ୍ରୟାସକୁ ସାଧାରଣ ଲୋକେ ଗ୍ରହଣକରି ଆଶୀର୍ବାଦ ଦେଉଥିବା ଦେଖାଯାଇଛି।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ **ତା୧୭।୪।୨୦୨୪, ବୈଶାଖ ଦି୪ନ, ବୁଧବାର ସୂର୍ଯ୍ୟୋଦୟ- ଘ୦୫।୨୮।୦୬ ଚନ୍ଦ୍ରୋଦୟ- ଦିଘ ୧୨।୪୬।୧୩** ନବମୀ- ଦିଘ ୩।୧୫ ପର୍ଯ୍ୟନ୍ତ । ଅଶ୍ଲେଷା ନକ୍ଷତ୍ର ଓ କର୍କଟ ଚନ୍ଦ୍ର - ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି -** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧ ନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ଦିଘ ୩।୧୫ ପରେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ଘ ୫।୩୧ ଗତେ ଘ ୭।୧୧ ମଧ୍ୟେ। ଦିଘ ୧।୫୨ ଗତେ ଘ ୫।୧୨ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀରାମ ନବମୀ, ବାସନ୍ତୀ ପୀଠେ ଦଶମୀ ଓ ମୃଣ୍ମୟୀଙ୍କ ନବମୀ ପୂଜା, ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ।

ପ୍ରଗତିଶୀଳ
30 YEARS
ସମ୍ବାଦ କଳିକା

# ୨୦୨୪-୨୫ ଆର୍ଥିକ ବର୍ଷରେ ମୁଦ୍ରାସ୍ଫୀତି ୪.୫ ପ୍ରତିଶତ ରହିଛି

ଭାରତୀୟ ରିଜର୍ଭ ବ୍ୟାଙ୍କ କ୍ରମାଗତ ସପ୍ତମ ଥର ପାଇଁ ରେପୋ ହାରକୁ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକ ପକ୍ଷରୁ ଋଣ ସୁଧ ହାର କିମ୍ବା ମାସିକ କିସ୍ତି (ଇଏମଆଇ) ପରିଶୋଧ ରାଶି ବୃଦ୍ଧି ଯୋଜନା ନାହିଁ। ଆରମ୍ଭ ହୋଇଥିବା ଚଳିତ ଆର୍ଥିକ ବର୍ଷର ପ୍ରଥମ ଦ୍ୱିମାସିକ ମୁଦ୍ରା ନୀତି କମିଟି ବୈଠକର ନିଷ୍ପତ୍ତି ସଂପର୍କରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଘୋଷଣା କରିଛନ୍ତି। ଶକ୍ତିକାନ୍ତ କହିଛନ୍ତି ଦେଶରେ ମୁଦ୍ରାସ୍ଫୀତିରେ ଦେଖାଦେଇ ଆସୁଥିବା ବୃଦ୍ଧି ଧାରା ଏବେ ବନ୍ଦ ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଖୁଚୁରା ମୁଦ୍ରାସ୍ଫୀତି ୪.୫ ପ୍ରତିଶତ ଏବଂ ବାସ୍ତବ ଜିଡିପି ଅଭିବୃଦ୍ଧି ୭ ପ୍ରତିଶତ ରହିବା ନେଇ ଆକଳନ କରାଯାଇଛି। ଉଲ୍ଲେଖଯୋଗ୍ୟ, ରେପୋ ହାର ହେଉଛି ସେହି ହାର ଯେଉଁଥିରେ ରିଜର୍ଭ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ଋଣ ପ୍ରଦାନ କରିଥାଏ। ଏହା ବଢ଼ିଲେ ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କଠାରୁ ଋଣ ଉପରେ ଅଧିକ ସୁଧ ହାର ଆଦାୟ କରିଥାନ୍ତି ଏବଂ କମିଲେ ସୁଧ ହାର କମାଇଥାନ୍ତି। ମୁଦ୍ରାନୀତି କମିଟିର ୬ ସଦସ୍ୟଙ୍କ ମଧ୍ୟରୁ ୫ ଜଣ ଏହାକୁ ଅପରିବର୍ତ୍ତିତ ରଖିବାକୁ ମତ ଦେଇଥିବାବେଳେ ଜଣେ ପରିବର୍ତ୍ତନ ପାଇଁ କହିଥିଲେ। ମୁଦ୍ରାନୀତି ରିପୋର୍ଟ ଘୋଷଣା କରିବା ଅବସରରେ ଶକ୍ତିକାନ୍ତ କହିଛନ୍ତି, ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସର ଜିଡିପି ଅଭିବୃଦ୍ଧି ୭.୧ ପ୍ରତିଶତ, ଦ୍ୱିତୀୟ ତ୍ରୟମାସରେ ୬.୯ ପ୍ରତିଶତ ଏବଂ ତୃତୀୟ ଓ ଚତୁର୍ଥ ତ୍ରୟମାସରେ ୭ ପ୍ରତିଶତ ଲେଖାଏଁ ରହିବ। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏକ ମୋବାଇଲ ଆପ୍ ଉନ୍ମୋଚନ ସଂପର୍କରେ ଘୋଷଣା କରାଯାଇଛି। ଏହି ଆପ୍ ଜରିଆରେ ଖୁଚୁରା ନିବେଶକମାନେ ସରକାରୀ ବଣ୍ଡ୍ରେ ସହଜରେ ନିବେଶ ସୁବିଧା ପାଇବେ। ଖୁବ୍‌ଶୀଘ୍ର ଏହି ଆପ୍ ଉପଲବ୍ଧ ହେବ। ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ରେକର୍ଡ ୬୪୫.୬ ବିଲିଅନ ଡଲାରରେ ପହଞ୍ଚିଥିବା ଶକ୍ତିକାନ୍ତ ଘୋଷଣା କରିଛନ୍ତି। ଇଣ୍ଟରନ୍ୟାସନାଲ ଫାଇନାନ୍ସିଆଲ ସର୍ଭିସେସ ସେଣ୍ଟର (ଆଇଏଫଏସ୍ସି)ରେ ସଭରେନ୍ ଗ୍ରିନ ବଣ୍ଡ୍ କାରବାରକୁ ଅନୁମତି ଦିଆଯିବ। ଏହା ବ୍ୟତୀତ, ଆଜି ରିଜର୍ଭ ବ୍ୟାଙ୍କ ପକ୍ଷରୁ ନୂଆ ୱେବସାଇଟ୍ ଏବଂ ଏକ ମୋବାଇଲ ଆପ୍ ଆରମ୍ଭ କରାଯାଇଛି। ତେବେ ବର୍ତ୍ତମାନ କିଛିଦିନ ପାଇଁ ପୁରୁଣା ୱେବସାଇଟ୍ ଉପଲବ୍ଧ ହେବ। ଗୁଗୁଲ୍ ପ୍ଲେ ଷ୍ଟୋର ଏବଂ ଆପଲ୍ର ଆଇଓଏସରୁ ଏହାକୁ ଡାଉନଲୋଡ କରାଯାଇପାରିବ। ଶକ୍ତିକାନ୍ତ ଦାସ ଏବଂ ନୂଆ ୱେବସାଇଟ୍ ଏବଂ ଆପ୍ ଉନ୍ମୋଚନ କରିଛନ୍ତି। ବ୍ୟାଙ୍କ ଓ ଆର୍ଥିକ ସେବା କମ୍ପାନିଗୁଡ଼ିକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଆଜି ଚେତାବନୀ ଦେଇଛନ୍ତି। କାରବାର ସମୟରେ ନିୟମକୁ ଠିକ୍ ଭାବେ ପାଳନ କରିବାକୁ କହିଛନ୍ତି। ସେ ତାଙ୍କୁ ମନେ ପକାଇ ଦେଇଛନ୍ତି ଯେ ସବୁ କିଛି ହେଉଛି ଲୋକମାନଙ୍କ ଟଙ୍କା। ସେକଥା କେବେ ଭୁଲିବ ନାହିଁ। ତେଣୁ ସବୁ ନିୟମକୁ ପାଳନ କରି କର୍ପୋରେଟ ଗଭର୍ଣ୍ଣାନ୍ସକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ସେ ବ୍ୟାଙ୍କଗୁଡ଼ିକୁ କହିଛନ୍ତି। ନିୟମ ପାଳନ କରିବାରେ ଅବହେଳା କରୁଥିବା ସଂସ୍ଥାଗୁଡ଼ିକ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରିଜର୍ଭ ବ୍ୟାଙ୍କ ପଛାଉନାହିଁ। ନିକଟରେ ଏହା ପେଟିଏମ୍ ପେମେଣ୍ଟ୍ସ ବ୍ୟାଙ୍କ ଉପରେ କଠୋର କଟକଣା ଲଗାଇ ଏହାକୁ ଜମା ଓ ଅଗ୍ରିମ କାରବାର ବନ୍ଦ କରିବାକୁ କହିଥିଲା। ସେହିପରି ଆଇଆଇଏଫ୍‌ଏଲ୍ ଫାଇନାନ୍ସ ଲିମିଟେଡକୁ ସୁନା ଋଣ କାରବାର ବନ୍ଦ କରିବା ଏବଂ ଜେଏମ୍ ଫାଇନାନ୍ସିଆଲ୍ ପ୍ରଡକ୍ଟସ୍ ଲିମିଟେଡକୁ ସେୟାର ବନ୍ଧକ ରଖି ଋଣ ଦେବାକୁ ମନା କରିଥିଲା। ୨୦୨୦ ଡିସେମ୍ବରରେ ଏଚଡିଏଫସି ବ୍ୟାଙ୍କକୁ ନୂଆ କ୍ରେଡିଟ୍ କାର୍ଡ ଗ୍ରାହକ ଗ୍ରହଣ କରିବାକୁ ମନା କରାଯାଇଥିଲା। ରେଟିଂ ଏଜେନ୍ସି ଏସ୍‌ଆଣ୍ଡପି ମତରେ ନିୟମ ପାଳନରେ ଅବହେଳା ପ୍ରତି ରିଜର୍ଭ ବ୍ୟାଙ୍କ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ବିଶେଷ କରି ନୋ ୟୋର କଷ୍ଟମର (କେୱାଇସି), ତଥ୍ୟ ସୁରକ୍ଷା, ମନି ଲଣ୍ଡରିଂ ପ୍ରସଙ୍ଗକୁ ଏହା ଗମ୍ଭୀରତା ସହ ନେଉଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ଅନନ୍ତ ଚିନ୍ତନ


ନକାରା ସକାରମ୍‌ରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତୀର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)

ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)

ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)

ନବ ବ୍ରହ୍ମଣ୍ୟ ଦେବରେ
କହି ତିନିବାର
ନତି ମସ୍ତକ ହେବୁରେ
ତୁଳସୀ ମୂଳର
ନବଖଣ୍ଡ...ମା ହେଲା ସାର (୩୭)

ନ ଭାବ ନଚୀନି ତୁରେ



ଶ୍ରୀ ଅଭିରାମ ସରସ୍ୱତୀ

ଭେଦିବୁ ସେ ପୁର
ନରସିଂହ ଲକ୍ଷ୍ମୀଙ୍କୁରେ
ଭେଟିବୁ ସତ୍ତ୍ୱର
ନବଖଣ୍ଡ...ମା ହେଲା ସାର (୩୮)

ନଗା ନାହିଁ ତୋ ଦେହରେ
ଅହଂକାର ଠାର
ନବ ସପ୍ତ ପଞ୍ଚମରେ
ଖେଳିବେ ଠାକୁର
ନବଖଣ୍ଡ...ମା ହେଲା ସାର (୩୯)

(କ୍ରମଶଃ)


# "ଡେଭିଲ ଧୂମକେତୁ" ଆସୁଅଛି, ହେଲୀ କେବେ ? (୧୧)



ଡ. ଦେବାଶୀଷ ରାୟ
(ପରିବେଶ ବିଜ୍ଞାନୀ)
୪୬୪, ସହିଦ ନଗର
ଭୁବନେଶ୍ୱର-୭
ମୋ : ୭୦୦୮୩୧୯୭୭୪

ପୂର୍ବରୁ ଇତିହାସକୁ ଭାଗ ଭାଗ କରି ପ୍ରତ୍ୟେକ ସମୟରେ ମନୁଷ୍ୟର ଧୂମକେତୁ ବିଷୟରେ କି କି ଚିନ୍ତାଧାରା ଥିଲା ସେ ବିଷୟରେ ସମ୍ୟକ ଧାରଣା ପାଇଥିଲେ। ପ୍ରଥମେ ଆଲେଖ୍ୟରେ ଆରମ୍ଭ କରିଥିଲୁ ପୁରାତନ ଗ୍ରୀକ୍ ସଭ୍ୟତାରୁ ଉନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ । ତା ପରେ ଆଜି ଆଧୁନିକ ଯୁଗରେ ବିଜ୍ଞାନର ଅଗ୍ରଗତି ହେବା ପରେ ଧୂମକେତୁକୁ କିପରି ଭାବେ ବର୍ଣ୍ଣନା କରାଗଲା ସେ ବିଷୟରେ ଅଧିକ ତଥ୍ୟ ଆଣିବାକୁ ଚେଷ୍ଟା କରିଥିଲୁ। ଏହାର ସଂରଚନା ସମ୍ବନ୍ଧରେ ଅନେକ ବୈଜ୍ଞାନିକ ବିଭିନ୍ନ ମତ ଦେଇଥାନ୍ତି। ସେ ବିଷୟରେ ଅଧିକ ଜାଣିବା। ପୂର୍ବରୁ ଦିଆଯାଇଥିବା ଚିତ୍ରକୁ ପୁନର୍ବାର ଏଠାରେ ଦେଲେ ତଥ୍ୟ ବୁଝିବାକୁ ସୁବିଧା ହେବ। ଧୂମକେତୁର କୋମା ପ୍ରାୟତଃ ଗିଜର ପରି ସଂରଚନା, କିମ୍ବା "ଜେଟ୍" ପରି ଦେଖାଯାଏ , ଯାହା ନ୍ୟୁକ୍ଲିୟସ ପୃଷ୍ଠରେ ସ୍ୱତଃ ସକ୍ରିୟ କ୍ଷେତ୍ରର ପ୍ରମାଣ ଭାବରେ ନିଆଯାଏ । ଯେପରି ଉପରେ ସୂଚିତ କରାଯାଇଛି, ବଡ଼ ଧୂଳିକଣାର ଅବଶିଷ୍ଟ ଅଂଶ ଭୂପୃଷ୍ଠରେ ସବ୍ଲିମେଶନ(ଉର୍ଦ୍ଧୀକରଣ ପ୍ରକ୍ରିୟା ଯାହାର ଅର୍ଥ କଠିନ ପଦାର୍ଥରୁ ତାପ ପ୍ରୟୋଗ ଦ୍ୱାରା ବାଷ୍ପାକାରରେ ପରିଣତ) ବନ୍ଦ କରିପାରେ । ନକ୍ଷତ୍ର ମାନଙ୍କର କାର୍ଯ୍ୟକଳାପ ପାଇଁ ଉତ୍ସ ନିର୍ଗମ ପଥର ପ୍ରକୃତି ଏପର୍ଯ୍ୟନ୍ତ ଅଜ୍ଞାତ ଅଟେ। କେତେକ କ୍ଷେତ୍ର କାହିଁକି ସକ୍ରିୟ ରହିଥାଏ ଏବଂ ଅନ୍ୟମାନେ କାହିଁକି ସକ୍ରିୟ ରୁହନ୍ତି ନାହିଁ ସେ ବିଷୟରେ କୌଣସି ଉତ୍ତମ ବ୍ୟାଖ୍ୟା ନାହିଁ । ଜଣାଯାଏ ଯେ ସମ୍ଭବତଃ ଏହା ଏକ ବାର୍ଦ୍ଧକ୍ୟ ପ୍ରଭାବ, କାରଣ ନ୍ୟୁକ୍ଲିୟସରେ ସକ୍ରିୟ ଭଗ୍ନାଂଶ ଦୀର୍ଘ ସମୟ ପାଇଁ ଏବଂ ହାଲୀ-ପ୍ରକାର ଧୂମକେତୁ ପାଇଁ ବୃହତ ଅଟେ, କାରଣ ସୂର୍ଯ୍ୟଙ୍କ ନିକଟବର୍ତ୍ତୀ ହେବାରେ ଅପେକ୍ଷାକୃତ ଅତି କମ୍ ଆଭିମୁଖ୍ୟ ଗ୍ରହଣ କରିଥିଲା ।

କୋମାର ଆକୃତି "ଝରଣା ମଡେଲ" ଦ୍ୱାରା ବ୍ୟାଖ୍ୟା କରାଯାଇଥାଏ, ଯେଉଁଥିରେ ନ୍ୟୁକ୍ଲିୟସର ସୂର୍ଯ୍ୟଆଡକୁ ମୁହାଁଇଥିବା ଗୋଲାର୍ଦ୍ଧରେ ଧୂଳି ଏବଂ ଗ୍ୟାସ୍ ନିର୍ଗତ ହୋଇଥାଏ ଏବଂ ନ୍ୟୁକ୍ଲିଅସ୍ ଠାରୁ ପୃଷ୍ଠଭାଗ ବାହ୍ୟ ଆଡକୁ ପ୍ରବାହିତ ହୁଏ। ଧୂଳିକଣା ସୌର ବିକିରଣ ଚାପ ଅନୁଭବ କରେ, ଯାହା ଧୀରେ ଧୀରେ ସେମାନଙ୍କୁ ମନ୍ଥର କରିଥାଏ ଏବଂ ତାପରେ ସେମାନେ ସୂର୍ଯ୍ୟର ବିପରୀତ ଦିଗରେ ପ୍ରବାହିତ ହୁଅନ୍ତି। ଏହା କୋମା ପାଇଁ ଏକ ଗୋଲାକାର "ମୁଣ୍ଡ" ସୃଷ୍ଟି କରେ, ସାଧାରଣତଃ ୧୦୦,୦୦୦ କିଲୋମିଟର (୬୦,୦୦୦ ମାଇଲ) ବ୍ୟାସ ଆକାରର ।





ସୌଜନ୍ୟ: ନାସା

ଲାଞ୍ଜ –୧୯୫୧ ମସିହାରେ ଜର୍ମାନ ଜ୍ୟୋତିର୍ବିଜ୍ଞାନୀ ଲୁଡୱିଗ୍ ବାୟର୍ମନ୍ ଧୂମକେତୁର ଲାଞ୍ଜ ଅଧ୍ୟୟନ କରିଥିଲେ ଏବଂ ଦର୍ଶାଇଥିଲେ ଯେ ପରମାଣୁ ଯୁକ୍ତ ଆୟନର ଲାଞ୍ଜ ସୂର୍ଯ୍ୟଙ୍କଠାରୁ ସେକେଣ୍ଡରେ ୪୦୦ କିଲୋମିଟରରୁ ଅଧିକ ବେଗରେ ପ୍ରବାହିତ ହେଉଛି। ସେ ପରାମର୍ଶ ଦେଇଛନ୍ତି ଯେ ଏହି ଘଟଣା ସୂର୍ଯ୍ୟଙ୍କଠାରୁ ବାହାରକୁ ପ୍ରବାହିତ ହେଉଥିବା ଏକ ପ୍ରକାର "କର୍ପୁସ୍କୁଲାର ବିକିରଣ" ସହିତ ଜଡିତ । ବାସ୍ତବରେ, ସେ ସୌର ପବନର ଅସ୍ତିତ୍ୱ ବିଷୟରେ ପରାମର୍ଶ ଦେଇଥିଲେ, ଯାହାକି ପରବର୍ତ୍ତୀ ୮ ବର୍ଷ ପାଇଁ ସିଧାସଳଖ ଭାବେ ଚିହ୍ନଟ ହୋଇନଥିଲା ।

କୋମାରେ ପ୍ରବାହିତ ଧୂଳିକଣା ଏବଂ ଗ୍ୟାସ ସାଧାରଣତଃ ସୌର ପବନ ଏବଂ ସୂର୍ଯ୍ୟକିରଣ ସହିତ କାର୍ଯ୍ୟ କରିଥାଏ । ଅଣୁ ଏବଂ ମୁକ୍ତ ରେଡିକାଲଗୁଡିକ ସୌର ପବନ ସହିତ ଚାର୍ଜ ବିନିମୟ ଦ୍ୱାରା ଆୟନାଇଜ୍ (ଆୟନରେ ପରିଣତ ହେବା ପଦ୍ଧତି) ହୋଇଥାଏ । ଥରେ ଆୟନାଇଜ୍ ହୋଇଗଲେ, ସେମାନେ ସୂର୍ଯ୍ୟଙ୍କ ଚୁମ୍ବକୀୟ କ୍ଷେତ୍ରରେ ଧରାପଡ଼ନ୍ତି ଏବଂ ସୌର ପବନରେ ଉଚ୍ଚ ବେଗରେ ପ୍ରବାହିତ ହୁଅନ୍ତି। କାର୍ବନ ମୋନୋକ୍ସାଇଡ ଅଣୁଗୁଡ଼ିକର ଉପସ୍ଥିତି ହେତୁ ଏହି ପ୍ରକ୍ରିୟା ଲମ୍ବା, ସଂକୀର୍ଣ୍ଣ, ସିଧା ପଥ ସୃଷ୍ଟି କରେ ଯାହା ନୀଳ ରଙ୍ଗରେ ଚମକିଥାଏ । ଅବଶ୍ୟ, ଲାଞ୍ଜର ମୁଖ୍ୟ ଆୟନ ହେଉଛି ପାଣି ($H_2O^+$), ଯାହା ଦୃଶ୍ୟମାନ ତରଙ୍ଗଦୈର୍ଘ୍ୟରେ ଚମକିବ ନାହିଁ । ସେହି ଲାଞ୍ଜ ଗୁଡିକ ସୂର୍ଯ୍ୟଠାରୁ ପ୍ରାୟ ଦୂରରେ ସୂଚିତ କରେ କାରଣ ସୌର ପବନର ବେଗ ସାଧାରଣତଃ ପ୍ରତି ସେକେଣ୍ଡରେ ପ୍ରାୟ ୪୦୦ କିଲୋମିଟର ଅଟେ, ପ୍ରାୟ ସମସ୍ତ ଧୂମକେତୁ କକ୍ଷପଥଠାରୁ ବହୁତ ବଡ଼। ଲାଞ୍ଜ ଦୁଇ ପ୍ରକାରର ହୋଇଥାଏ। ଆୟନ କିମ୍ବା ପ୍ଲାଜମା ଲାଞ୍ଜ ଯାହା ଟାଇପ୍ ୧ ଲାଞ୍ଜ ଭାବରେ ଜଣାଶୁଣା। ବେଳେବେଳେ ଧୂମକେତୁର ଆୟନ ଲାଞ୍ଜ କୋମାରୁ ବିଚ୍ଛିନ୍ନ ହୋଇ ଧୀରେ ଧୀରେ ମଳିନ ହୋଇଯାଏ ଯେତେବେଳେ ଧୂମକେତୁର ଏକ ନୂତନ ଆୟନ ଲାଞ୍ଜ ବଢେ। ସୂର୍ଯ୍ୟଙ୍କ ଚୁମ୍ବକୀୟ କ୍ଷେତ୍ରରେ ଧୂମକେତୁ ଚୁମ୍ବକୀୟ କ୍ଷେତ୍ର ସୀମା ଅତିକ୍ରମ କରି ଏହା ଘଟିଥାଏ ।

ସୂକ୍ଷ୍ମ ଧୂଳିକଣା ଏକ ସ୍ୱତନ୍ତ୍ର ଭାଗ୍ୟର ସମ୍ମୁଖୀନ ହୁଏ ଯେହେତୁ ଏହା ବିକିରଣ ଚାପ ଦ୍ୱାରା ସୂର୍ଯ୍ୟଙ୍କଠାରୁ ଦୂରେଇ ଯାଇଥାଏ । ଏହା ଏକ ବିସ୍ତୃତ, ବକ୍ର, ବେଳେବେଳେ ହଳଦିଆ ରଙ୍ଗର ଲାଞ୍ଜ ସୃଷ୍ଟି କରେ ଏବଂ ଏହାର କକ୍ଷପଥରେ ଧୂମକେତୁ ଅନୁସରଣ କରେ ଏବଂ ସାଧାରଣତଃ ସୂର୍ଯ୍ୟଠାରୁ ଦୂରରେ ରହିଥାଏ, ଯାହାକୁ ପ୍ରକାର ୨ ଲାଞ୍ଜ ଭାବରେ ଧରାଯାଏ। କଣିକାଗୁଡିକ ଧୂମକେତୁ ନ୍ୟୁକ୍ଲିୟସ୍ ଅପେକ୍ଷା ଏକ ବୃହତ କକ୍ଷ ପଥରେ ଉଡ଼ିଯାଏ, ଏବଂ ଗ୍ରହ ଗତିର ନିୟମ ହେତୁ ଏହା ମନ୍ଥର ହୋଇଯାଏ, ଯାହା ଦ୍ୱାରା ସେମାନେ ନ୍ୟୁକ୍ଲିୟସ୍ ପଛରେ ରହିଯାଆନ୍ତି । ଧୂଳିକଣା ଧୂମକେତୁକୁ ଏହାର କକ୍ଷପଥରେ ଅନୁସରଣ କରେ କିନ୍ତୁ ଶେଷରେ ଧୂଳିକଣା ଯୁକ୍ତ ମେଘରେ ବିସ୍ତାର ହୁଏ ।

୧୯୮୬ ମସିହାରେ ଆମେରିକାର ଜ୍ୟୋତିର୍ବିଜ୍ଞାନୀ ମାର୍କ ସାଇକସ୍ ଏବଂ ସହକର୍ମୀମାନେ ଇନଫ୍ରାରେଡ୍ ଜ୍ୟୋତିର୍ବିଜ୍ଞାନ ସାଟେଲାଇଟ୍ ଦ୍ୱାରା ଆକାଶର ଚିତ୍ରରେ ପଦାର୍ଥର ଦୁର୍ବଳ ପଥ ଆବିଷ୍କାର କରିଥିଲେ । ସାଇକସ୍ ଦର୍ଶାଇଛନ୍ତି ଯେ ସେହି ପଦଚିହ୍ନ ଗୁଡିକ ଏନେକେଙ୍କ ଧୂମକେତୁ ଏବଂ ୧୦ଚ / ଟେମ୍ପେଲ୍ ୨ ସହିତ ଅନେକଟା ଜଣାଶୁଣା ଧୂମକେତୁ କକ୍ଷପଥ ସହିତ ମେଳ ଖାଉଥିଲା ।ପରବର୍ତ୍ତୀ ବିଶ୍ଳେଷଣରୁ ଜଣାପଡିଛି ଯେ ଏହି ପଦଚିହ୍ନ ଗୁଡିକ ଅପେକ୍ଷାକୃତ ବଡ଼ କଣିକାର ଏକ ସଂଗ୍ରହ ପରି ଲାଗୁଥିଲା (୧୦୦ ମାଇକ୍ରନ୍ ଠାରୁ ୧ ସେମି ବ୍ୟାସାର୍ଦ୍ଧରେ), ଯାହା ଧୂମକେତୁରୁ ନିର୍ଗତ ହୋଇଥିଲା । କିନ୍ତୁ ତାହାର କକ୍ଷପଥ ଧୀରେ ଧୀରେ ବଦଳିଗଲା କାରଣ ସୌର ବିକିରଣ ଚାପ ପାଇଁ ସେମାନେ ବହୁତ ବଡ ହୋଇଯାଇଥିଲେ ଓ ପରେ ଅତି ବଡ ହୋଇ ସହଜରେ ବୁଲିବାକୁ ଲାଗିଲେ।

କେତେକ ଧୂମକେତୁ ଆଣ୍ଟି-ଟେଲ୍ ପ୍ରଦର୍ଶନ କରେ ଯାହା ସୂର୍ଯ୍ୟଙ୍କୁ ମୁହଁ କରି ରହିଥାଏ। ପୃଥିବୀ ଧୂମକେତୁ କକ୍ଷପଥ ଦେଇ ଗତି କଲାବେଳେ ଏଗୁଡ଼ିକ କେବଳ ଦେଖାଯାଏ । ଯାହାହେଉ, ଯାହା ଦେଖାଯାଏ ତାହା ହେଉଛି ଏକ ପ୍ରୋଜେକସନ ଇଫେକ୍ଟ, ଏବଂ ଆଣ୍ଟି-ଟେଲଗୁଡ଼ିକ ପ୍ରକୃତରେ ଟାଇପ୍-୨ ଧୂଳିକଣାର ପଦଚିହ୍ନ ଯାହା ନ୍ୟୁକ୍ଲିୟସ୍ ପଛରେ ଦୃଶ୍ୟ ଧାଡିରେ ବକ୍ର ହୋଇଯାଏ।

ପରେ ଏହାର ଗତି ଓ ତାକୁ ପ୍ରଭାବିତ କରୁଥିବା କାରଣ ବିଷୟରେ କିଛି ଜାଣିବା। (କ୍ରମଶଃ)

# 'ଚୈତ୍ର ଶୁକ୍ଳ ଅଷ୍ଟମୀ'



ଲଳିତ ମୋହନ ମିଶ୍ର
ଅରବିନ୍ଦ ନଗର, ନୟାଗଡ଼,
ମୋ- ୯୪୩୭୯୮୫୮୬୬

ଅଶୋକାଷ୍ଟମୀ ବ୍ରତ ଚୈତ୍ର ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ପାଳନ କରାଯାଏ । ଯଦି ଏହି ଦିନ ପୁନର୍ବସୁ ନକ୍ଷତ୍ର ଥାଏ ତେବେ ଅଶୋକାଷ୍ଟମୀ ବ୍ରତକୁ ଅଧିକ ଶୁଭ ବୋଲି ବିବେଚନା କରାଯାଏ । ଏହି ଦିନ ଅଶୋକ ବୃକ୍ଷ ସହ ଜଡିତ ପୂଜା ବିଧି ବର୍ଣ୍ଣନା କରାଯାଇଛି । ଅଶୋକ କାଳିକା ପ୍ରସାର ପ୍ରାଧାନ୍ୟ ଲାଭ କରିଥିବାରୁ ଏହାକୁ ଅଶୋକଷ୍ଟମୀ କୁହାଯାଏ । ଅଶୋକ ଅଷ୍ଟମୀ ବ୍ରତ ଗରୁଡ଼ ପୁରାଣରେ ଭଗବାନ ବ୍ରହ୍ମାଙ୍କ ଦ୍ୱାରା କୁହାଯାଇଛି, ଯେଉଁକାରଣରୁ ଏହାର ବିଶେଷ ମହତ୍ତ୍ୱ ମଧ୍ୟ ରହିଛି । ଶାସ୍ତ୍ରରେ ଅଶୋକ ଅଷ୍ଟମୀ ଦିନ ଅଶୋକ ଗଛକୁ ପୂଜା କରିବା ପାଇଁ କୁହାଯାଇଛି । ଏହି ବ୍ରତରେ ଅଶୋକ-କାଳିକା-ପ୍ରସନ୍ନର ପ୍ରାଧାନ୍ୟ ରହିଥାଏ, ସେଥିପାଇଁ ଏହି ବ୍ରତକୁ ଅଶୋକ ଅଷ୍ଟମୀ କୁହାଯାଏ । ଗରୁଣ ପୁରାଣ ଅନୁସାରେ ଅଶୋକ ଅଷ୍ଟମୀ ବ୍ରତ ଭଗବାନ ବ୍ରହ୍ମାଙ୍କ ମୁଖରେ ବର୍ଣ୍ଣନା କରାଯାଏ, ତେଣୁ ଏହି ବ୍ରତକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । ଅଶୋକ ଅଷ୍ଟମୀ ବ୍ରତବିଧି -ଚୈତ୍ର ମାସ ଶୁକ୍ଳପକ୍ଷ ଅଷ୍ଟମ ଦିନ ସକାଳୁ ଉଠି ପବିତ୍ର ନଦୀରେ ସ୍ନାନ କରିବା ଅଶୋକ ଅଷ୍ଟମୀ ବ୍ରତବିଧି - ଚୈତ୍ର ମାସ ଶୁକ୍ଳପକ୍ଷ ଅଷ୍ଟମ ଦିନ ସକାଳୁ ଉଠି ପବିତ୍ର ନଦୀରେ ସ୍ନାନ କରିବା ଉଚିତ୍ । ଯଦି ଆପଣଙ୍କ ଘର ଆଖପାଖରେ ପବିତ୍ର ନଦୀ ନାହିଁ, ତେବେ ଆପଣ ମଧ୍ୟ ସ୍ନାନ ଜଳରେ ଅଳ୍ପ ଗଙ୍ଗା ଜଳ ମିଶାଇ ସ୍ନାନ କରି ପାରିବେ । ସ୍ନାନ କରିବା ପରେ ବ୍ରତ କରିବା ପାଇଁ ଶପଥ ନେବା ଉଚିତ୍ । ସଂକଳ୍ପ ନେବା ପରେ ଅଶୋକ ଗଛକୁ ବିଧିବଦ୍ଧ ଭାବେ ପୂଜା କରି ପରିକ୍ରମା କରିବେ। ଅଶୋକ ଗଛକୁ ପୂଜା କରିବା ପରେ ପୂରା ଦିନ ବ୍ରତ । ଅଶୋକ ଅଷ୍ଟମୀ ବ୍ରତରେ ଅଶୋକ ଗଛକୁ ପୂଜା କରି ଏକ ପାତ୍ରରେ ଅଶୋକର ଆଠଟି ପତ୍ରର ପାଣି ପିଇବା ଦ୍ୱାରା ବ୍ୟକ୍ତିର ସମସ୍ତ ଦୁଃଖ ଦୂର ହୋଇଥାଏ । କୁହାଯାଏ ଯେ ଏହି ଦିନ ହନୁମାନଜୀ ଲଙ୍କାର ଅଶୋକ ବାଟିକାରେ ମାତା ସୀତାଙ୍କୁ ଭଗବାନ ରାମଙ୍କର ବାର୍ତ୍ତା ଓ ମୁଦି ଦେଇଥିଲେ । ଏହି ଦିନ ଅଶୋକ ଗଛର କଳିର ରସ ବାହାର କରି ପିଅନ୍ତୁ। ଏହା ଶରୀରର ରୋଗକୁ ନଷ୍ଟ କରିଥାଏ । କିମ୍ବଦନ୍ତୀ ଅନୁଯାୟୀ, ଲଙ୍କାରେ ଲଙ୍କାପତି ରାବଣ ଓ ଶ୍ରୀରାମଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ସମୟରେ ଶ୍ରୀରାମ ତାଙ୍କୁ ହତ୍ୟା କରିବାରେ ଅସମର୍ଥ ହୋଇଥିଲେ। ଏହାପରେ ବିଭୀଷଣ ପରାମର୍ଶ ଦେଇଥିଲେ ଯେ ଶ୍ରୀରାମ ଦେବୀ ଶକ୍ତିଙ୍କୁ ପୂଜା କରନ୍ତୁ ଏବଂ ରାବଣଙ୍କୁ ମାରିବା ପାଇଁ ତାଙ୍କ ଆଶୀର୍ବାଦ ନିଅନ୍ତୁ। ତେଣୁ ଶ୍ରୀରାମ ଏକାମ୍ର ଅଞ୍ଚଳର ଲିଙ୍ଗରାଜ ମନ୍ଦିରରେ ଭଗବାନ ଶିବ ଓ ଦେବୀ ଶକ୍ତିଙ୍କୁ ସାତ ଦିନ ଧରି ପୂଜା କରିଥିଲେ। ଚୈତ୍ର ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ଦେବୀ ଶକ୍ତି ଶ୍ରୀରାମଙ୍କୁ ରାବଣଙ୍କ ସହ ତାଙ୍କର ଆଗାମୀ ଯୁଦ୍ଧରେ ସଫଳତା ପ୍ରଦାନ କରିଥିଲେ। ଏହାପରେ ଶ୍ରୀରାମ ଯୁଦ୍ଧ କ୍ଷେତ୍ରରେ ରାବଣକୁ ଧ୍ୱଂସ କରିବାରେ ସକ୍ଷମ ହୋଇଥିଲେ । ଅଷ୍ଟମୀ ଦିନ ରଥ ଉପରେ ଭଗବାନ ଶିବ ଓ ଦେବୀ ଶକ୍ତିଙ୍କ ଶୋଭାଯାତ୍ରା କରି ଭଗବାନ ରାମ ଏହି ବିଜୟ ଉତ୍ସବ ପାଳନ କରିଥିଲେ। ସେହି ଦିନଠାରୁ ଚୈତ୍ର ଶୁକ୍ଳ ଅଷ୍ଟମୀକୁ ଅଶୋକ ଅଷ୍ଟମୀ ଭାବରେ ପାଳନ କରାଯାଏ ଯାହା ମନ୍ଦ ଉପରେ ଭଲର ବିଜୟର ପ୍ରତୀକ ଅଟେ । ଓଡ଼ିଶାରେ ଚୈତ୍ର ଶୁକ୍ଳପକ୍ଷ ଅଷ୍ଟମ ଦିନ - ରାମ ନବମୀର ଗୋଟିଏ ଦିନ ପୂର୍ବରୁ ଚନ୍ଦ୍ରର ଉଦୟ ପର୍ଯ୍ୟାୟକୁ ଅଶୋକ ଅଷ୍ଟମୀ ଭାବରେ ପାଳନ କରାଯାଏ । ମହାକାବ୍ୟ ରାମାୟଣରେ ଅଶୋକ ବୃକ୍ଷର ଉଲ୍ଲେଖନୀୟ ଉଲ୍ଲେଖ ରହିଛି। ରାବଣଙ୍କ ଦ୍ୱାରା ଅପହରଣ ହେବା ପରେ, ଦେବୀ ସୀତାଙ୍କୁ ଅଶୋକ ବାଟିକାରେ ଏକାନ୍ତବାସରେ ରଖାଯାଇଥିଲା - ଅଶୋକ ଗଛରେ ପରିପୂର୍ଣ୍ଣ ଏକ ବଗିଚା । ସୀତା ଅଶୋକ ଗଛ ତଳେ ଘଣ୍ଟା ଘଣ୍ଟା ଧରି ମନଦୁଃଖରେ ବସି ରହୁଥିଲେ, କିନ୍ତୁ ଦିନେ ଶ୍ରୀ ହନୁମାନ ତାଙ୍କୁ ସେଠାରେ ଦେଖିଲେ ଏବଂ ତା'ପରେ ତାଙ୍କୁ ଉଦ୍ଧାର କରିବାକୁ ଯୋଜନା କଲେ । ବିଶ୍ୱାସ କରାଯାଏ ଯେ ଅଶୋକ ବୃକ୍ଷ ଦେବୀ ସୀତାଙ୍କ ଦୁଃଖରୁ ମୁକ୍ତିର ମାଧ୍ୟମ ପାଲଟିଥିଲା, ତେଣୁ ଏହି ବୃକ୍ଷକୁ ଦୁଃଖରୁ ମୁକ୍ତି ଦେବାର ଗୁଣ ଦିଆଯାଇଥିଲା । ଦେବୀ ସୀତାଙ୍କ ସହ ଅଶୋକ ବୃକ୍ଷର ସମ୍ପର୍କ ହେତୁ ଏହାର ନାମ ସୀତା-ଅଶୋକ ମଧ୍ୟ ରଖାଯାଇଛି । ଜଗନ୍ନାଥଙ୍କର ରଥଯାତ୍ରା ବିଶ୍ୱ ବିଖ୍ୟାତ। ଏହା ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟାରେ ଅନୁଷ୍ଠିତ । ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମାଆ ବିରଜାଙ୍କର ମଧ୍ୟ ରଥଯାତ୍ରା ଆଶ୍ୱିନ ଶୁକ୍ଳ ପ୍ରତିପଦ ତିଥିରେ । ସେହିପରି କୋଣାର୍କଠାରେ ସୂର୍ଯ୍ୟ ରଥଯାତ୍ରା ଓ ଲିଙ୍ଗରାଜଙ୍କର ଚୈତ୍ର ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ଅଶୋକାଷ୍ଟମୀ ଯାତ୍ରା । ରଥଯାତ୍ରା, ପ୍ରତିଟି ଓଡ଼ିଆଙ୍କ ପାଇଁ ଏକ ପରିଚିତ ଶବ୍ଦ । ଏହା ଓଡ଼ିଶାର ଗର୍ବ ଓ ଗୌରବ। ରୁକୁଣା ରଥଯାତ୍ରା ଶ୍ରୀଲିଙ୍ଗରାଜଙ୍କର ଏକ ପ୍ରମୁଖ ବାର୍ଷିକ ଉତ୍ସବ । ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଚୈତ୍ର ମାସ ଶୁକ୍ଳ ଅଷ୍ଟମୀ ତିଥିରେ ଅନୁଷ୍ଠିତ ହୁଏ । ପ୍ରଭୁ ଲିଙ୍ଗରାଜଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର, ରୁକ୍ମଣୀ ଓ ବାସୁଦେବ ରଥ ଉପରେ ବିଜେ ହୁଅନ୍ତି। ରଥକୁ ଲିଙ୍ଗରାଜ ମନ୍ଦିରଠାରୁ ରାମେଶ୍ୱର (ମାଉସୀ ମା' ମନ୍ଦିର ) ମନ୍ଦିର ପର୍ଯ୍ୟନ୍ତ ଟଣାଯାଏ । ଏହି ରଥଯାତ୍ରା ୫ ଦିନ ବ୍ୟାପୀ ଚାଲେ । ଓଡ଼ିଶାର ଗେଜେଟିଅରର୍ସ-ପୁରୀ (୧୯୭୭ ମସିହା) ତଥ୍ୟାନୁଯାୟୀ ବସନ୍ତ ପଞ୍ଚମୀ ଦିନ ମନ୍ଦିରର ବାଉରୀ ସେବାକୁ ନୂତନ ବସ୍ତ୍ର ଦେଇ ରଥକାଠ ସଂଗ୍ରହ କରିବାକୁ କୁହାଯାଇଥାଏ। ସେମାନେ ଶିବରାତ୍ରିର ଆଠ ଦିନ ପୂର୍ବରୁ ଜଙ୍ଗଲକୁ ଯାଇ ସେଠାରେ ରଥକାଠ ଚୟନ ପୂର୍ବକ ପୂଜା ଅର୍ଚ୍ଚନା କରି ମନ୍ଦିରକୁ ଆଣନ୍ତି ଏବଂ ମହାଶିବରାତ୍ରୀ ପରେ ରଥ କାମ ଆରମ୍ଭ ହୁଏ । ଏହି ରଥ ଚାରିଚକ ବିଶିଷ୍ଟ ହୋଇଥିବା ବେଳେ ଏହାର ଉଚ୍ଚତା ୩୫ ଫୁଟ ହୋଇଥାଏ। । ରଥ ଉପରିସ୍ଥ ପତାକାରେ ଅର୍ଦ୍ଧଚନ୍ଦ୍ର ଚିହ୍ନ ଅଙ୍କିତ ହୋଇଥାଏ। ରଥର ଚାରିପାର୍ଶ୍ୱରେ ସୂର୍ଯ୍ୟ, ବରୁଣ, ଅଗ୍ନି, ଇନ୍ଦ୍ର, ଦୁର୍ଗା, ଶିବ ଯମ ଓ କାର୍ତ୍ତିକେୟଙ୍କ ମୂର୍ତ୍ତି କାଠରେ ଖୋଦିତ ହୋଇଥାଏ । ରଥଯାତ୍ରା ପୂର୍ବ ଦିନ ପୁରୀରୁ ନିମନ୍ତ୍ରିତ ହୋଇ ଆସିଥିବା କ୍ଷେତ୍ରବାସୀ ବ୍ରାହ୍ମଣଙ୍କ ଦ୍ୱାରା ରଥ ମାର୍ଜନା ଓ ପବିତ୍ରକରଣ କରାଯିବା ପରେ ରଥ ଶୀର୍ଷରେ ପତାକା ଖଞ୍ଜାଯାଇଥାଏ। ଏହାକୁ ନେତ ଉତ୍ସବ କୁହାଯାଏ । ଏହି ରଥଟିର ବିଶେଷତ୍ୱ ହେଉଛି ରଥଟି ଅଣଲେଉଟା । ଯେଉଁଭଳି ଭାବେ ରଥଟି ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇଥାଏ ଠିକ୍ ସେହିଭଳି ପୁନର୍ବାର ପଛକୁ ଫେରିଥାଏ। ଜଗନ୍ନାଥ ମହାପ୍ରଭୁଙ୍କ ପରି ରଥ ଦକ୍ଷିଣ ମୋଡ ବୁଲିନଥାଏ । ସେଥିପାଇଁ ଏହା ଅଣଲେଉଟା । ବାହୁଡ଼ା ଦିନ ରଥର ଆଗପାଖର ସାଜସଜ୍ଜାକୁ ବିପରୀତ ଦିଗରେ ଉପବେସନ କରାଯାଏ । ରୁକୁଣା ରଥର ସାରଥୀ 'ବ୍ରହ୍ମା'। ରଥଯାତ୍ରା ପୂର୍ବଦିନ ଭୋର ୪ଟାରୁ ମଙ୍ଗଳା ଆଳତୀ ଆରମ୍ଭ ହୋଇ ଅବକାଶ ନୀତି, ରୋଷପାକ, ସାହାଣ ମେଳା ଦର୍ଶନ, ମହାସ୍ନାନ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ ପୂଜା, ମା ଭୁବନେଶ୍ୱରୀଙ୍କ ପୂଜା, ସକାଳ ଧୂପ, ଭୋଗ ମଣ୍ଡପ, ବେଶ ସଜ୍ଜା ଓ ଦିନ ୨ଟା ସୁଦ୍ଧା ମହାପ୍ରଭୁ ଲିଙ୍ଗରାଜ, ବାସୁଦେବ ଓ ମା ଭୁବନେଶ୍ୱରୀ ବା ରୁକୁଣାଙ୍କ ପହଣ୍ଡି ହୋଇଥାଏ। ଏହାପରେ ରଥ ଉପରେ ଚକ ପୂଜା, ଅଖ ପୂଜା, ଦ୍ୱାରପୂଜା, ଅଶ୍ୱପୂଜା, ଧ୍ୱଜାପୂଜା, ବ୍ରହ୍ମାପୂଜା ଓ ଛେରାପହଁରା ପ୍ରଭୃତି ପ୍ରାୟ ୧୨ପ୍ରକାରର ପୂଜା କରାଯାଇଥାଏ । ଜନ୍ମାଷ୍ଟମୀ, ଗୋଷ୍ଠାଷ୍ଟମୀ, ପ୍ରଥମାଷ୍ଟମୀ, ମୂଳାଷ୍ଟମୀ, ରାଧାଷ୍ଟମୀ ଏହିପରି ଅଷ୍ଟମୀ ତିଥିମାନଙ୍କ ମଧ୍ୟରେ ଅଶୋକାଷ୍ଟମୀ ଶୈବ ସମ୍ପର୍କିତ ଏକ ମହାନ ଅଷ୍ଟମୀ ଯାହା କେବଳ ଲିଙ୍ଗରାଜଙ୍କର ରଥଯାତ୍ରା ଭାବେ ପରିଚାଳିତ ହୋଇଥାଏ ।

# ମନର ଶାନ୍ତି



ପ୍ରଭାତ କୁମାର ମହାପାତ୍ର
ସ୍ୱାମୀ ବିବେକାନନ୍ଦ ବନ ଭାରତୀ
ବିଦ୍ୟାପୀଠ କୋରାପୁଟ
ମୋ- ୭୮୯୪୦୦୫୪୫୫

> ଏମିତି କିଛି ବର୍ଷ ଗଲା ପରେ ଯେତେବେଳେ ତାଙ୍କୁ ତେପନ ବର୍ଷ ହେଲା, ଅଚାନକ ତାଙ୍କ ଶରୀରରେ ବିଭିନ୍ନ ପ୍ରକାର ରୋଗ ଚାରିଆଡୁ ଗ୍ରାସ କରିବା ଆରମ୍ଭ କରିଦେଲା। ତାଙ୍କର ସମଗ୍ର ଶରୀର ଭୀଷଣ ପୀଡ଼ାରେ ଛଟପଟ ହେବାକୁ ଲାଗିଲା। ମୁଣ୍ଡରେ ଥିବା ତାଙ୍କର ସମସ୍ତ ଚୁଟି ଝଡି ପଡ଼ିଲା। ଭାଗ୍ୟର କି ବିଡମ୍ବନା ସେହି ପୀଡ଼ା ଦାୟକ ଅବସ୍ଥାରେ, ଦୁନିଆର ଏକମାତ୍ର ଆରବପତି, ଯିଏକି ସବୁକିଛି ନିଜ ନାମରେ କରିବାର ସାମର୍ଥ୍ୟ ରଖୁଥିଲା, ଯାହା ଇଚ୍ଛା ତାହା କରି ପାରୁଥିଲା, ସିଏ ଆଜି କେବଳ କିଛି ହାଲୁକା ହାଲୁକା ଖାଦ୍ୟ ପଦାର୍ଥରେ ହିଁ ନିଜର ଉଦର ପୂର୍ଣ୍ଣ କରିବାକୁ ବାଧ ହେଲା। ତାଙ୍କର ଜଣେ ସହଯୋଗୀ ନିଜର ଆତ୍ମ ଜୀବନୀରେ ଲେଖିଥିଲେ, ମୋ ବନ୍ଧୁ ନା ଶୋଇ ପାରୁଥିଲେ, ନା ହସି ପାରୁଥିଲେ, ନା କାନ୍ଦି ପାରୁଥିଲେ ! ଜୀବନରେ ଏଭଳି ସମୟ ଆସିବ ବୋଲି ସେ କଳ୍ପନା ମଧ୍ୟ କରି ପାରି ନ ଥିଲେ। ବହୁ ପ୍ରଚେଷ୍ଟା ସତ୍ତ୍ୱେ ତାଙ୍କର ଶରୀରରେ କୌଣସି ଉନ୍ନତି ଆସିଲା ନାହିଁ। ଏଥି ମଧ୍ୟରେ ଜୀବନର ଏକ ବିରାଟ ସତ୍ୟ ତାଙ୍କ ନିକଟ ରେ ଆସି ପହଞ୍ଚିଲା। ତାଙ୍କର ବ୍ୟକ୍ତିଗତ ଓ କୁଶଳୀ ଚିକିତ୍ସକ ମାନେ ଭବିଷ୍ୟବାଣୀ କଲେ ଯେ, ସେ ମାତ୍ର ଆଉ ଏକ ବର୍ଷ ହି ବଞ୍ଚି ପାରିବେ। ଏହା ଶୁଣିବା ପରେ ତାଙ୍କ ମାନସିକ ଅବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଲା। ଯେତେ ବେଳେ ସେ ମୃତ୍ୟୁର ଅତି ନିକଟରେ ପହଞ୍ଚିବାକୁ ଯାଉଥିଲେ, ହଠାତ୍ ଦିନେ ତାଙ୍କ ମନରେ ହୃଦ୍‌ବୋଧ ହେଲା, ତାଙ୍କର ଯେତେ ସବୁ ସମ୍ପତ୍ତି ଅଛି, ମୃତ୍ୟୁ ପରେ ସେ ସବୁ କଣ ହେବ ? ଏତେ ସବୁ ସମ୍ପତ୍ତି ଥାଇ ମଧ୍ୟ ଦିନେ ବି ସେ କଣ ଶାନ୍ତି ପାଇ ପାରିଛନ୍ତି ? ଜୀବନ ସାରା କେବଳ ଟଙ୍କା ପଛରେ ଗୋଡ଼େଇ ଗୋଡ଼େଇ ଜୀବନକୁ ନଷ୍ଟ କରି ଦେଇଛନ୍ତି। ସେହି ସମ୍ପତ୍ତି ମଧ୍ୟରୁ କିଛି ମଧ୍ୟ ନିଜ ସାଥିରେ ନେଇ ପାରିବେ ନାହିଁ। ଯେଉଁ ବ୍ୟକ୍ତି ସମଗ୍ର ଦୁନିଆକୁ ଦିନେ ନିଜ ନିୟନ୍ତ୍ରଣରେ ରଖି ପାରୁଥିଲା, ତାଙ୍କୁ ଆଜି ହଠାତ୍ ଅନୁଭବ ହେଲା ଯେ, ତାଙ୍କର ନିଜ ଜୀବନ ହିଁ ନିଜ ନିୟନ୍ତ୍ରଣରେ ନାହିଁ !

ବିଚିତ୍ର ଏ ମଣିଷ। ସକାଳୁ ଆରମ୍ଭ କରି ବିଛଣାରେ ଶୋଇବା ପର୍ଯ୍ୟନ୍ତ କେବଳ ଟଙ୍କା ହିଁ ଟଙ୍କା ଲୋକ ମାନଙ୍କୁ ଏମିତି ପାଗଳ କରିଛି ଯେ କେବଳ ଏହି ଟଙ୍କା ପାଇଁ ସେ ସବୁ କିଛି କରିବାକୁ ପ୍ରସ୍ତୁତ ହୋଇ ଯାଉଛି କିନ୍ତୁ ବିଜ୍ଞ ପାଠକେ, ଟିକିଏ ଧ୍ୟାନ ଦିଅନ୍ତୁ ତ ସତରେ କଣ ଏହି ଟଙ୍କା ଆମ ମାନଙ୍କୁ ଶାନ୍ତି ଦେଇ ପାରୁଛି ? ଆମେ ମାନେ ସବୁ କାମ କରୁଛେ, କିନ୍ତୁ ଗୋଟିଏ କାମ କରିବା ଭୁଲି ଯାଉଛେ, ତାହା ହେଲା ଈଶ୍ୱରଙ୍କୁ ସ୍ମରଣ କରିବା ତଥା ଅନ୍ୟର ଉପକାର କରିବା। ଜୁଲାଇ ଆଠ ତାରିଖ ୧୮୩୯ ମସିହାରେ ଜନ୍ମ ହୋଇଥିବା ଯୁକ୍ତରାଷ୍ଟ୍ର ଆମେରିକାର ଜନ୍ ଡି ରକ୍ ଫେଲର ସେତେବେଳେ ଦୁନିଆର ସବୁଠାରୁ ବଡ ଧନୀ ଏବଂ ପ୍ରଥମ ଅରବପତି ଥିଲେ। ମାତ୍ର ପଚିଶି ବର୍ଷ ବୟସରେ ହିଁ ସେ ଆମେରିକାର ସବୁଠାରୁ ବଡ ତୈଳ ବିଶୋଧନାଗାର କମ୍ପାନୀର ମାଲିକ ହୋଇ ଯାଇଥିଲେ ଏବଂ ପଚାଶ ବର୍ଷ ବୟସ ଭିତରେ ସେ ଦେଶର ସବୁଠାରୁ ଧନୀ ବ୍ୟକ୍ତି ରୂପେ ପରିଗଣିତ ହୋଇ ଅନ୍ୟ ମାନଙ୍କୁ ଚକିତ କରି ଦେଇଥିଲେ। ଜଣେ ଯୁବକ ରୂପେ ସେ ନିଜର ପ୍ରତ୍ୟେକ ନିର୍ଣ୍ଣୟ , ଦୃଷ୍ଟିକୋଣ ଏବଂ ସମ୍ପର୍କକୁ ନିଜର ବ୍ୟକ୍ତିଗତ ଶକ୍ତି ଏବଂ ଧନକୁ ବୃଦ୍ଧି କରିବା ନିମନ୍ତେ କାର୍ଯ୍ୟ କରୁଥିଲେ। ଧନ ଅର୍ଜନ କରିବାର ନିଶା ଏତେ ମାତ୍ରାରେ ବଢ଼ି ଚାଲିଥିଲା ଯେ, ସେ ସବୁ କିଛି ଭୁଲି ଯାଉ ଥିଲେ। ଏମିତି କିଛି ବର୍ଷ ଗଲା ପରେ ଯେତେବେଳେ ତାଙ୍କୁ ତେପନ ବର୍ଷ ହେଲା, ଅଚାନକ ତାଙ୍କ ଶରୀରରେ ବିଭିନ୍ନ ପ୍ରକାର ରୋଗ ଚାରିଆଡୁ ଗ୍ରାସ କରିବା ଆରମ୍ଭ କରିଦେଲା। ତାଙ୍କର ସମଗ୍ର ଶରୀର ଭୀଷଣ ପୀଡ଼ାରେ ଛଟପଟ ହେବାକୁ ଲାଗିଲା। ମୁଣ୍ଡରେ ଥିବା ତାଙ୍କର ସମସ୍ତ ଚୁଟି ଝଡି ପଡ଼ିଲା। ଭାଗ୍ୟର କି ବିଡମ୍ବନା ସେହି ପୀଡ଼ା ଦାୟକ ଅବସ୍ଥାରେ, ଦୁନିଆର ଏକମାତ୍ର ଆରବପତି, ଯିଏକି ସବୁକିଛି ନିଜ ନାମରେ କରିବାର ସାମର୍ଥ୍ୟ ରଖୁଥିଲା, ଯାହା ଇଚ୍ଛା ତାହା କରି ପାରୁଥିଲା, ସିଏ ଆଜି କେବଳ କିଛି ହାଲୁକା ହାଲୁକା ଖାଦ୍ୟ ପଦାର୍ଥରେ ହିଁ ନିଜର ଉଦର ପୂର୍ଣ୍ଣ କରିବାକୁ ବାଧ ହେଲା। ତାଙ୍କର ଜଣେ ସହଯୋଗୀ ନିଜର ଆତ୍ମ ଜୀବନୀରେ ଲେଖିଥିଲେ, ମୋ ବନ୍ଧୁ ନା ଶୋଇ ପାରୁଥିଲେ, ନା ହସି ପାରୁଥିଲେ, ନା କାନ୍ଦି ପାରୁଥିଲେ ! ଜୀବନରେ ଏଭଳି ସମୟ ଆସିବ ବୋଲି ସେ କଳ୍ପନା ମଧ୍ୟ କରି ପାରି ନ ଥିଲେ। ବହୁ ପ୍ରଚେଷ୍ଟା ସତ୍ତ୍ୱେ ତାଙ୍କର ଶରୀରରେ କୌଣସି ଉନ୍ନତି ଆସିଲା ନାହିଁ। ଏଥି ମଧ୍ୟରେ ଜୀବନର ଏକ ବିରାଟ ସତ୍ୟ ତାଙ୍କ ନିକଟ ରେ ଆସି ପହଞ୍ଚିଲା। ତାଙ୍କର ବ୍ୟକ୍ତିଗତ ଓ କୁଶଳୀ ଚିକିତ୍ସକ ମାନେ ଭବିଷ୍ୟବାଣୀ କଲେ ଯେ, ସେ ମାତ୍ର ଆଉ ଏକ ବର୍ଷ ହି ବଞ୍ଚି ପାରିବେ। ଏହା ଶୁଣିବା ପରେ ତାଙ୍କ ମାନସିକ ଅବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଲା। ଯେତେ ବେଳେ ସେ ମୃତ୍ୟୁର ଅତି ନିକଟରେ ପହଞ୍ଚିବାକୁ ଯାଉଥିଲେ, ହଠାତ୍ ଦିନେ ତାଙ୍କ ମନରେ ହୃଦ୍‌ବୋଧ ହେଲା, ତାଙ୍କର ଯେତେ ସବୁ ସମ୍ପତ୍ତି ଅଛି, ମୃତ୍ୟୁ ପରେ ସେ ସବୁ କଣ ହେବ ? ଏତେ ସବୁ ସମ୍ପତ୍ତି ଥାଇ ମଧ୍ୟ ଦିନେ ବି ସେ କଣ ଶାନ୍ତି ପାଇ ପାରିଛନ୍ତି ? ଜୀବନ ସାରା କେବଳ ଟଙ୍କା ପଛରେ ଗୋଡ଼େଇ ଗୋଡ଼େଇ ଜୀବନକୁ ନଷ୍ଟ କରି ଦେଇଛନ୍ତି। ସେହି ସମ୍ପତ୍ତି ମଧ୍ୟରୁ କିଛି ମଧ୍ୟ ନିଜ ସାଥିରେ ନେଇ ପାରିବେ ନାହିଁ। ଯେଉଁ ବ୍ୟକ୍ତି ସମଗ୍ର ଦୁନିଆକୁ ଦିନେ ନିଜ ନିୟନ୍ତ୍ରଣରେ ରଖି ପାରୁଥିଲା, ତାଙ୍କୁ ଆଜି ହଠାତ୍ ଅନୁଭବ ହେଲା ଯେ, ତାଙ୍କର ନିଜ ଜୀବନ ହିଁ ନିଜ ନିୟନ୍ତ୍ରଣରେ ନାହିଁ ! ସେ ଚାହିଁଲେ ମଧ୍ୟ କିଛି କରି ପାରିବେ ନାହିଁ। ହଠାତ୍ ତାଙ୍କର ଈଶ୍ୱର ବିଶ୍ୱାସ ବଢ଼ିବାରେ ଲାଗିଲା। ସେ ଭାବିବାକୁ ଲାଗିଲେ,ସମୟ ଖୁବ୍ କମ୍ ଅଛି। କେତେବେଳେ ମଧ୍ୟ ତାଙ୍କର ପ୍ରାଣ ବାୟୁ ଚାଲିଯାଇ ପାରେ ! ସେ ତାଙ୍କର ସମସ୍ତ ସମ୍ପତ୍ତି ଅନ୍ୟର ଉପକାର କରି ତଥା ଯେପରି ଡାକ୍ତରଖାନା, ସ୍କୁଲ, କଲେଜ ଅନୁସନ୍ଧାନ କାର୍ଯ୍ୟ ମେଡିକାଲ ଏବଂ ଧର୍ମ କାର୍ଯ୍ୟ ଦାନ ଦକ୍ଷିଣାରେ ସଦୁପଯୋଗ କରିବା ପାଇଁ ନିଷ୍ପତ୍ତି ନେଲେ। ସେ ନିଜେ ଏକ ସୁନ୍ଦର ଫାଉଣ୍ଡେସନର ନିର୍ମାଣ କଲେ।ଏହି ନୂଆ ଫାଉଣ୍ଡେସନ ଯୋଗୁ ପେନ୍‌ସିଲିନର ଉଦ୍ଭାବନ ହୋଇ ପାରିଲା। ଏହା ସହ ମେଲେରିଆ, ଡେପ୍‌ଥେରିଆର ଚିକିତ୍ସା ଓ ଉଦ୍ଭାବନ ହୋଇ ପାରିଲା। କିନ୍ତୁ ବୋଧ ହୁଏ ତାଙ୍କ ଜୀବନ କାହାଣୀର ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ହେଲା, ଯେଉଁ ସମୟରେ ସେ ନିଜ ରୋଜଗାରର କିଛି ଅଂଶ ଧର୍ମ ପାଇଁ ତଥା ଜନ ହିତକର କାର୍ଯ୍ୟ ପାଇଁ ଆରମ୍ଭ କଲେ, ଏପରି କରିବା ଦ୍ୱାରା ସେ ମନରେ ଖୁବ୍ ଶାନ୍ତି ଅନୁଭବ କଲେ। ତାଙ୍କ ଶରୀର ଆଶ୍ଚର୍ଯ୍ୟ ରୂପେ ପୂର୍ବାପେକ୍ଷା ଭଲ ହେବାରେ ଲାଗିଲା। ସେ ନିଜର ଏଭଳି ପରିବର୍ତ୍ତନ ଦେଖି ନିଜେ ନିଜକୁ ବିଶ୍ୱାସ କରି ପାରିଲେ ନାହିଁ। ଏକ ସମୟରେ ଏପରି ଲାଗୁଥିଲାଯେ, ସେ କେବଳ ତେପନ ବର୍ଷ ହିଁ ବଞ୍ଚି ପାରିବେ, କିନ୍ତୁ ସେ ଅଠାନବେ ବର୍ଷ ପର୍ଯ୍ୟନ୍ତ ବଞ୍ଚି ପାରିଥିଲେ। ରକ୍ ଫେଲର୍ ଈଶ୍ୱରଙ୍କୁ କୃତଜ୍ଞତା ଜଣାଇଲେ ଏବଂ ଅଧିକାଂଶ ସମ୍ପତ୍ତି ସମାଜର ସେବାରେ ହିଁ ନିୟୋଜିତ କଲେ। କ୍ରମାଗତ ଏପରି କରିବା ଦ୍ୱାରା ସେ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ହୋଇ ଗଲେ ଏବଂ ବଞ୍ଚିବାର କଳା ମଧ୍ୟ ଶିଖି ଗଲେ। ମୃତ୍ୟୁ ପୂର୍ବରୁ ସେ ନିଜ ଡାଏରୀରେ ଲେଖିଥିଲେ, ଦେବାର ସୁଖ ହିଁ ଜୀବନ ବଞ୍ଚିବାର ସୁଖ ଅଟେ ।ଦୁନିଆର ସମସ୍ତ ସମ୍ପତ୍ତି ଠାରୁ ବଡ ସମ୍ପତ୍ତି ହେଉଛି ମନର ଶାନ୍ତି। ବାସ୍ତବିକ୍ ପରୋପକାରାୟ ସ୍ୱର୍ଗାୟ। ପାପାୟ ପର ପୀଡନମ୍।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଗିରଫ ହେଲେ ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର ମାଇକେଲ ସ୍ଲାଟର

**ବ୍ରିସ୍‌ବେନ୍**

ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର ଓ ଭାଷ୍ୟକାର ମାଇକେଲ ସ୍ଲାଟର ବର୍ତ୍ତମାନ ପୋଲିସ ହେପାଜତରେ ଅଛନ୍ତି। ପୋଲିସ ତାଙ୍କୁ ବିଭିନ୍ନ ଅପରାଧିକ ମାମଲାରେ ଗିରଫ କରି ପଚରାଉଚରା କରୁଛି। ରାତିରେ ଅନ୍ୟକୁ ଭୟଭୀତ କରିବା, ଝଗଡ଼ା କରିବା, ମାରପିଟ୍ କରିବା, ଘରୋଇ ହିଂସା ଆଦି ଅଭିଯୋଗରେ ତାଙ୍କ ବିରୋଧରେ ଏକ ଡଜନରୁ ଊର୍ଦ୍ଧ୍ୱ ମାମଲା କୁଇନ୍ସଲାଣ୍ଡସ୍ଥିତ ମାରୁଚିଡୋର୍ ମାଜିଷ୍ଟ୍ରେଟ୍ କୋର୍ଟରେ ରୁଜୁ ହୋଇଛି।

ମିଳିଥିବା ସୂଚନା ମୁତାବକ, ୫୪ ବର୍ଷୀୟ ସ୍ଲାଟର ଗତବର୍ଷ ଡିସେମ୍ବର ୫ ଏବଂ ଏପ୍ରିଲ ୧୨ ମଧ୍ୟରେ ବିଭିନ୍ନ ତାରିଖରେ ସନ୍‌ସାଇନ କୋଷ୍ଟ ଅଞ୍ଚଳରେ ମୋଟ ୧୯ଟି ଅପରାଧିକ ମାମଲା ରହିଛି। ଅଷ୍ଟ୍ରେଲିଆର ପୂର୍ବତନ ଡାହାଣହାତୀ ଓପନର ସ୍ଲାଟର ୧୯୯୩ ଓ ୨୦୦୩ ମଧ୍ୟରେ ଦେଶ ପାଇଁ ୭୪ ଟେଷ୍ଟ ଓ ୪୨ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି।



# ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ବର୍ଷିଲେ ଗାଭାସ୍କର

**ମୁମ୍ବାଇ**

ପୂର୍ବତନ ଭାରତୀୟ ଅଧିନାୟକ ସୁନୀଲ ଗାଭାସ୍କର ମୁମ୍ବାଇ ଇଣ୍ଡିଆନ୍ସର ଖରାପ ଫର୍ମକୁ ନେଇ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଟାର୍ଗେଟ କରିଛନ୍ତି। ଏହି ସିଜିନ୍‌ରେ ମୁମ୍ବାଇ ୬ଟି ମ୍ୟାଚ୍ ମଧ୍ୟରୁ ୪ଟି ହାରିଛି। ଏହି କାରଣରୁ ହାର୍ଦ୍ଦିକଙ୍କୁ ସବୁ ଦିଗରୁ ସମାଲୋଚନା କରାଯାଉଛି। ଏହି ସମୟରେ ପୂର୍ବତନ ମହାନ ବ୍ୟାଟ୍ସମ୍ୟାନ ସୁନୀଲ ଗାଭାସ୍କର ହାର୍ଦ୍ଦିକଙ୍କୁ ତାଙ୍କର ଅତି ସାଧାରଣ ବୋଲିଂ ଏବଂ ସାଧାରଣ ଅଧିନାୟକତ୍ୱ ପାଇଁ ସମାଲୋଚନା କରିଛନ୍ତି।

ଚନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ଦଳର ୨୦ ରନ ପରାଜୟ ପରେ ସୁନୀଲ ଗାଭାସ୍କର କହିଛନ୍ତି, ଅତି ସାଧାରଣ ବୋଲିଂ, ସାଧାରଣ ଅଧିନାୟକ ଋତୁରାଜ ଗାଇକ୍ୱାଡ ଶିବମ ଦୁବେଙ୍କ ସହ ବହୁତ ଭଲ ବ୍ୟାଟିଂ କରିବା ସତ୍ତ୍ୱେ ସେମାନଙ୍କୁ କମ୍ ସ୍କୋରରେ ଅଟକାଇ ଦିଆଯାଇଥାନ୍ତା। ସେମାନେ ଏହା କରିବା ଉଚିତ୍ ଥିଲା।

ପାଣ୍ଡ୍ୟା ତିନି ଓଭରରେ ୪୩ ରନ ଦେଇ ଦୁଇଟି ଉଇକେଟ ନେଇଥିଲେ ଏବଂ ବ୍ୟାଟିଂ ବେଳେ ମଧ୍ୟ ସେ ୬ଟି ବଲରେ ମାତ୍ର ୨ ରନ ସ୍କୋର କରିପାରିଛନ୍ତି।



# କମ୍ ବୟସରେ ବଡ଼ ରେକର୍ଡ ହାସଲ କଲେ ଜୁନିଅର୍ ମାଲିଙ୍ଗା

**ମୁମ୍ବାଇ**



ଆଇପିଏଲ ୨୦୨୪ର ମ୍ୟାଚ୍ ନମ୍ବର ୨୯ ଚେନ୍ନାଇ ସୁପର କିଙ୍ଗସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯାଇଥିଲା। ଚେନ୍ନାଇ ଏହି ମ୍ୟାଚକୁ ୨୦ ରନରେ ଜିତିଥିଲା। ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଟାର୍ଗେଟକୁ ପିଛା କରି ରୋହିତ ଶର୍ମା ମଧ୍ୟ ଅପରାଜିତ ଶତକ ଖେଳିଥିଲେ ମଧ୍ୟ ସେ ଦଳକୁ ବିଜୟ ଆଡକୁ ନେଇପାରି ନ ଥିଲେ। ଚେନ୍ନାଇ ସୁପର କିଙ୍ଗ୍ସର ୨୧ ବର୍ଷୀୟ ଯୁବ ଦ୍ରୁତ ବୋଲର ମାଥିଶା ପାଥିରାନା ଏହି ମ୍ୟାଚ୍‌ରେ ଚମତ୍କାର ବୋଲିଂ କରିଥିଲେ। ସେ ଚାରି ଓଭରରେ ୨୮ ରନ ଦେଇ ୪ ୱିକେଟ ନେଇଥିଲେ। ଗୋଟିଏ ଇନିଂସରେ ଚାରି ୱିକେଟ ନେଇ ସେ ସିଏସ୍‌କେ ପାଇଁ ସର୍ବକନିଷ୍ଠ ଦ୍ରୁତ ବୋଲର ହୋଇଥିଲେ। ତାଙ୍କର ବୟସ ୨୧ ବର୍ଷ ୧୧୮ ଦିନ। ଏହାପୂର୍ବରୁ ଏହି ରେକର୍ଡ ମହିଷ ତିକ୍ଷଣାଙ୍କ ନାମରେ ଥିଲା। ସେ ୨୦୨୨ରେ ଆରସିବି ବିପକ୍ଷରେ ୩୩ ରନ ଦେଇ ୪ଟି ଉଇକେଟ ନେଇଥିଲେ। ସେହି ସମୟରେ ତିକ୍ଷଣାଙ୍କ ବୟସ ୨୧ ବର୍ଷ ୨୫୪ ଦିନ ଥିଲା। ପାଥିରାନାଙ୍କୁ ଜୁନିଅର୍ ମାଲିଙ୍ଗା କୁହାଯାଉଛି। ତାଙ୍କ ବୋଲିଂ ଶୈଳୀ ଶ୍ରୀଲଙ୍କାର ପୂର୍ବତନ ଖେଳାଳି ଲାସିଥ୍ ମାଲିଙ୍ଗାଙ୍କ ପରି ହୋଇଥିବାରୁ ତାଙ୍କୁ ଏହି ଆଖ୍ୟା ଦିଆଯାଇଛି।

# ଆରପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ବିରିଡୋଳ କ୍ରିକେଟ ଟିମ୍ ଚାମ୍ପିଅନ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**



ଜଗତସିଂହପୁର ଜିଲ୍ଲାର ସବୁଠାରୁ ଲୋକପ୍ରିୟ କ୍ରିକେଟ ମହାକୁମ୍ଭ ଆରପିଏଲ (ରାହାମା ପ୍ରିମିୟର ଲିଗ୍) ଦୀର୍ଘ ପାଞ୍ଚଦିନ ଧରି ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଜଗତସିଂହପୁର ଜିଲ୍ଲା ତଥା ରାହାମା ଅଞ୍ଚଳର ଜଣାଶୁଣା ଏମ୍‌କେସିସି ମଣିଜଙ୍ଗା, ବିରିଡୋଳ, ଜଗନ୍ନାଥପୁର, କୋଳର, ସାଇଲୋ, କାଳିଆପାଟ ଭଳି ଶ୍ରେଷ୍ଠ ୬ଟି ଟିମ୍‌କୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ କରାଯାଇଥିଲା। ସମସ୍ତ ଟିମ୍ ପାଇଁ ୩ଟି କ୍ୱାର୍ଟର ମ୍ୟାଚ୍ ଖେଳାଯାଇଥିଲା। ପଏଣ୍ଟ ତାଲିକା ଅନୁଯାୟୀ ଶ୍ରେଷ୍ଠ ଚାରୋଟି ଟିମ୍ ସାଇଲୋ ସହ କୋଳର ଏବଂ ମଣିଜଙ୍ଗା ସହ ବିରିଡୋଳର ସେମିଫାଇନାଲ ମ୍ୟାଚ୍ ଖେଳାଯାଇ ଥିଲା। କୋଳର ଏବଂ ବିରିଡୋଳ ଚମତ୍କାର ଖେଳ ପ୍ରଦର୍ଶନ କରି ଫାଇନାଲ ମ୍ୟାଚ୍ ଖେଳିବା ପାଇଁ ମନୋନୀତ ହୋଇଥିଲେ। ତେବେ ଫାଇନାଲ ମ୍ୟାଚରେ ନିର୍ଦ୍ଧାରିତ ୧୫ ଓଭର ମଧ୍ୟରେ ପ୍ରଥମେ ବିରିଡୋଳା ଟିମ୍ ବ୍ୟାଟିଂ କରି ବିପକ୍ଷ ଦଳ କୋଳରକୁ ୧୧୫ ରନ୍‌ର ଟାର୍ଗେଟ ଦେଇଥିଲା। କୋଳର ୧୧୫ର ପିଛାକରି ସମସ୍ତ ଉଇକେଟ ହରାଇ ୮୩ ରନ ସଂଗ୍ରହ କରି ପରାଜୟ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପେଟିଏମ୍‌ର ଡିଲର ତଥା ବିଶିଷ୍ଟ ସମାଜସେବୀ ସ୍ମୃତି ଶେଖର ଜେନା, ଜିତ ମଣ୍ଡପ ଏବଂ ପପି ଡେକୋରେଟରର ପ୍ରୋପାଇଟର ଶିଶିର କୁମାର ଦାସ, ଗଜଲକ୍ଷ୍ମୀ ଶାଢ଼ୀ ହାଉସ୍‌ର ପ୍ରୋପାଇଟର ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଦ୍ୱାରା ବିରିଡୋଳ ଟିମ୍‌କୁ ଚମ୍ପିୟାନ ଟ୍ରଫି ସହ ୫୦,୦୦୦ ଅର୍ଥ ରାଶି ପ୍ରଦାନ ହୋଇଥିବା ବେଳେ କୋଳର ଟିମ୍‌କୁ ରନର୍ସଅପ୍ ଟ୍ରଫି ସହ ୩୦,୦୦୦ ଟଙ୍କା ପ୍ରଦାନ କରାଯିବା ସହ ମ୍ୟାନ ଅଫ୍ ଦି ମ୍ୟାଚ୍, ମ୍ୟାନ୍ ଅଫ୍ ଦି ସିରିଜ୍, ଶ୍ରେଷ୍ଠ ଅମ୍ପାୟାରିଂ, ବେଷ୍ଟ କମେଣ୍ଟେଟର, ଶ୍ରେଷ୍ଠ ଡିସିପ୍ଲିନ ଟିମ୍ ସହ ସମସ୍ତ ଭଲୁଣ୍ଟିର ମାନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।

# ହୃଦୟ ଜିତିଲେ କିଙ୍ଗ୍ ଖାନ୍

**ମୁମ୍ବାଇ**



ବଲିଉଡ୍‌ର ସୁପରଷ୍ଟାର ଶାହରୁଖ ଖାନ କେବଳ ତାଙ୍କ ଅଭିନୟ ପାଇଁ ନୁହେଁ ବରଂ ତାଙ୍କର ଉଦାରତା ପାଇଁ ସାରା ବିଶ୍ୱରେ ପ୍ରସିଦ୍ଧ। କିଙ୍ଗ ଖାନ ଯାହା ବି କରନ୍ତି, ସେ ତାଙ୍କ ପ୍ରଶଂସକଙ୍କ ହୃଦୟ ଜିତନ୍ତି। ଫିଲ୍ମ ଇଣ୍ଡଷ୍ଟ୍ରି ସହିତ ଶାହାରୁଖ ଖାନ୍‌ଙ୍କ ଦମ୍ କ୍ରିକେଟ ଦୁନିଆରେ ମଧ୍ୟ ଦେଖିବାକୁ ମିଳେ। ଆଜିକାଲି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଉତ୍ସାହ ଚରମ ସୀମାରେ ପହଞ୍ଚିଛି। ରବିବାର ଇଡେନ ଗାର୍ଡେନ୍ସରେ କୋଲକାତା ନାଇଟ ରାଇଡର୍ସ (କେକେଆର୍) ଏବଂ ଲକ୍ଷ୍ନୌ ସୁପର ଜିଆଣ୍ଟସ ମଧ୍ୟରେ ଚାଲିଥିବା ଆଇପିଏଲ ମ୍ୟାଚ୍‌ରେ ଏକ କଡ଼ା ଟକ୍କର ଦେଖିବାକୁ ମିଳିଥିଲା, ଯେଉଁଥିରେ କିଙ୍ଗ ଖାନଙ୍କ ଦଳ କେକେଆର୍ ଜିତିଥିଲା। କୋଲକାତା ନାଇଟ ରାଇଡର୍ସର ବିଜୟରେ ଶାହାରୁଖ ଖାନଙ୍କ ପ୍ରଶଂସକମାନେ ଯେତିକି ଖୁସି ଥିଲେ, ସେମାନେ ମ୍ୟାଚ୍ ଶେଷ ହେବା ପରେ କିଙ୍ଗ ଖାନଙ୍କ ଅଙ୍ଗଭଙ୍ଗୀରେ ଅଧିକ ଖୁସି ହୋଇଥିଲେ। ଶାହରୁଖ ଖାନଙ୍କ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ମ୍ୟାଚ ଶେଷ ହେବା ପରେ ସେ ପତାକା ଉଠାଉଥିବା ଦେଖିବାକୁ ମିଳିଛି।

ଶାହରୁଖ ଗୋଟିଏ ଗୋଟିଏ କରି ପତାକା ଉଠାଉଥିବା ଦେଖିବାକୁ ମିଳଥିଲା। ଜଣେ ସୁପରଷ୍ଟାର ହୋଇଥିଲେ ମଧ୍ୟ ସେ ନିଜେ ପ୍ରତ୍ୟେକ ପତାକା ଉଠାଇ ବିନା ଦ୍ୱିଧାରେ କର୍ମଚାରୀଙ୍କୁ ଦେଇଥିଲେ। କିଙ୍ଗ ଖାନଙ୍କ ଏହି ମଧୁର ଅଙ୍ଗଭଙ୍ଗୀ ବା ସ୍ୱିଟ୍ ଜେଶ୍ଚର ତାଙ୍କ ପ୍ରଶଂସକଙ୍କ ହୃଦୟ ଜିତୁଛି। ସୋସିଆଲ ମିଡିଆରେ ଏହି ଭିଡିଓରେ ଜଣେ ଉପଭୋକ୍ତା ମନ୍ତବ୍ୟ ଦେଇଛନ୍ତି ଯେ ଶାହାରୁଖ ଖାନ ସମାନ ହୃଦୟରେ କେତେଥର ଜିତିବେ।

# ଏସୀୟ କୁସ୍ତିରେ ରୌପ୍ୟ ଜିତିଲେ ଅଞ୍ଜୁ ଓ ହର୍ଷିତା


**ବିସକେକ୍ (କିରଗିଜସ୍ତାନ)**



ଭାରତୀୟ ଯୁବା କୁସ୍ତିବିତ୍ ହେଉଛନ୍ତି ଅଞ୍ଜୁ ଓ ହର୍ଷିତ୍। ଏଠାରେ ଚାଲିଥିବା ଏସୀୟ କୁସ୍ତି ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତିଛନ୍ତି। ଉଭୟ ଫାଇନାଲ୍‌ରେ ପରାଜିତ ହୋଇ ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଥିଲେ। ମନୀଷା ଭନାଲ (୬୨ କେଜି) ଓ ଅନ୍ତିମ କୁଣ୍ଡୁ (୬୫ କେଜି) କାଂସ୍ୟ ପଦକ ଜିତିବାରୁ ଚତୁର୍ଥ ଦିନ ଭାରତକୁ ୪ ପଦକ ମିଳିଛି। ସରିତା ମୋର କିନ୍ତୁ ପ୍ରଥମ ପର୍ଯ୍ୟାୟରୁ ହାରି ବିଦାୟ ନେଇଛନ୍ତି। ୫୩ କିଲୋଗ୍ରାମ ଓଜନ ବର୍ଗରେ ଅଞ୍ଜୁ ବୈଷୟିକ ଶ୍ରେଷ୍ଠତା ଭିତ୍ତିରେ ଯଥାକ୍ରମେ ଫିଲିପାଇନ୍ସର ଆଲିଆ ରୋଜ ଗାଭାଲେଜ ଓ ଶ୍ରୀଲଙ୍କାର ନେଥମି ଆହିଂସା ଫର୍ଣ୍ଣାଣ୍ଡୋଙ୍କୁ ହରାଇ ସେମିଫାଇନାଲ୍‌ରେ ପହଞ୍ଚିଥିଲେ। ନିକଟରେ ଭିନେଶ ଫୋଗଟ୍‌ଙ୍କୁ ଚୟନ ପ୍ରକ୍ରିୟାରେ ହରାଇଥିବା ଅଂଜୁ ସେମିଫାଇନାଲ୍‌ରେ ଚୀନ୍‌ର ଚୁନ୍ ଲେଇଙ୍କୁ ୯–୬ରେ ମାତ୍ ଫାଇନାଲ୍ ସ୍ଥାନ ପକ୍କା କରିଥିଲେ। ସ୍ୱର୍ଣ୍ଣ ପଦକ ମୁକାବିଲାରେ ସେ କୋରିଆର ଜି ହ୍ୟାଙ୍ଗ କିମ୍‌ଙ୍କଠୁ ୦–୧୦ରେ ହାରିଯାଇଥିଲେ। ସେହିପରି ହର୍ଷିତା ଉଜ୍‌ବେକିସ୍ତାନର ଓଜୋଡ଼ା ଜାରିପବୋଏଭାଙ୍କୁ ୧୩–୩ ଓ କାଜାଖସ୍ତାନର ଆନାସ୍ତାସିୟା ପାନାସୋଭିକ୍‌ଙ୍କୁ ୫–୦ରେ ଫାଇନାଲ୍‌ରେ ପହଞ୍ଚିଛନ୍ତି। ଫାଇନାଲ୍‌ରେ ସେ ଚୀନ୍‌ର କ୍ୱିଆନ୍ ଝିଆଙ୍ଗଙ୍କଠୁ ୨–୫ରେ ପରାସ୍ତ ହୋଇଥିଲେ। ୨୦୨୧ ବିଶ୍ୱ କାଂସ୍ୟ ବିଜୟିନୀ ସରିତା କ୍ୱାର୍ଟରଫାଇନାଲ୍‌ରେ ମଙ୍ଗୋଲିଆର ଗାନ୍ତୁୟା ଏନଖବାତଙ୍କଠୁ ୪–୮ରେ ହାରିଯାଇଥିଲେ।

# ଆଇପିଏଲ ଇତିହାସରେ ସର୍ବାଧିକ ସ୍କୋର କରିବାର ରେକର୍ଡ କଲା ହାଇଦ୍ରାବାଦ

**ବେଙ୍ଗାଲୁରୁ**



ବେଙ୍ଗାଲୁରୁର ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମଠାରେ ଚାଲିଥିବା ଆଇପିଏଲ-୨୦୨୪ର ଏକ ମ୍ୟାଚରେ ଇତିହାସ ସୃଷ୍ଟି କରିଛି ସନରାଇଜର୍ସ ହାଇଦ୍ରାବାଦ। ଏହି ଦଳ ୨୮୭ ରନ କରିବା ସହ ଆଇପିଏଲ ଇତିହାସରେ ସର୍ବାଧିକ ସ୍କୋର କରିବାର ନିଜର ରେକର୍ଡକୁ ହିଁ କାଟି ଦେଇଛି। ଚଳିତ ସିଜନରେ ହିଁ ହାଇଦ୍ରାବାଦ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୨୭୭ ରନ କରି ରେକର୍ଡ କରିଥିଲା। ଏହି ମ୍ୟାଚରେ ବେଙ୍ଗାଲୁରୁ ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ଦଳର ବ୍ୟାଟ୍ସମ୍ୟାନମାନେ ଧୂଆଁଧାର ବ୍ୟାଟିଂ କରି ଏକ ବିଶାଳ ସ୍କୋର ଛିଡ଼ା କରିଥିଲେ। ଦଳ ପକ୍ଷରୁ ଟ୍ରାଭିସ ହେଡ୍ ୧୦୨ ରନ କରିଥିବାବେଳେ ଅଭିଷେକ ଶର୍ମା ୩୨ ରନ କରିଥିଲେ। ସେହିପରି ହେନରିକ କ୍ଲାସେନ ୬୨ ରନ, ଆଇଡେନ ମାର୍କରାମ ୩୨ରନ ଓ ଅବଦୁଲ ସମଦ ୩୭ରନ କରିଥିଲେ।

# ଟି-୨୦ ବିଶ୍ୱକପ ପାଇଁ ନିଜର ଦଳ ଘୋଷଣା କଲେ କୈଫ୍

**ନୂଆଦିଲ୍ଲୀ**

ପୂର୍ବତନ ଭାରତୀୟ କିମ୍ବଦନ୍ତୀ ମହମ୍ମଦ କୈଫ ଟି-୨୦ ବିଶ୍ୱକପ ପାଇଁ ସମ୍ଭାବ୍ୟ ଭାରତୀୟ ଦଳ ଘୋଷଣା କରିଛନ୍ତି କୈଫ। ୧୫ ସମ୍ଭାବ୍ୟ ଖେଳାଳିଙ୍କ ନାମ ଘୋଷଣା କରିଛନ୍ତି କୈଫ। ତାଙ୍କ ୧୫ ସଦସ୍ୟ ବିଶିଷ୍ଟ ଦଳରେ ଯଶସ୍ୱୀ ଜୟସ୍ୱାଲଙ୍କ ସହ ଇନିଂସ ଓପନ କରିବାକୁ ଅଧିନାୟକ ରୋହିତ ଶର୍ମାଙ୍କୁ ଚୟନ କରିଛନ୍ତି। କୈଫ କୋହଲିଙ୍କୁ ୩ ନମ୍ବରରେ ସ୍ଥାନ ଦେଇଛନ୍ତି। ଏହା ସହିତ କୈଫ ଯଥାକ୍ରମେ ୪ ଏବଂ ୫ ନମ୍ବର ପାଇଁ ସୂର୍ଯ୍ୟକୁମାର ଯାଦବ ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଚୟନ କରିଛନ୍ତି। ଏହା ପରେ ଉଇକେଟ କିପର ବ୍ୟାଟ୍ସମ୍ୟାନ ପାଇଁ ରିଷଭ ପନ୍ତ କୈଫଙ୍କ ପସନ୍ଦ ପାଲଟିଛନ୍ତି।

ଏଥି ସହିତ ଅକ୍ଷର ପଟେଲ ମଧ୍ୟ କୈଫଙ୍କ ଏହି ସମ୍ଭାବ୍ୟ ଦଳର ଏକ ଅଂଶ ଅଟନ୍ତି। ରବିନ୍ଦ୍ର ଜାଡେଜାଙ୍କ ବ୍ୟତୀତ କୈଫ ଟି-୨୦ ବିଶ୍ୱକପ ପାଇଁ ମନୋନୀତ ସମ୍ଭାବ୍ୟ ଦଳରେ କୁଲଦୀପ ଯାଦବ ଏବଂ ଯୁଜବେନ୍ଦ୍ର ଚହଲଙ୍କୁ ମଧ୍ୟ ସାମିଲ କରିଛନ୍ତି।



ଯେଉଁଠାରେ ଦ୍ରୁତ ବୋଲରଙ୍କ ପାଇଁ ଜସ୍‌ପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂ ଏବଂ ସିରାଜଙ୍କୁ ସ୍ଥାନ ଦିଆଯାଇଛି।

ଏଥି ସହିତ ନୂତନ ଖେଳାଳିଙ୍କ ମଧ୍ୟରେ କୈଫ ସମ୍ଭାବ୍ୟ ଟି-୨୦ ଦଳରେ ଶିବମ ଦୁବେ ଏବଂ ରିଆନ ପରାଗଙ୍କୁ ଚୟନ କରିଛନ୍ତି। ଉଭୟ ଖେଳାଳି ଆଇପିଏଲ୍ ୨୦୨୪ରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। କୈଫ ତାଙ୍କ ସମ୍ଭାବ୍ୟ ଟି-୨୦ ବିଶ୍ୱକପ ଦଳରେ ଶୁବମନ ଗିଲ, ଆର ଅଶ୍ୱିନ ଏବଂ ରିଙ୍କୁ ସିଂଙ୍କୁ ଅନ୍ତର୍ଭୁକ୍ତ କରିନାହାଁନ୍ତି, ଯାହା ନିଶ୍ଚିତ ଭାବରେ ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିଛି। ସମସ୍ତ ତିନୋଟି ଖେଳାଳିଙ୍କ ପ୍ରଦର୍ଶନ ଅତ୍ୟନ୍ତ ଭଲ। କିନ୍ତୁ ଏହି ତିନି ଖେଳାଳି କୈଫଙ୍କ ପସନ୍ଦ ହୋଇପାରି ନାହାନ୍ତି। କୈଫ ତାଙ୍କ ଦଳରେ ସାଞ୍ଜୁ ସାମସନଙ୍କୁ ମଧ୍ୟ ସ୍ଥାନ ଦେଇନାହାନ୍ତି। ସାମସନ ଆଇପିଏଲ ୨୦୨୪ରେ ନିଜର ପ୍ରଦର୍ଶନ ସହିତ ଚମତ୍କାର କରୁଛନ୍ତି। କିନ୍ତୁ ଏହା ପରେ ମଧ୍ୟ ସେ କୈଫଙ୍କ ପସନ୍ଦ ହୋଇପାରି ନାହାନ୍ତି।

ଯଶସ୍ୱୀ ଜୟସ୍ୱାଲ, ରୋହିତ ଶର୍ମା (ଅଧିନାୟକ), ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ରିଷଭ ପନ୍ତ, ଆକ୍ସାର ପଟେଲ, ରବିନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ଜସପ୍ରୀତ ବୁମରା, ଅର୍ଶଦୀପ ସିଂ, ଯୁଜବେନ୍ଦ୍ର ଚହଲ, ଶିବରାମ ଦୁବେ।

# ସୂଚନା ଅଧିକାରରେ ମିଳୁନି ତଥ୍ୟ : ଜନସ୍ୱାର୍ଥ ମାମଲା ଦାୟର ହେବ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସୂଚନା ଅଧିକାରରେ ତଥ୍ୟ ଦିଆଯାଉନଥିବାର ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ନ୍ୟାୟ ପାଇବା ପାଇଁ ସୂଚନା ଅଧିକାର କର୍ମୀ ମାନଗୋବିନ୍ଦ ରାଉତ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ଦାୟର କରିବା ନିମନ୍ତେ ସଜବାଜ ହେଉଥିବାର ପ୍ରକାଶ କରିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଗ୍ରାମପଞ୍ଚାୟତ ଖଣ୍ଡଗାଁର ସୂଚନା ଅଧିକାର କର୍ମୀ ମାନଗୋବିନ୍ଦ ରାଉତ ଗତ ମାର୍ଚ୍ଚ ୧ ତାରିଖରେ କଟକ ଜିଲ୍ଲା ସମଗ୍ର ଶିକ୍ଷା ଯୋଜନା ପ୍ରକଳ୍ପ ଅଧିକାରୀଙ୍କୁ ଗତ ୨୦୧୮ ମସିହା ଠାରୁ ୨୦୨୩ ମସିହା ପର୍ଯ୍ୟନ୍ତ ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟର ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ୯ଟି ବିଷୟରେ ସୂଚନା ଅଧିକାରରେ ତଥ୍ୟ ମାଗିଥିଲେ। ଏସମ୍ପର୍କରେ ସୂଚନା ଅଧିକାରରେ ତଥ୍ୟ ଦେବା ନିମନ୍ତେ କଟକ ଜିଲ୍ଲା ସମଗ୍ର ଶିକ୍ଷା ଯୋଜନା ପ୍ରକଳ୍ପ ଅଧିକାରୀ ସମସ୍ତ ତଥ୍ୟ ଯୋଗାଇ ଦେବା ନିମନ୍ତେ ବ୍ଲକ ଶିକ୍ଷାଧିକାରୀଙ୍କୁ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଏହି ତଥ୍ୟ ଉପଲବ୍ଧ ନଥିବାର ଦର୍ଶାଯାଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ତଥ୍ୟ ନଥିବା କାରଣରୁ ସୂଚନା ଅଧିକାରରେ ଶ୍ରୀରାଉତଙ୍କୁ କୌଣସି ତଥ୍ୟ ଦିଆଯାଇ ନ ଥିବାର ଶ୍ରୀ ରାଉତ ଅଭିଯୋଗ କରିଛନ୍ତି। ତେବେ ସୂଚନା ଅଧିକାରରେ ତଥ୍ୟ ଦିଆନଯିବା ଓ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ତଥ୍ୟ ଉପଲବ୍ଧ ନହେବା କେତେଦୂର ସମୀଚୀନ ତାହା ତଦନ୍ତ ସାପେକ୍ଷ ବୋଲି ଶ୍ରୀରାଉତ ପ୍ରକାଶ କରିଛନ୍ତି। ନ୍ୟାୟ ପାଇବା ନିମନ୍ତେ ଶ୍ରୀ ରାଉତ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ନିମନ୍ତେ ସଜବାଜ ହେଉଥିବାର ପ୍ରକାଶ କରିଛନ୍ତି।

# ରାୟଗଡ଼ା ଜିଲ୍ଲାରେ ଶତ ପ୍ରତିଶତ ମତଦାନ ନିମନ୍ତେ ପ୍ରୟାସ

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ ଜିଲ୍ଲାର ତିନୋଟି ନିର୍ବାଚନ ମଣ୍ଡଳୀରେ ଆଗାମୀ ମଇ ୧୩ ତାରିଖ ଦିନ ଉଭୟ ଲୋକସଭା ସାଂସଦ ଓ ବିଧାନସଭା ବିଧାୟକ ପଦବୀ ନିମନ୍ତେ ଅତଦାନ ଅନୁଷ୍ଠିତ ହେବ। ନିର୍ବାଚନରେ ଯେପରି ଶତ ପ୍ରତିଶତ ମତଦାନ ରହିବ, ସବୁ ବର୍ଗର ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିବେ, ଏଥିପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଚେଷ୍ଟିତ ଥିବା ଦେଖିବାକୁ ମିଳିଛି। ଦ୍ୱିତୀୟ ଶନିବାର ଛୁଟି ଦିବସ ଥିଲେ ମଧ୍ୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ନିର୍ବାଚନ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଥିଲା। ନିର୍ବାଚନର ବ୍ୟାପକ ପ୍ରଚାର ଓ ପ୍ରସାର ନିମନ୍ତେ ରାୟଗଡ଼ ମାଟିର ଗର୍ବ ଓ ଗୌରବ ସୌରା ଚିତ୍ରକଳା ଇଡିତାଲ ରେ ମଣ୍ଡିତ ଏକ ଲଗୋର ଲୋକାର୍ପଣ କରାଯାଇଥିଲା। ଜିଲ୍ଲା ନିର୍ବାଚନ ଅଧିକାରୀ ମନୋଜ ସତ୍ୟବାନ ମହାଜନ ଏହାର ଲୋକାର୍ପଣ କରିଥିଲେ। ଲୋକାର୍ପଣ ସମୟରେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ ଓ ତ୍ରିନାଥ ମାଝୀ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ନୀହାର ରଞ୍ଜନ କଂହର, ରାୟଗଡ଼ ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଜିଲ୍ଲା ନିର୍ବାଚନ ବିଭାଗ ଡେପୁଟି କଲେକ୍ଟର ସୂର୍ଯ୍ୟମଣୀ ଭୋଇ, ସହକାରୀ ମୃତ୍ୟୁଞ୍ଜୟ ବରାଳ, ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ ଓ ନିର୍ବାଚନ ମଣ୍ଡଳୀ ସ୍ତରୀୟ ତାଲିମ ଦାତା, ସମସ୍ତ ବିଡିଓ ଓ ତହସିଲଦାର, ତଥା ଜିଲ୍ଲା ସ୍ତରୀୟ ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ ଆଦି ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ମତଦାତାଙ୍କ ସଚେତନତା ନିମନ୍ତେ ଜି ଆଇ ଟ୍ୟାଗ ପ୍ରାପ୍ତ କପଡାଗୁନ୍ଦା ପୋଷାକରେ ମୁଁ ମିସା ଭୋଟ ଦେବି ସ୍ଲୋଗାନ ସହ ଡଙ୍ଗାରିଆ ଭୋଟରଙ୍କ ପୋଷ୍ଟର ମଧ୍ୟ ଲୋକାର୍ପଣ କରାଯାଇଥିଲା। ବାଉଁଶ ବିଞ୍ଚଣା ଗ୍ରୀଷ୍ମ ଦିନରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବାସିନ୍ଦା ସଭିଙ୍କ ଆଦର ପାଉଥିବା ବେଳେ ରାୟଗଡ଼ ଉପଜିଲ୍ଲାପାଳଙ୍କ ଦ୍ୱାରା ସି-ଭିଜିଲ, ସକ୍ଷମ ଆପ୍ ଲଗୋ ସହ ବିଭିନ୍ନ ସଚେତନତା ସ୍ଲୋଗାନ ସମ୍ବଳିତ ବାଉଁଶ ବିଞ୍ଚଣା ଉଭୟ ଭୋଟର ଏବଂ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଆଦୃତ ଓ ପ୍ରଶଂସିତ ହୋଇପାରିଛି। ଉପସ୍ଥିତ ସମସ୍ତ ସାମ୍ବାଦିକ ଓ ମିଡ଼ିଆ ବନ୍ଧୁଙ୍କୁ ଏହି ଉପହାର ପ୍ରଦାନ କରିବା ସହ ମତଦାତାଙ୍କ ସଚେତନତା ସୃଷ୍ଟିରେ ସେମାନଙ୍କ ଅଦମ୍ୟ ସହଯୋଗକୁ ଜିଲ୍ଲାପାଳ ମନୋଜ ସତ୍ୟବାନ ଉଚ୍ଚ ପ୍ରଶଂଶା କରିଥିଲେ। ଭୋଟରଙ୍କ ମତଦାନ ହାର ବୃଦ୍ଧି ନିମନ୍ତେ ବୁଥ୍ ପହଞ୍ଚିବାରେ ଅକ୍ଷମ ଥିବା ୮୫ ବର୍ଷରୁ ଊର୍ଦ୍ଧ୍ୱ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପୋଷ୍ଟାଲ ବ୍ୟାଲଟ ବ୍ୟବସ୍ଥା କରାଯାଉଛି। ପ୍ରତି ଅଞ୍ଚଳରେ ଭୋଟର ସଚେତନତା ରଥ ବୁଲି ପ୍ରଚାର କରୁଥିବା ସ୍ଥଳେ ପ୍ରତି ୱାର୍ଡ ଓ ପଡ଼ା ଗ୍ରାମରେ ବୁଥ୍ ସ୍ତରୀୟ ଅଧିକାରୀଙ୍କ ମାଧ୍ୟମରେ ରାଲି, ପ୍ରତିଯୋଗିତା, ପ୍ଲାକାର୍ଡ ସହ ଘର ଘର ବୁଲି ଶତ ପ୍ରତିଶତ ମତଦାନ ନିମନ୍ତେ ବାର୍ତ୍ତା ପହଁଚାଉଥିବା ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ପ୍ରକାଶ କରିଛନ୍ତି। ବୁଥ୍ ସ୍ତରରେ ଆନୁଷଙ୍ଗିକ ସମସ୍ତ ସୁବିଧା ଉପଲବ୍ଧ କରାଇବା ନିମନ୍ତେ ନିର୍ଦ୍ଦେଶ ଦେବା ସହ ଜିଲ୍ଲାପାଳ ନିଜେ ସୀମାନ୍ତ ସମେତ ଅନେକ ବୁଥ ବୁଲି ବ୍ୟବସ୍ଥାମାନ ପରଖୁଥିବା ଦେଖିବାକୁ ମିଳିଛି। ଚଳିତ ମାସ ୧୪ ଓ ୧୫ ତାରିଖରେ ଜିଲ୍ଲାର ସମସ୍ତ ୨୧୩୨ ଜଣ ପ୍ରିଜାଇଡିଂ ଓ ପ୍ରଥମ ପୁଲିଙ୍ଗ ଅଧିକାରୀଙ୍କ ରିଫ୍ରେସ ତାଲିମ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।



# ଆମ୍ବେଦକର ଭବନରେ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ପାଳିତ

**ବ୍ରଜରାଜନଗର, ନ୍ୟୁଜ୍‌ବ୍ୟୁରୋ**

ଓରିଏଣ୍ଟ କୋଇଲା ଖଣି ଅଞ୍ଚଳରେ ଥିବା ଆମ୍ବେଦକର ଭବନ ଠାରେ ଆମ୍ବେଦକର ସାମାଜ ସେବା ସଂଘ ପକ୍ଷରୁ ଆମ୍ବେଦକର ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆମ୍ବେଦକର ସାମାଜ ସେବା ସଂଘର ସମସ୍ତ ସଦସ୍ୟମାନେ ଆମ୍ବେଦକର ଭବନ ଠାରୁ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ସନ୍ଧ୍ୟାରେ ଆମ୍ବେଦକର ଭବନ ଠାରେ ଆମ୍ବେଦକର ସାମାଜ ସେବା ସଂଘ ସଭାପତି ନନ୍ଦକିଶୋର ରାମଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ବିଜେଡି ବିଧାୟିକା ପ୍ରାର୍ଥୀ ଅଳକା ମହାନ୍ତି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଇବ୍ ଭ୍ୟାଲି ଏରିଆ ମହାପ୍ରବନ୍ଧକ ଅଧ କୁମାର ପାଣ୍ଡେ, ଓରିଏଣ୍ଟ କୋଇଲା ଖଣିର କ୍ଷେତ୍ରୀୟ କାର୍ମିକ ପ୍ରବନ୍ଧକ ରାଜେଶ କୁମାର କର, ଷ୍ଟାଫ ଅଫିସର କମଲ ଲୋଚନ ନାୟକ, ସାମାଜସେବୀ ଶଶିଭୂଷଣ ପାତ୍ର, ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘ ପୂର୍ବତନ ସଭାପତି ସତୀଶ ସିଂହ, ତ୍ରିନାଥ ଗୁଆଲ, ଆମ୍ବେଦକର ସାମାଜ ସେବା ସଂଘ ଉପସଭାପତି ସୁଦାମା ରାମ ମଞ୍ଚାସୀନ ଥିଲେ। ମଞ୍ଚାସୀନ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ବାବା ସାହେବ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ମଞ୍ଚାସୀନ ଅତିଥିମାନେ ବାବା ସାହେବ ଆମ୍ବେଦକରଙ୍କ ସ୍ମୃତିଚାରଣ କରି ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ଭୀମସେନ ନାୟକ କରିଥିବାବେଳେ ସଭାପତି ନନ୍ଦକିଶୋର ରାମ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଗୋରା ଚାନ୍ଦ, ବବନ ରାମ, କ୍ଷତି ପତି ଗୁଲା, ସବିବ ଖାନ, ବଂଶୀ ରାମ, ସୁବାଷ ଚନ୍ଦ୍ର ଜାଲି, ସାଜନ ପ୍ରସାଦ, ବଂଶୀଧର ଭାରତୀ, ଗୁଲାବ ଚାନ୍ଦ, କନ୍ହେୟା ରାମ, ଶ୍ରୀନିବାସ ରାମ, ମାରଛୁ ରାମ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।




# ସାହିତ୍ୟ ପତ୍ରିକା ନବକାକଳିର ଓଡ଼ିଆ ନବବର୍ଷ ପାଳନ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ସଦର ମହକୁମା କନ୍ତାର ଗ୍ରାମରୁ ନିୟମିତ ୨୯ ବର୍ଷ ଧରି ପ୍ରକାଶ ପାଇ ଆସୁଥିବା ନବକାକଳି ସାହିତ୍ୟ ପତ୍ରିକା ବିଷୁବ ମିଳନ ଉତ୍ସବ, ରାଜ୍ୟସ୍ତରୀୟ କବି ସମ୍ମିଳନୀ, ସାରସ୍ୱତ ସଭା, ମାନପତ୍ର ସମ୍ବର୍ଦ୍ଧନା ସହିତ ନବକାକଳି ପତ୍ରିକା ବିଷୁବ ସଂଖ୍ୟାର ଲୋକାର୍ପଣ ପର୍ବ କେଳି କାଞ୍ଚନ ରତ୍ନାକର ପାଠାଗାର ଆନୁକୂଲ୍ୟରେ ବଣମଲ୍ଲୀ ସାହିତ୍ୟ ସଂସଦ ସୌଜନ୍ୟରୁ ଆଜିର ପବିତ୍ର ଓଡ଼ିଆ ନବବର୍ଷରେ ଶ୍ରୀଜଗନ୍ନାଥ ମନ୍ଦିର ସିଦ୍ଧଳ ପ୍ରେକ୍ଷାଗୃହରେ ଦିବସ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ରବି ନାରାୟଣ ପଣ୍ଡାଙ୍କ ବେଦଧ୍ୱନି ପରେ ନବକାକଳି ପରିଚାଳନା ସମ୍ପାଦିକା ମନୋରମା ଦାଶ ସ୍ୱାଗତ ଅଭିଭାଷଣ ଓ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ସହ ସମ୍ପାଦକ ଶିଶିର କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ୱପ୍ନିଳ କବି ସାହିତ୍ୟରତ୍ନ ଡକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ପୌରୋହିତ୍ୟରେ ବିଶିଷ୍ଟ ସାରସ୍ୱତ ସାଧକ ନିହାର ରଞ୍ଜନ ଦାଶ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଜଗନ୍ନାଥ ଗବେଷକ ଡ. ଅଭୟ କୁମାର ନାୟକ, ମୁଖ୍ୟ ବକ୍ତା ଭାବେ କୈବଲ୍ୟ ସାହିତ୍ୟ ସଂସଦର ସମ୍ପାଦକ ଡକ୍ଟର ସଂଗ୍ରାମ କେଶରୀ ସାମନ୍ତରାୟ, ଉତ୍କଳ ସାହିତ୍ୟ ସମାଜରେ ଉପସଭାପତି ଜୀବନାନନ୍ଦ ଅଧିକାରୀ, ପୋକପୁର ମଠାଧୀଶ ମହନ୍ତ ତ୍ରିଲୋଚନ ଦାସ ଗୋସ୍ୱାମୀ, ଜଗତସିଂହପୁର ସାହିତ୍ୟ ପରିଷଦର ସମ୍ପାଦକ ଉମାକାନ୍ତ ନାୟକ, ସ୍ତମ୍ଭକର ଡ. ଲକ୍ଷ୍ମଣ ସାହୁ, ଶାଶ୍ୱତ ସେତୁର ସମ୍ପାଦିକା ଡ. ଆରତୀ ତ୍ରିପାଠୀ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଓଡ଼ିଆର ଅସ୍ମିତା, ସ୍ୱାଭିମାନ ଓ ଗାରିମା କଥା ସହିତ ଓଡ଼ିଆ ନବବର୍ଷ ପାଳନରେ ନବକାକଳି ପରିବାରରେ ଭୂମିକା ଉପରେ ଆଲୋକପାତ କରିଥିଲେ। ପରେ କବୟିତ୍ରୀ ସବିତା ନାୟକ ଓ କବି ଦିଗମ୍ବର ରାଉତଙ୍କ ସଂଯୋଜନାରେ ୭୦ ଜଣ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କବି କୃଷ୍ଣଚନ୍ଦ୍ର ନନ୍ଦ, ପୁରୁଷୋତ୍ତମ ଦାସ, ରଂଜିତ କୁମାର ଦାସ, ଅଞ୍ଜନା ମହାନ୍ତି, ହୃଦାନନ୍ଦ ବାରିକ, ଶେଷଦେବ ଛୋଟରାୟ ପ୍ରମୁଖଙ୍କ କବିତା ବେଶ୍ ଉଚ୍ଚକୋଟିର ଥିଲା। ନବକାକଳିରେ ଓଡ଼ିଆ ନବବର୍ଷ ସଂଖ୍ୟାକୁ ଅତିଥିଗଣ ଲୋକାର୍ପଣ କରିଥିଲେ। ବିଶିଷ୍ଟ ସାରସ୍ୱତ ସାଧକ ଅଜୟ କୁମାର ବେହେରାଙ୍କୁ ମର୍ଯ୍ୟାଦାଜନକ ଊନତ୍ରିଂଶ ନବକାକଳି ବିଷୁବ ସମ୍ମାନ, ବରିଷ୍ଠ କବି ନିହାର ରଞ୍ଜନ ଦାଶଙ୍କୁ ସାରସ୍ୱତ ସମ୍ମାନ, ନାଟ୍ୟକାର ଗଣେଶ ମହାନ୍ତିଙ୍କୁ ବିଷୁବ ନାଟକ ସମ୍ମାନ, ଗାଳ୍ପିକ ବିରେଶ୍ୱର ମହାନ୍ତିଙ୍କୁ ବିଷୁବ ଗଳ୍ପ ସମ୍ମାନ, ପଦ୍ମାବତୀ ମିଶ୍ରଙ୍କୁ ବିଷୁବ ପ୍ରବନ୍ଧ ସମ୍ମାନ, ମାନସୀ ପ୍ରଭା ସ୍ୱାଇଁଙ୍କୁ ବିଷୁବ କବିତା ସମ୍ମାନ ଆଦି ଅତିଥି ଗଣ ଅଙ୍ଗବସ୍ତ୍ର, ଉପଢୌକନ, ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଶ୍ରୀ ବଳଦେବଜୀଉ ମନ୍ଦିର କମିଟିର ସମ୍ପାଦକ ରାମଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରୁଦ୍ରପ୍ରସନ୍ନ ପତି ଓ ସୁଦର୍ଶନ ଷଡଙ୍ଗୀ ସହଯୋଗ କରିଥିଲେ।



30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୬ ଅପ୍ରେଲ ୨୦୨୪ ମଙ୍ଗଳବାର





# ଶ୍ରୀରାମ ନବମୀ ମହୋତ୍ସବ : ୫୦୦୮ ମହିଳାଙ୍କ କଳସ ଶୋଭାଯାତ୍ରା ଓ ଆଜ୍ଞାମାଳ ଯାତ୍ରା



**ଭଦ୍ରକ, ନ୍ୟୁଜ ବ୍ୟୁରୋ**

ଶ୍ରୀରାମ ମହାଯଜ୍ଞ ସମିତି, ଭଦ୍ରକ ପକ୍ଷରୁ ଐତିହାସିକ ଶ୍ରୀରାମ ନବମୀ ମହାଯଜ୍ଞ ଉପଲକ୍ଷେ ଚଳିତ ବର୍ଷ ରୀତିନୀତି ଅନୁଯାୟୀ ସୋମବାର କଳସ ଶୋଭାଯାତ୍ରା, ଆଜ୍ଞାମାଳ ଅଣାଯିବା କାର୍ଯ୍ୟ ସହିତ ଯଜ୍ଞ କର୍ମ ଆରମ୍ଭ ହୋଇଛି । ପୂର୍ବାହ୍ନରେ ତିନୋଟି ଆଧ୍ୟାତ୍ମିକ ସ୍ଥଳୀ ଆରଡ଼ି ବାବା ଆଖଣ୍ଡଳମଣି, ଯାଜପୁର ମା’ ବିରଜା ଓ ମା’ ଭଦ୍ରକାଳୀଙ୍କ ପୀଠରୁ ଶତାଧିକ ଭକ୍ତଙ୍କୁ ନେଇ ଆଜ୍ଞାମାଳ ଅଣାଯାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଶ୍ରୀରାମ ନବମୀ ମହାଯଜ୍ଞ ନିମନ୍ତେ ସହରର ବାବା ଲୋକନାଥ ମନ୍ଦିରରୁ ଘଟ ଅଣାଯାଇ ଯଜ୍ଞାରମ୍ଭ ହୋଇଥିଲା। ଅପରାହ୍ନ ୪ଘଟିକାରେ ୫ ହଜାର ସଂଖ୍ୟାରେ ମହିଳାମାନେ ଗାନ୍ଧୀ ପଡ଼ିଆ ଯଜ୍ଞସ୍ଥଳରୁ ବାହାରି ଅସ୍ତଳ ଗ୍ରାମ ହୋଇ ସାଳନ୍ଦୀ ନଦୀ ଘାଟରେ ପହଞ୍ଚିଥିଲେ। ସେଠାରେ ରୀତିନୀତି ଅନୁଯାୟୀ ପୂଜା ପରେ ମହିଳାମାନେ ଘଟୋତ୍ତଳନ କରିଥିଲେ। ପରେ ଶୋଭାଯାତ୍ରାରେ ବନ୍ତ ଛକ, ଅପର୍ତ୍ତିବିନ୍ଧା ଛକ, କଚେରୀ ବଜାର, ଟାଉନହଲ ଛକ, ନୂଆବଜାର ହୋଇ ଗାନ୍ଧୀ ପଡ଼ିଆକୁ ଫେରିଥିଲେ। ଯଜ୍ଞ ମଣ୍ଡପରେ ରୀତିନୀତି ମୁତାବକ ପୂଜାକର୍ମ ଆରମ୍ଭ କରାଯାଇଛି । ସୋମବାରଠାରୁ ଏହି ପୂଜା ଯଥା, ରାମ ନବମୀ ଯଜ୍ଞ, ହନୁମାନ ଚାଳିଶା ପାଠ ଆଦି ୩ ଦିନ ଧରି ଅନୁଷ୍ଠିତ ହେବ। ଏହି ଯଜ୍ଞ କର୍ମରେ କର୍ତ୍ତାକର୍ତ୍ତ୍ରୀ ଭାବେ ସନାତନ ସାହୁ, ଅମ୍ବିକା ପ୍ରସନ୍ନ ଦାସ, ସନ୍ତୋଷ ସାହୁ, ରବି ସାହୁ ସପତ୍ନୀକ ସଂକଳ୍ପ କରିଛନ୍ତି । ବାବା ଆଖଣ୍ଡଳମଣିଙ୍କ ପୀଠରୁ ବରିଷ୍ଠ ସମାଜସେବୀ କିଶୋର ନାୟକ, ବିରଜା କ୍ଷେତ୍ରରୁ ଅମୂଲ୍ୟ ସେଠୀ, ଭଦ୍ରକାଳୀଙ୍କ ପୀଠରୁ ଡାକ୍ତର ପ୍ରଦୀପ ନାୟକ ଓ ଅନିଲ ବେହେରାଙ୍କ ତତ୍ତ୍ୱାବଧାନରେ ଆଜ୍ଞାମାଳ ଅଣାଯାଇଥିବା ବେଳେ ମହିଳାଙ୍କ କଳସ ଶୋଭାଯାତ୍ରାରେ ବିଭିନ୍ନ ପଞ୍ଚାୟତ ଓ ବ୍ଲକ ସ୍ତରର ମହିଳା ନେତୃତ୍ୱମାନେ ବିଭିନ୍ନ ବିଭାଗର ଦାୟିତ୍ୱ ନିର୍ବାହ କରିଥିଲେ। ଆଜିର ଏହି ସମସ୍ତ କାର୍ଯ୍ୟକ୍ରମକୁ ଶ୍ରୀରାମ ମହାଯଜ୍ଞ ସମିତିର ବରିଷ୍ଠ ଉପଦେଷ୍ଟା ମନମୋହନ ସାମଲ, ଅଭିମନ୍ୟୁ ସେଠୀ, ଦୀନବନ୍ଧୁ ପତି, ପ୍ରାପ୍ତ ବିଶ୍ୱାଳ, ରଘୁନାଥ ସାହୁ, ଡ. ଦେବରାଜ ପାତ୍ର, ସଭାପତି ଆଇନଜୀବୀ ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସାଧାରଣ ସମ୍ପାଦକ ଶରତ ପଢ଼ିଆରୀ, ସଂଯୋଜକ ଗୋବିନ୍ଦ ରାଉତ, ସମ୍ପାଦକ ସ୍ୱାଧୀନ ସୁନ୍ଦର ଦାସ, ସ୍ୱରୂପାନନ୍ଦ ମହାପାତ୍ର, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ସହକୋଷାଧ୍ୟକ୍ଷ ଶିବଶଙ୍କର ଦାସ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଉପସଭାପତି ଜଗନ୍ନାଥ ଦାଶ, କହ୍ନେଇ ଚରଣ ଦାସ, ତ୍ରିଲୋଚନ ନାୟକ କଳସ ଶୋଭାଯାତ୍ରାର ସଂଯୋଜକ ସୁବ୍ରତ ନାୟକ, ଶ୍ରୀହର୍ଷ ସ୍ୱାଇଁ, ଭାଗବତ ବାରିକ ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ।

# ଷ୍ଟେଟ ବ୍ୟାଙ୍କରେ ଡଃ ଆମ୍ବେଦକର ଜୟନ୍ତୀ ପାଳନ ଓ ସ୍କୁଲମାନଙ୍କୁ ସହାୟତା ପ୍ରଦାନ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆମ ସମ୍ବିଧାନର ପ୍ରଣେତା ଓ ଭାରତରତ୍ନ ଡଃ ଭୀମ ରାଓ ଆମ୍ବେଦକରଙ୍କ ୧୩୩ତମ ଜନ୍ମ ବାର୍ଷିକୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ପରିଷଦ ତରଫରୁ, ଭୁବନେଶ୍ୱର ସ୍ଥିତ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାରେ ଆୟୋଜିତ ହୋଇଯାଇଛି । ଉକ୍ତ ସଭାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ଦିନେଶ ପରୁଥି ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକୁ ଉଦ୍ଘାଟନ କରିଥିଲେ ଓ ଷ୍ଟେଟ ବ୍ୟାଙ୍କ ଦ୍ୱାରା ଅନୁସୂଚିତ ଜାତି ଓ ଜନଜାତି ମାନଙ୍କ କଲ୍ୟାଣ ନିମିତ୍ତ ନିଆଯାଉଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଷ୍ଟେଟ ବ୍ୟାଙ୍କ ତରଫରୁ, କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହ ପୂର୍ବକ, ଚୁନୁକୋଳି, ମୁଣ୍ଡାସାହି ଓ ବାରମାନା (ଚନ୍ଦକା) ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍କୁଲ ବ୍ୟାଗ, ବେଞ୍ଚ ଓ ଡେସ୍କ, ଛାତ ପଙ୍ଖା ତଥା ଜଳ ବିଶୋଧକ ସହାୟତା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମହାପ୍ରବନ୍ଧକ ଶ୍ରୀ ପୋନ୍ନମବଲମ, ମଣ୍ଡଳ ବିକାଶ ଅଧିକାରୀ ଶ୍ରୀ ମନୋଜ କୁମାର ସିଂ, ଭୁବନଶ୍ୱର ଅଞ୍ଚଳ ଉପ-ମହାପ୍ରବନ୍ଧକ ଶ୍ରୀ ସଞ୍ଜୟ କୁମାର ଝା, ଭୁବନେଶ୍ୱର ମୁଖ୍ୟ ଶାଖା ଉପ-ମହାପ୍ରବନ୍ଧକ ସସ୍ମିତା ସାହୁଙ୍କ ସମେତ ବହୁ ଅଧିକାରୀ ତଥା ଅବସର ପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଶ୍ରୀ ଗଣେଶ ଚନ୍ଦ୍ର ମିଶ୍ର, ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ପରିଷଦର ସଭାପତି ସୌରଭ ଦାସ ଓ ସାଧାରଣ ସମ୍ପାଦକ ଜିତେନ୍ଦ୍ର ନାଏକ ଓ ଅନ୍ୟ କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ଥିଲେ ।

# ଏପ୍ରିଲ ୧୫ରୁ ଜୁନ୍ ୧୪ ଯାଏ ସମୁଦ୍ରରେ ମାଛଧରା ବନ୍ଦ



**ପାରାଦୀପ, ନ୍ୟୁଜ ବ୍ୟୁରୋ**

ମତ୍ସ୍ୟ ସଂରକ୍ଷଣକୁ ଆଖି ଆଗରେ ରଖି ଏପ୍ରିଲ ୧୫ରୁ ଜୁନ୍ ୧୪ ତାରିଖ ପର୍ଯ୍ୟନ୍ତ ୬୧ ଦିନ ସମୁଦ୍ରରେ ମାଛ ଧରା ବନ୍ଦ ରହିବ। ଦୁଇମାସ ଧରି ମତ୍ସ୍ୟଜୀବୀ ସମୁଦ୍ର ଭିତରକୁ ଯିବା ନେଇ କଟକଣା ଲାଗୁ ହୋଇଛି। ଓଡ଼ିଶା ଉପକୂଳରେ ମାଛ ଧରା ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ସାଢ଼େ ୮ ମିଟର ତଳର ଡଙ୍ଗାରେ କେବଳ ମାଛ ଧରାଯାଇପାରିବ। ଏହି ସମୟରେ ମାଛମାନଙ୍କର ପ୍ରଜନନ ଋତୁ ଆରମ୍ଭ ହେଉଥିବା ଯୋଗୁ ସବୁ ବର୍ଷ ଏହି ସମୟରେ କେନ୍ଦ୍ର ସରକାରଙ୍କ ମତ୍ସ୍ୟ ସମ୍ପଦ ମନ୍ତ୍ରଣାଳୟ ପକ୍ଷରୁ ମତ୍ସ୍ୟଜୀବୀଙ୍କ ସମୁଦ୍ର ପ୍ରବେଶ ଉପରେ କଟକଣା ଲାଗୁ ହୋଇଥାଏ। ତେବେ ସରକାରଙ୍କ ଏହି କଟକଣାରେ ପରିବର୍ତ୍ତନ ଦାବି କରି ମତ୍ସ୍ୟଜୀବୀମାନେ ଦୀର୍ଘ ବର୍ଷ ହେଲା ପ୍ରତିବାଦ କରିଆସୁଥିବା ବେଳେ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହି ଦୁଇମାସ ମତ୍ସ୍ୟଜୀବୀଙ୍କୁ ଅଧିକ ଆର୍ଥିକ ସହାୟତା ଯୋଗାଇ ଦେବା ଏବଂ କଟକଣାକୁ କଡ଼ାକଡ଼ି କରାଯିବାକୁ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଯୋଗ ଦେଇଥିବା ମତ୍ସଜୀବୀ ସଂଘ ଦାବି କରିଥିଲେ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ମୌସୁମୀ ଆସିବା ପୂର୍ବରୁ ମାଛମାନଙ୍କ ପ୍ରଜନନ ଋତୁ ଆରମ୍ଭ ହୋଇଥାଏ। ମାଛମାନେ ଏହି ସମୟରେ ଅନୁକୂଳ ପରିବେଶରେ ଅଣ୍ଡା ଦେଇଥାନ୍ତି। ମାଛ ବଢ଼ିବାକୁ ୩/୪ ମାସ ଲାଗିଥାଏ। ଏହା ପୂର୍ବରୁ କଟକଣା ଶେଷ ହୋଇଯାଉଥିବାରୁ ମାଛର ଆକାର ବହୁତ ଛୋଟ ଥାଏ। ଏହି ସମୟରେ ସମୁଦ୍ରରେ ଟ୍ରଲର, ଗିଲେନିଟ, ଭୁଟଭୁଟି ଆଦି ଚଳାଚଳ ଆରମ୍ଭ ହୋଇଯାଏ। ଯାହାଦ୍ୱାରା ଲକ୍ଷାଧିକ ମାଛ ଓ ଯାଆଁଳ ମରିଯାଆନ୍ତି। ମତ୍ସଜୀବୀ ବଡ଼ ମାଛ ବଦଳରେ ଛୋଟ ମାଛ ଆଣିଥାନ୍ତି। ମାଛ ଉତ୍ପାଦନ କମ୍ ହେବା ସହିତ ଟ୍ରଲର ମାଲିକ, ମତ୍ସଜୀବୀ, ବ୍ୟବସାୟୀ କ୍ଷତି ସହିଥାନ୍ତି। ତ୍ରୁଟିପୂର୍ଣ୍ଣ ନିୟମ ପାଇଁ ମାଛର ପ୍ରଜାତି ଦିନକୁଦିନ ହ୍ରାସ ପାଇବାକୁ ବସିଲାଣି।

# ବାରହା ମାଂସ ସହ ୭ ଶିକାରୀ ଗିରଫ

**କାମାକ୍ଷାନଗର, ନ୍ୟୁଜ ବ୍ୟୁରୋ**

୭ ଜଣ ଶିକାରୀ ଗିରଫ। ବାରହା ମାଂସ ସହ ୨ ବାଇକ ଓ ୪ଟି ସାଇକେଲ ଜବତ । ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ୍ ବିରାଶାଳ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଦରତୋଟା ନିକଟରୁ ବାରହା ମାଂସ ସହିତ ୭ଜଣ ଶିକାରୀଙ୍କୁ ଗିରଫ କରିଛି ବନ ବିଭାଗ । ଗିରଫ ଅଭିଯୁକ୍ତମାନେ ବାଲିକୁମା ପଞ୍ଚାୟତ ଅନ୍ତର୍ଗତ ଦରତୋଟା ଗାଁର ସାଗର ମୁଣ୍ଡା, ସମୁ ମୁଣ୍ଡା, ବରଗଛି ଗାଁର ସନ୍ଦୀପ ସର୍ଦ୍ଦାର, ଜାଗର ସର୍ଦ୍ଦାର, ସୁନା ପୂର୍ତ୍ତି, ଲାଠୁର ମୁଣ୍ଡା ଏବଂ ଶାମ ସର୍ଦ୍ଦାର। ଏମାନେ ବିରାଶାଳ ସଂରକ୍ଷିତ ଜଙ୍ଗଲରୁ ବାରହା ଶିକାର କରୁଥିବା ବେଳେ ବନ ବିଭାଗ ଧରିଥିଲା। ସେମାନଙ୍କଠାରୁ ବାରହା ମାଂସ, ୨ଟି ବାଇକ ଓ ୪ଟି ସାଇକେଲ ଜବତ କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୨୦୪୭ ବିକଶିତ ...

ପର୍ଯ୍ୟବେକ୍ଷକମାନେ ବାହାରକୁ ଯାଉଥିବେ। ଏହାପରେ ମୁଁ ଭାବିଲି ଯେ ଯଦି ମୋର ଗୋଟିଏ ନିର୍ବାଚନ ହେବ, ତାହେଲେ ଉକ୍ତ ସମୟକୁ ମୁଁ ଛୁଟି ଭାବେ ନେବି ନାହିଁ। ପରବର୍ତ୍ତୀ ସରକାର ପାଇଁ ମୁଁ ଅଗ୍ରୀମ ଭାବେ ଅଧିକାରୀମାନଙ୍କୁ କାମ ଦେଇ ପାରିବି । ସେହି ସମୟରେ ମଧ୍ୟ ମୁଁ ପରବର୍ତ୍ତୀ ୧୦୦ ଦିନ ପାଇଁ ଯୋଜନା ପ୍ରସ୍ତୁତ କରୁଥିଲି।

୨୦୪୭ ବିକଶିତ ଭାରତ ଯୋଜନା ଉପରେ ଚାଲିଥିବା କାମ ଉପରକୁ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦି ସମ୍ୟକ ପରଦା ହଟାଇଛନ୍ତି। ଦୁଇ ବର୍ଷ ହେଲାଣି ଏହା ଉପରେ କାମ ଚାଲିଛି ଓ ସେ ନିଜ ପାଇଁ ଆଗାମୀ ୧୦୦ ଦିନ କାର୍ଯ୍ୟ ଯୋଜନା ମଧ୍ୟ ସ୍ଥିର କରିଥିବା କହିଛନ୍ତି।

ମୋଦି କହିଛନ୍ତି, ଗତ ୨ ବର୍ଷ ହେଲାଣି ମୁଁ ୨୦୪୭ ଯୋଜନା ଉପରେ କାମ କରୁଛି। ଏଥିପାଇଁ ମୁଁ ସମଗ୍ର ଦେଶର ଲୋକଙ୍କୁ ପ୍ରସ୍ତାବ ମାଗିଛି । ଆସନ୍ତା ୨୫ ବର୍ଷ ମଧ୍ୟରେ ଭାରତକୁ ସେମାନେ କେମିତି ଦେଖିବାକୁ ଚାହୁଁଛନ୍ତି, ସେଥିପାଇଁ ମୁଁ ୧୫ ଲକ୍ଷ ଲୋକଙ୍କ ମତାମତ ଆଣିଛି । ମୁଁ ବିଶ୍ୱବିଦ୍ୟାଳୟ, ବିଭିନ୍ନ ଏନଜିଓ ସହ ଯୋଗାଯୋଗ କରିଥିଲି । ୧୫ରୁ ୨୦ ଲକ୍ଷ ଲୋକ ଏଥିପାଇଁ ପ୍ରସ୍ତାବ ଦେଇଛନ୍ତି।

ଏହାପରେ ମୁଁ କୃତ୍ରିମ ଗୁଇନ୍ଦାର ସହାୟତା ନେଇଛି। ମୁଁ ଗୋଟିଏ ଟିମ ଗଠନ କରିଛି । ଆଗାମୀ ସରକାରରେ ଏସବୁ କେମିତି ହେବ, ତାର ଯୋଜନା କରିଛି । ମୁଁ ସେମାନଙ୍କ ସହ ବିସିଥିଲି ଓ ସେମାନେ ୨.୫ ଘଣ୍ଟା ଧରି ମୋତେ ସବୁ କିଛି ବୁଝାଇଥିଲେ।

୨୦୪୭ରେ ଆମେ ସ୍ୱାଧୀନତାର ୧୦୦ ବର୍ଷ ପାଳନ କରିବା ବାସ୍ତବିକ ଭାବେ ଉକ୍ତ ସମୟରେ ନୂଆ ଉତ୍ସାହ ଓ ନୂଆ ସଂକଳ୍ପ ଆସିବ। ପ୍ରତିଟି ଅନୁଷ୍ଠାନରେ ପ୍ରତ୍ୟେକ ଲୋକ ଗୋଟିଏ ଲକ୍ଷ୍ୟ ରଖିବା ଦରକାର। ମୁଁ ଉକ୍ତ ଗାଁର ମୁଖିଆ ଓ ୨୦୪୭ ସୁଦ୍ଧା ମୋତେ ମୋ ଗାଁ ପାଇଁ ଅନେକ କିଛି କରିବାର ଅଛି।

ମୋଦି ଆହୁରି କହିଛନ୍ତି, ଆପଣ ଯଦି ୨୦୨୪ ନିର୍ବାଚନକୁ ଦେଖିବେ, ତାହେଲେ ଦେଶ ପାଖରେ ଗୋଟିଏ ବଡ଼ ସୁଯୋଗ ରହିଛି। ଦେଶରେ କଂଗ୍ରେସ ସରକାରର ମଡେଲ ଓ ବିଜେପି ସରକାରର ମଡେଲ ରହିଛି।

ସେମାନେ ୫ରୁ ୬ ଦଶନ୍ଧି ଧରି କାମ କରିଥିବା ବେଳେ ମୁଁ ୧୦ ବର୍ଷ କାମ କରିଛି । ଏହାର ତୁଳନା କରାଯାଉ । ୧୦ ବର୍ଷ ମଧ୍ୟରୁ ଆମକୁ ୨ ବର୍ଷ କରୋନା ସହ ଲଢ଼ିବାକୁ ପଡ଼ିଲା ।ଏହାପରେ ମଧ୍ୟ ଅନେକ ପ୍ରଭାବ ପଡ଼ିଛି। ତଥାପି ବିକାଶର ଧାରା ତୀବ୍ର ହୋଇଛି।

## ୪୫ ବର୍ଷ ପୁରୁଣା ...

ଉଭା ହୋଇଥିଲେ। ଲେବାନନରୁ ଆସିଥିବା ହେଜବୋଲ୍ଲାକୁ ଇରାନ ସମର୍ଥନ କରିଥିବା ବେଳେ ଇସ୍ରାଏଲ ଉପରେ ହମାସର ଆକ୍ରମଣ ପରଠାରୁ ସ୍ଥିତି ସଂପୂର୍ଣ୍ଣ ବଦଳିଗଲା। ଗତ ବର୍ଷ ଅକ୍ଟୋବର ୭ ତାରିଖରେ ହମାସ ଆତଙ୍କବାଦୀମାନେ ଇସ୍ରାଏଲର ସହରଗୁଡ଼ିକ ଉପରେ ଅଗଣନ ଆକ୍ରମଣ କରିଥିଲେ। ଏଥିରେ ୧୨୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ୨୦୦ରୁ ଅଧିକ ଲୋକଙ୍କୁ ବନ୍ଧକ ରଖାଯାଇଥିଲା। ହମାସ ଆକ୍ରମଣ ଘଟଣାରେ ଇରାନ କୌଣସି ଭୂମିକାକୁ ସାର୍ବଜନୀନ ମନ୍ତବ୍ୟରେ ଅସ୍ୱୀକାର କରିଥିଲେ ମଧ୍ୟ ଇସ୍ରାଏଲ ସହର ଉପରେ ହୋଇଥିବା ଆକ୍ରମଣକୁ ସ୍ୱାଗତ କରିଥିଲା। ହମାସ ସପକ୍ଷରେ ଇରାନର କ୍ରମାଗତ ବୟାନ ଏବଂ ଇସ୍ରାଏଲକୁ ବାରମ୍ବାର ଧମକ ଉଭୟ ରାଷ୍ଟ୍ର ମଧ୍ୟରେ ତିକ୍ତତାକୁ ଚରମରେ ପହଞ୍ଚାଇଥିଲା।

ଅକ୍ଟୋବର ୭ ଆକ୍ରମଣ ପରେ ଇସ୍ରାଏଲ ଏହାର ଭୟଙ୍କର ଜବାବ ଦେଇଛି ଏବଂ ଗାଜା ଷ୍ଟ୍ରିପ ଉପରେ ସବୁ ପ୍ରକାର ଆକ୍ରମଣ ଜାରି ରଖିଛି । ଜାତିସଂଘର ଆକଳନ ଅନୁଯାୟୀ, ଇସ୍ରାଏଲର ଜବାବରେ ୩୩,୦୦୦ରୁ ଅଧିକ ପାଲେଷ୍ଟାଇନ ନାଗରିକ ନିହତ ହୋଇଛନ୍ତି। ଇସ୍ରାଏଲ ଉପରକୁ ଲେବାନନରୁ ରକେଟ ମାଡ଼ କରି ହେଜବୋଲ୍ଲା ଆଉ ଏକ ମୋର୍ଚ୍ଚା ଖୋଲିଥିବା ବେଳେ ଏହାପଛରେ ଇରାନର ପୂର୍ଣ୍ଣ ସମର୍ଥନ ରହିଥିବାରୁ ଇସ୍ରାଏଲ ସିରିଆର ରାଜଧାନୀ ଦମାସ୍କସ୍‌ରେ ବିମାନ ଆକ୍ରମଣ କରି ଇରାନର ଦୂତାବାସକୁ ଧ୍ୱଂସ କରିଦେଇଥିଲା। ଏଥିରେ ଇରାନର ଦୁଇ ଜଣ ବରିଷ୍ଠ କମାଣ୍ଡରଙ୍କ ସମେତ ଅନେକ ଇରାନୀୟଙ୍କ ମୃତ୍ୟୁ ହୋଇଥିଲେ। ଏହାର ପ୍ରତିଶୋଧ ନେବାକୁ ଇରାନ ଗତରାତିରେ ପ୍ରଚଣ୍ଡ ଆକ୍ରମଣ କରିଥିଲା। ଇତିମଧ୍ୟରେ ଇରାନ-ଇସ୍ରାଏଲ ଉତ୍ତେଜନାକୁ ନେଇ ଭାରତ ଉଦ୍‌ବେଗ ପ୍ରକାଶ କରିଛି । ପରିସ୍ଥିତିକୁ ଆଉ ନ ବିଗାଡ଼ି ସେମାନେ ସଂଯମ ରକ୍ଷା କରନ୍ତୁ ବୋଲି ଉଭୟ ଇରାନ ଏବଂ ଇସ୍ରାଏଲକୁ ପରାମର୍ଶ ଦେଇଛି । ସୂଚନାଯୋଗ୍ୟ ଯେ ଉଭୟ ରାଷ୍ଟ୍ର ସହିତ ଭାରତର ସଂପର୍କ ଭଲ ରହିଛି।

## ନବୀନଙ୍କ...

‘ଭିଜନାରୀ ଲିଡରସିପ୍’ ଓଡ଼ିଶାରେ ଦ୍ରୁତ ଶିଳ୍ପାୟନ ଓ ଅଭିବୃଦ୍ଧି ଘଟାଇବା ସହ ପୁଞ୍ଜିନିବେଶକାରୀଙ୍କୁ ମଧ୍ୟ ଆକର୍ଷିତ କରିପାରିଛି। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଦିଗ୍‌ଦର୍ଶନକୁ ପାଥେୟ କରି ଶ୍ରୀ ପାଣ୍ଡିଆନ୍ ବିଭିନ୍ନ ବିକାଶମୂଳକ କାମରେ ୫-ଟି ମନ୍ତ୍ରକୁ ଫୋକସ କରିଥିବାରୁ ରାଜ୍ୟରେ ଏକ ସୁସ୍ଥ ବ୍ୟବସାୟର ବାତାବରଣ ଗଢ଼ି ଉଠିପାରିଛି, ଯାହାକି ସମଗ୍ର ଦେଶରେ ଶ୍ରେଷ୍ଠ ବୋଲି ବିବେଚିତ ହେଉଛି।

ଏକଦା ଓଡ଼ିଶାରେ ସ୍ୱଳ୍ପ ପୁଞ୍ଜିନିବେଶ ପାଇଁ ମଧ୍ୟ କୌଣସି ନିବେଶକ ବା କମ୍ପାନୀ ଆଗଭର ହେଉନଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନଙ୍କ ଦୃଢ଼ ନେତୃତ୍ୱ, ସ୍ଥିର ସରକାର ରାଜ୍ୟର ବିକାଶ ପାଇଁ ରଣନୀତିକ ଭିଜନକୁ କାର୍ଯ୍ୟକାରୀ କରିବା ଦିଗରେ ନିରନ୍ତର ଉଦ୍ୟମ ଯୋଗୁ ଓଡ଼ିଶା ଏବେ ଭାରତ ବର୍ଷରେ ମହାରାଷ୍ଟ୍ର ପଛକୁ ଦ୍ୱିତୀୟ ସର୍ବବୃହତ ପୁଞ୍ଜିନିବେଶର ଲକ୍ଷସ୍ଥଳୀ ପାଲଟିଛି। ମାନୁଫାକ୍‌ଚରିଂ ଇନ୍‌ଭେଷ୍ଟମେଣ୍ଟରେ ଦେଶରେ ଓଡ଼ିଶା ସର୍ବବୃହତ ପୁଞ୍ଜିନିବେଶର ରାଜ୍ୟ ଭାବେ ଉଭା ହୋଇଛି ଯାହାକି ନିଶ୍ଚିତ ଭାବେ ଗର୍ବର ବିଷୟ। ସେହିପରି ଆର୍ସେଲର ମିତ୍ତଲ ଆଣ୍ଡ ନିପ୍ପନ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ପଥ ପରିଷ୍କାର ହେବା ଫଳରେ ଓଡ଼ିଶାର ଆର୍ଥିକ ସମୃଦ୍ଧିର ନୂଆ ଯୁଗ ଆସିବ ବୋଲି କୁହାଯାଉଛି। ଶ୍ରୀ ପାଣ୍ଡିଆନ୍ ଓଡ଼ିଶାରେ ମେଗା ଶିଳ୍ପ ପ୍ରତିଷ୍ଠା ସହିତ ପାରମ୍ପରିକ ଶିଳ୍ପର ବିକାଶ ପାଇଁ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ଅକ୍ଷୟଶକ୍ତି, ଆଇଟି, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଗ୍ରୀନ୍ ଟେକ୍ନୋଲୋଜି ଆଦି କ୍ଷେତ୍ରରେ ବିକାଶ ଜରିଆରେ ଓଡ଼ିଶାର ସାମଗ୍ରିକ ଅଭିବୃଦ୍ଧି ଓ ନିରନ୍ତର ବିକାଶ ଉପରେ ଫୋକସ୍ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ‘ନୂଆ ଓଡ଼ିଶା ଓ ସମୃଦ୍ଧ ଓଡ଼ିଶା’ ଗଠନ ସ୍ୱପ୍ନକୁ ବାସ୍ତବ ରୂପ ଦେବା କ୍ଷେତ୍ରରେ ଶ୍ରୀ ପାଣ୍ଡିଆନ୍ ନିଷ୍ଠାର ସହ କାମ କରୁଛନ୍ତି। ସେହିପରି ମହିଳା ସଶକ୍ତିକରଣ ଏବଂ ସାମାଜିକ ନ୍ୟାୟ ପ୍ରତିଷ୍ଠା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନଙ୍କ ପ୍ରତିବଦ୍ଧତା ସମଗ୍ର ଦେଶରେ ଉଦାହରଣ ପାଲଟିଛି। ମିଶନ ଶକ୍ତି ଜରିଆରେ ମହିଳାମାନେ କେବଳ ସଶକ୍ତ ହେଉଛନ୍ତି ତାହା ନୁହେଁ ବିଭିନ୍ନ ବ୍ୟବସାୟ ଜରିଆରେ ରୋଜଗାରକ୍ଷମ ଏବଂ ସ୍ୱାବଲମ୍ବୀ ହେବା ସହ ଆର୍ଥିକ କ୍ଷେତ୍ରରେ ମଧ୍ୟ ସଶକ୍ତ ହେଉଛନ୍ତି।

ରାଜ୍ୟର ସାମଗ୍ରୀକ ବିକାଶ ପାଇଁ ନବୀନ ସରକାର ଭିତ୍ତିଭୂମି ବିକାଶ ବିଶେଷକରି ସଡ଼କ, ରେଳପଥ ସଂଯୋଗ, ବନ୍ଦର ଏବଂ ବିମାନ ସେବା ଜରିଆରେ ଯୋଗାଯୋଗ ଭିତ୍ତିଭୂମିର ବିକାଶ ଉପରେ ପ୍ରାଥମିକତା ଦେଇଥିବାରୁ ଓଡ଼ିଶା ଏବେ ଏସିଆ ଓ ପୂର୍ବ ଏସିଆରେ ସ୍ୱତନ୍ତ୍ର ପରିଚୟ ପାଇପାରିଛି। ମୁଖ୍ୟମନ୍ତ୍ରୀଙ୍କ ଓଡ଼ିଶା ବିକାଶ ଭିଜନକୁ ବାସ୍ତବରୂପ ଦେବା କ୍ଷେତ୍ରରେ ଶ୍ରୀ ପାଣ୍ଡିଆନ୍ ଯେଉଁ ନିରନ୍ତର ଉଦ୍ୟମ କରିଛନ୍ତି ତାହାଦ୍ୱାରା ବଡ ବଡ ଶିଳ୍ପପତି ପୁଞ୍ଜିନିବେଶକାରୀ ଓଡ଼ିଶାରେ ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ପାଇଁ ପୁଞ୍ଜିନିବେଶ କରିବାକୁ ଆଗେଇ ଆସିଛନ୍ତି। ୱେଲସ୍ପନ୍, ଆଦିତ୍ୟ ବିର୍ଲା, ଏସିଏମ୍‌ଇ ଭଳି ଅନେକ ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ ନିବେଶକାରୀ ଓଡ଼ିଶାକୁ ନିବେଶର ଲକ୍ଷ୍ୟସ୍ଥଳୀ ଭାବେ ବାଛିଲେଣି। ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଓ ଦିଗ୍‌ଦର୍ଶନରେ ଶ୍ରୀ ପାଣ୍ଡିଆନ୍ ଓଡ଼ିଶା ବିକାଶ ଭିଜନକୁ ରୂପାୟନ କରିବାରେ ଯେଉଁ ପଦକ୍ଷେପମାନ ଗ୍ରହଣ କରିଛନ୍ତି ତାହା ନିଶ୍ଚିତ ଭାବେ ରାଜ୍ୟର ସମୃଦ୍ଧି ଓ ବିକାଶରେ ନୂଆ ଯୁଗର ବେଞ୍ଚ ମାର୍କ ହେବ ଏବଂ ସମଗ୍ର ଦେଶ ପାଇଁ ପ୍ରେରଣା ଯୋଗାଇବ ବୋଲି କୁହାଯାଉଛି।

## ରାଜ୍ୟରେ ଆଗାମୀ ...

ଖରାରୁ ଦୂରେଇ ରହିବା ଆବଶ୍ୟକ। ଶୋଷ ନହେଲେ ବି ଯଥେଷ୍ଟ ପାଣି ପିଇବା ଉଚିତ। ଦିନ ତାପମାତ୍ର ସବୁଠୁ ଅଧିକ ୪୦.୫ ଡିଗ୍ରୀ ରେକର୍ଡ କରାଯାଇଛି ପାରଳାଖେମୁଣ୍ଡିରେ। ଆଉ ୧୦ ସହରରେ ୩୯ରୁ ଅଧିକ ତାପମାତ୍ରା ରେକର୍ଡ ହୋଇଛି । ରାଜ୍ୟରେ ଶୁଷ୍କ ବାୟୁ ପ୍ରବେଶ କରୁଛି। ତେଣୁ ତାପମାତ୍ରା ଆଉ ୫ ଦିନ ପର୍ଯ୍ୟନ୍ତ ବଢ଼ିବ। ୧୬ ତାରିଖ ପାଇଁ ମାଲକାନଗିରି, କୋରାପୁଟ, କନ୍ଧମାଳ, କେନ୍ଦ୍ରାପଡା, ଢେଙ୍କାନାଳ ନୟାଗଡ଼ । ସେହିପରି ୧୭ ତାରିଖ ମାଲକାନଗିରି, ଅନୁଗୁଳ, ଭଦ୍ରକ, କେନ୍ଦ୍ରାପଡା , ବୌଦ୍ଧ ଓ ଖୋର୍ଦ୍ଧାକୁ ଆଲର୍ଟ ଜାରି କରାଯାଇଥିବା ବେଳେ ୧୮ ଏପ୍ରିଲ ବଲାଙ୍ଗୀର, କେନ୍ଦୁଝର, ବୌଦ୍ଧରେ ଅଧିକ ତାପମାତ୍ରା ରେକର୍ଡ ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିବା ସହ ଆଲର୍ଟ ଜାରି କରିଛି।

## ପୁଲିସ ମହାନିର୍ଦ୍ଦେଶକଙ୍କ ...

ମାଲକାନଗିରି ଜିଲ୍ଲାରେ ମାଓବାଦୀଙ୍କ ଉପସ୍ଥିତି ନାହିଁ । ତେଣୁ ମାଲକାନଗିରି ଜିଲ୍ଲାରେ କୌଣସି ପ୍ରକାରର ମାଓ କାର୍ଯ୍ୟକଳାପ ଦେଖାଯାଇନାହିଁ ବୋଲି ପୁଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି। କିନ୍ତୁ ମାଲକାନଗିରି ଜିଲ୍ଲାର ପଡ଼ୋଶୀ ଛତିଶଗଡ଼ ରାଜ୍ୟର ସୁକୁମା ଜିଲ୍ଲାରେ ଆସନ୍ତା ଏପ୍ରିଲ ୧୯ ତାରିଖରେ ସାଧାରଣ ନିର୍ବାଚନ ଥିବା ବେଳେ ମାଲକାନଗିରି ଜିଲ୍ଲାରେ ମେ ୧୩ ତାରିଖରେ ଅଛି। ତେଣୁ ଏହି ସମୟ ମଧ୍ୟରେ ମାଓବାଦୀମାନେ ଓଡ଼ିଶାକୁ ଆସିବାକୁ ପ୍ରଚେଷ୍ଟା କରିପାରନ୍ତି । ତେଣୁ ମାଓବାଦୀଙ୍କୁ ପ୍ରତିହତ କରିବାକୁ ଅପରେସନ ଜାରି ରଖିବୁ । ଆମର ଫୋର୍ସ ପ୍ରସ୍ତୁତ ଅଛନ୍ତି , ଅପରେସନ ପ୍ଲାନ ପ୍ରସ୍ତୁତ ହୋଇଛି । ତେଣୁ ସମସ୍ତ ଆରକ୍ଷୀ ଅଧିକ୍ଷକମାନେ ମଧ୍ୟ ମାଓବାଦୀଙ୍କୁ ପ୍ରତିହତ କରିବାକୁ ପ୍ରସ୍ତୁତ ଅଛନ୍ତି । ସେ କହିଛନ୍ତି ମାଓବାଦୀ ଏକ ସମସ୍ୟା । ତେଣୁ ସମସ୍ତଙ୍କର ସହଯୋଗରେ ଆମେ ମାଓବାଦୀଙ୍କୁ ମୁକାବିଲା କରିପାରିବୁ। ସ୍ୱାଭିମାନ ଅଂଚଳକୁ ଆନ୍ଧ୍ର ପ୍ରଦେଶରୁ କିଛି ମାଓବାଦୀ ଚଳପ୍ରଚଳ କରୁଥିବା ନେଇ ଆଲୋଚନା ହୋଇଥିଲା। ସଂପୃକ୍ତ ଅଞ୍ଚଳକୁ କାବୁ କରି କିଭଳି ଆମେ ପ୍ରତିହତ କରିବୁ , ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା । ସୁରକ୍ଷା ଦୃଷ୍ଟି କୋଣରୁ ପୂର୍ବରୁ ସୁରକ୍ଷାକର୍ମୀଙ୍କ କ୍ୟାମ୍ପ ପାଖାପାଖି ବୁଥ ହେଉଥିଲା। କିନ୍ତୁ ପ୍ରଥମ ଥର କରି ଚଳିତ ସାଧାରଣ ନିର୍ବାଚନରେ ସମସ୍ତ ଗ୍ରାମରେ ବୁଥ କରାଯାଇଛି । ଭୋଟରମାନେ ନିଜ ନିଜର ବୁଥକୁ ଯାଇ ଭୋଟ ଦେଇପାରିବେ ବୋଲି ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ଷଡଙ୍ଗୀ ପ୍ରକାଶ କରିଛନ୍ତି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଗୋଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏ.ଡି.ଜି ଆଇନ ଶୃଙ୍ଖଳା ସଞ୍ଜୟ କୁମାର, ଏ.ଡି.ଜି ଅପରେସନ ଏସ.ଦେବଦତ୍ତ ସିଂହ, ଏସ.ଆଇ.ଡବ୍ଲ୍ୟୁ ଡି.ଆଇ.ଜି କନୱର ବିଶାଲ ସିଂହ, ଦକ୍ଷିଣ ପଶ୍ଚିମାଞ୍ଚଳ ଡି.ଆଇ.ଜି ଚରଣ ସିଂହ ମୀନାଙ୍କ ସମେତ ୪ ଟି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ବି.ଏସ.ଏଫର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଭୁବନେଶ୍ୱର ସବୁଠୁ ...

ସବୁଠୁ ଉତ୍ତପ୍ତ ପାଲଟିଛି । ଚନ୍ଦବାଲି ୪୧.୧, ଝାରସୁଗୁଡ଼ା ୪୧ ଡିଗ୍ରୀ, ବାଲେଶ୍ୱର ୪୦ ଡିଗ୍ରୀ, ହୀରାକୁଦ ୩୯.୫ ଡିଗ୍ରୀ, ସମ୍ବଲପୁର ୩୯.୪ ଡିଗ୍ରୀ, ରାଉରକେଲା ୩୯.୨ ଡିଗ୍ରୀ, କେନ୍ଦୁଝରରେ ୩୮.୯ ଡିଗ୍ରୀ, ଗୋପାଳପୁର ୩୫.୫ ଡିଗ୍ରୀ, ପାରାଦୀପ ୩୫.୨ ଡିଗ୍ରୀ ଏବଂ ପୁରୀ ୩୫ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

## କେଜ୍ରିୱାଲ୍‌ଙ୍କୁ ...

ତାପରେ ସେ ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ, ଯାହାର ଶୁଣାଣି ସୋମବାର ଥିଲା, ମାତ୍ର ସୋମବାର ଅଦାଲତ ତାହାର ଶୁଣାଣି ଏପ୍ରିଲ ୨୯ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି। ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତଙ୍କ ଦୁଇ ବିଚାରପତିଙ୍କ ଦ୍ୱାରା ଗଠିତ ଏକ ଖଣ୍ଡପୀଠରେ ସୋମବାର ଶୁଣାଣି ହୋଇଛି । ବର୍ତ୍ତମାନ ତିହାର ଜେଲରେ ଥିବା କେଜ୍ରିୱାଲଙ୍କ ୧୪ ଦିନିଆ ନ୍ୟାୟିକ ହେପାଜତ ସୋମବାର ଶେଷ ହେବ।

# ୭୫ ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କଲା କଂଗ୍ରେସ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କଂଗ୍ରେସ ଦଳ ଦ୍ୱିତୀୟ ପର୍ଯ୍ୟାୟରେ ତାର ୭୫ ଆସନରେ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ଅତାବିରା ଆସନରୁ ଅଭିଷେକ ସେଠ, ତଳସରାରୁ ଦେବେନ୍ଦ୍ର ଭିତରିଆ, କୁଚିଣ୍ଡାରୁ କେଦାରନାଥ ବରିହା, ରେଙ୍ଗାଲୀରୁ ଦିଲ୍ଲୀପ କୁମାର ଦୁରିଆ, ସମ୍ବଲପୁରରୁ ଦୁର୍ଗା ପ୍ରସାଦ ପାଢ଼ୀ, ରେଢ଼ାଖୋଲରୁ ଆସଫ ଅଲି ଖାନ, ଦେବଗଡରୁ ସେମ ହେମ୍ବ୍ରମ, ତେଲକୋଇରୁ ନିର୍ମଳ ଚନ୍ଦ୍ର ନାଏକ, ଘସିପୁରାରୁ ସୁବ୍ରତ ଚକ୍ର, ଆନନ୍ଦପୁରରୁ ଜୟଦେବ ଜେନା, ପାଟନାରୁ ହୃଷିକେଶ ନାଏକ, କେନ୍ଦୁଝର ଶ୍ରୀମତୀ ପ୍ରତିଭା ମଞ୍ଜରୀ ନାଏକ, ଚମ୍ପୁଆରୁ ଯଶୋବନ୍ତ ନାରାୟଣ ସିଂହ ଲାଗୁରୀଙ୍କୁ ଟିକେଟ ଦିଆ ଯାଇଛି । ସେହିପରି ଜଶିପୁରରୁ ଶ୍ୱେତା ଚାତାର, ସାରସକଣାରୁ ରାମ କୁମାର ସୋରେନ, ରାଇରଙ୍ଗପୁରରୁ ଯୋଗେନ୍ଦ୍ର ବାନରା, ବାଙ୍ଗିରିପଶୀରୁ ମୁରଲୀଧର ନାଏକ, କରଞ୍ଜିଆରୁ ଲକ୍ଷ୍ମୀଧର ସିଂହ, ଉଦଳାରୁ ଦୁର୍ଗା ଚରଣ ଟୁଡୁ, ବାରିପଦାରୁ ବାଦଲ ହେମ୍ବ୍ରମ, ମୋରଡାରୁ ପ୍ରଭାସ କର ମହାପାତ୍ର, ଭୋଗରାଇରୁ ସତ୍ୟଶିବ ଦାସ, ବସ୍ତାରୁ ବିଜନ ନାଏକ, ରେମୁଣାରୁ ସୁଦର୍ଶନ ଜେନା, ସୋରୋରୁ ସୁବ୍ରତ ଧଡା, ସିମୁଳିଆରୁ ହିମାଂଶୁ ଶେଖର ବେହେରା, ଭଣ୍ଡାରୀ ପୋଖରୀରୁ ନିରଞ୍ଜନ ପଟ୍ଟନାୟକ, ଭଦ୍ରକରୁ ଅସିତ ପଟନାୟକ, ବାସୁଦେବପୁରରୁ ଅଶୋକ କୁମାର ଦାସ, ଧାମନଗରରୁ ରଞ୍ଜନ କୁମାର ବେହେରା, ଚାନ୍ଦବାଲିରୁ ଅମିୟ ମହାପାତ୍ର, ବିଞ୍ଝାରପୁରରୁ କନକଲତା ମଲ୍ଲିକ, ବରୀରୁ ଆରତୀ ଦେଓ, ଧର୍ମଶାଳାରୁ କିଶନ ପଣ୍ଡା, ଯାଜପୁରରୁ ସୁଦୀପ କୁମାର କର, କୋରେଇରୁ ଶ୍ରୀମତୀ ବନ୍ଦିତା ପରିଡାଙ୍କୁ ଟିକେଟ ଦିଆଯାଇଛି। ସେହିପରି ଢେଙ୍କାନାଳରୁ ସସ୍ମିତା ସିଂହଦେଓ, ହିନ୍ଦୋଳରୁ ଗୋବର୍ଦ୍ଧନ ଶେଖର ନାଏକ, କାମାକ୍ଷାନଗରରୁ ବିପ୍ରବର ସାହୁ, ପରଜଙ୍ଗରୁ ରଞ୍ଜିତ କୁମାର ସାହୁ, ତାଳଚେରରୁ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଅନୁଗୁଳରୁ ଅମ୍ବିକା ପ୍ରସାଦ, ଛେଣ୍ଡିପଦାରୁ ନରୋତମ ନାୟକ, ଆଠମଲିକରୁ ବିଜୟାନନ୍ଦ ଚାଉଳିଆ, ବୀରମହାରାଜପୁରରୁ ପ୍ରଦୀପ ସେଠୀ, ସୋନପୁରରୁ ପ୍ରିୟବ୍ରତ ସାହୁ, ଟିଟିଲାଗଡରୁ ବିରେନ୍ଦ୍ର ବାଗ, ଖରିଆରରୁ କୋମଲ ଚରଣ ତାଣ୍ଡି, ବାଲିଗୁଡାରୁ ଉପେନ୍ଦ୍ର ପ୍ରଧାନ, ବଡମ୍ବାରୁ ସଞ୍ଜୟ କୁମାର ସାହୁ, ବାଙ୍କିରୁ ଦେବାଶୀଷ ପଟ୍ଟନାୟକ, ଆଠଗଡରୁ ମେହବୁବ ଅହମ୍ମଦ ଖାନ, ଚୌଦ୍ୱାର କଟକରୁ ମୀରା ମଲିକ, ନିଆଳିରୁ ଜ୍ୟୋତିରଞ୍ଜନ ମଲିକ, କଟକ ସଦରରୁ ରାମଚନ୍ଦ୍ର ଗୋଛାୟତ, ସାଲେପୁରରୁ ଉଜାମନ ଖାନ, ପାଟକୁରାରୁ ରତିକାନ୍ତ କାନୁନଗୋ, ଆଳିରୁ ଦେବସ୍ମିତା ଶର୍ମା, ପାରାଦୀପରୁ ନିରଞ୍ଜନ ନାଏକ, ତିର୍ତ୍ତୋଲରୁ ହିମାଂଶୁ ଭୂଷଣ ମଲିକ, ବାଲିକୁଦା (ଏରସମା)ରୁ ନଳିନୀ ସ୍ୱାଇଁ, ପୁରୀରୁ ସୁଜିତ ମହାପାତ୍ର, ବ୍ରହ୍ମଗିରିରୁ ମିତ୍ରଭାନୁ ମହାପାତ୍ର, ଜୟଦେବରୁ ଜୟନ୍ତ କୁମାର ଭୋଇ, ଏକାମ୍ରରୁ ପ୍ରଶାନ୍ତ କୁମାର ଚମ୍ପତି, ଜଟଣୀରୁ ସନ୍ତୋଷ ଜେନା, ବେଗୁନିଆରୁ ପୃଥିବି ବଲ୍ଲଭ ପଟ୍ଟନାୟକ, ରଣପୁରରୁ ବିଭୁ ପ୍ରସାଦ ମିଶ୍ର, ନୟାଗଡରୁ ରଞ୍ଜିତ ଦାସ, କବି ସୂର୍ଯ୍ୟନଗରରୁ ବିପିନ ବିହାରୀ ସ୍ୱାଇଁ, ଖଲିକୋଟରୁ ଚିତ୍ରସେନ ବେହେରା, ଆସ୍କାରୁ ସୁରଭି ବିଷୋଇ, ହିଞ୍ଜିଳିରୁ ରଜନୀକାନ୍ତ ପାଢ଼ୀ, ବ୍ରହ୍ମପୁରରୁ ଦୀପକ ପଟ୍ଟନାୟକ, ଦିଗପହଣ୍ଡିରୁ ଶ୍ରୀଧର ଦେବଙ୍କୁ ଟିକେଟ ଦିଆଯାଇଛି ।

# ଜୟଦେବବିହାର ବିକାଶ ପରିଷଦ ପକ୍ଷରୁ ହନୁମାନ ଜୟନ୍ତୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଚଳିତ ମେଷ ମାସ ଶୁକ୍ଳପକ୍ଷ ମହାବିଷୁବ (ପଣା)ସଂକ୍ରାନ୍ତୀ ଉପଲକ୍ଷେ ଜୟଦେବ ବିହାର ୫ ନଂ ଲେନସ୍ଥିତ ପଞ୍ଚମୁଖୀ ମନ୍ଦିର ପ୍ରାଙ୍ଗଣରେ ଜୟଦେବ ବିହାର ବିକାଶ ପରିଷଦ ପକ୍ଷରୁ ଶ୍ରୀଶ୍ରୀ ହନୁମାନ ଜୟନ୍ତୀ ମହୋତ୍ସବ ମହାସମାରୋହରେ ପାଳିତ ହୋଇଥିଲା। ଅଖଣ୍ଡ ଦୀପ ସ୍ଥାପନ, ଗୁରୁପୂଜା, ସୂର୍ଯ୍ୟପୂଜା, ବିଗ୍ରହ ସ୍ନାନ, ଉପଚାର ପୂଜା ଓ ପୂର୍ଣ୍ଣାହୁତି ହୋଇଥିଲା। ପରିଷଦର ସଭାପତି ମିହିର ରଞ୍ଜନ ରଥ ଓ ସାଧାରଣ ସଂପାଦକ ରବୀନ୍ଦ୍ର କୁମାର ପଲେଇଙ୍କ ଆବାହକତ୍ୱରେ ଆୟୋଜିତ ଏହି ଉତ୍ସବରେ ବିକାଶ ପରିଷଦର ବରିଷ୍ଠ ଉପଦେଷ୍ଟା ତଥା ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଡ. ଶକ୍ତିରାଜ ଜାମଲା, ସମାଜସେବୀ ମନୋଜ ରଥ ଓ ଯୁଧିଷ୍ଠିର ସାହୁ, ପରିଷଦ ଉପସଭାପତି ବିଭୂଦତ୍ତ ରାଉତ, ଯୁଗ୍ମ ସଂପାଦକ ସ୍ମୃତିରଞ୍ଜନ ଦାସ, ମାନସ ରଞ୍ଜନ ରଥ, କୋଷାଧକ୍ଷା ଲୋପାମୁଦ୍ରା ମହାପାତ୍ର, ରାଜଶ୍ରୀ ରଥ, ଉର୍ମିଳା ରାଉତ, ମିନାକ୍ଷୀ ଷଡ଼ଙ୍ଗୀ, ସଲୀଳା ନାୟକ, ମିନାକ୍ଷୀ ଦଳେଇ, ପ୍ରତିଭା ଦାଶ, ଶଶିକଳା ଦାଶ, କିଶୋର ମହାପାତ୍ର, ରଞ୍ଜିତ ପଣ୍ଡା, ଦୁଃଶାସନ ସାହୁ, ନକୁଳ ଚରଣ ଲେଙ୍କା, ଦଶରଥ ଦାସ, ପୂଜକ ବିଜୟ କୁମାର ଦାଶ ପ୍ରମୁଖ ସହଯୋଗ କରିଥିଲେ। ଏହି ଉତ୍ସବରେ ଆଖପାଖ ଅଞ୍ଚଳରୁ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ଲୋକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ଆଶାମୁକୁଳ ବାରିକଙ୍କ ନିର୍ଦ୍ଦେଶନାରେ କଣ୍ଠଶିଳ୍ପୀ କେଶବ ମହାରଣା, ସୁଶ୍ରୀ ସଙ୍ଗୀତା, ଗୋପାଳକୃଷ୍ଣ ସାହୁ, ସଂଘମିତ୍ରା ସାହୁ, ସ୍ନେହାଶ୍ରୀ ନାୟକ, କୁନି କଳାକାର ସ୍ନେହାଶିଷ ଓ ଅନିମେଷ ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ।

# ଜଳବାୟୁ ପରିବର୍ତ୍ତନର ପ୍ରଭାବ : ଆମ୍ବ ଉତ୍ପାଦନ ୨୦% କମିବ

## ବଜାରକୁ ଆସିଲାଣି ଦେଶୀ ସଅଳ କିସମ ଆମ୍ବ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷ ରାଜ୍ୟରେ ପାଖାପାଖି ୨୦% ଆମ୍ବ ଉତ୍ପାଦନ ହ୍ରାସ ପାଇବ ବୋଲି ଆକଳନ କରାଯାଉଛି । ଜଳବାୟୁ ପରିବର୍ତ୍ତନ ପ୍ରଭାବରୁ ବିଳମ୍ବରେ ବଉଳ ଆସିବା, ରୋଗପୋକ ଓ ଅଦିନିଆ ବର୍ଷା ଏହାର ମୁଖ୍ୟ କାରଣ ବୋଲି କହିଛନ୍ତି କୃଷି ବୈଜ୍ଞାନିକ ଗୋବିନ୍ଦ ଆଚାର୍ଯ୍ୟ। କୃଷି ବିଭାଗ ସୂଚନାନୁସାରେ, ଆମ୍ବ ଉତ୍ପାଦନରେ ଓଡ଼ିଶା ଭାରତରେ ଅଷ୍ଟମ ସ୍ଥାନରେ ରହିଛି। ଦେଶରେ ୨ କୋଟି ୯ଲକ୍ଷ ୪୬ ହଜାର ୪୦୦ ମେଟ୍ରିକ୍ ଟନ୍ ଆମ୍ବ ଉତ୍ପାଦିତ ହୁଏ। ଏଥିରୁ ୪ ପ୍ରତିଶତ ଅର୍ଥାତ ୮ ଲକ୍ଷ ୫୦ ହଜାର ୨୯୮ ମେଟ୍ରିକ୍ ଟନ୍ ଆମ୍ବ ଓଡ଼ିଶାରେ ଉତ୍ପାଦନ ହୋଇଥାଏ। ମୟୂରଭଞ୍ଜ, କନ୍ଧମାଳ ଓ କୋରାପୁଟରେ ଉତ୍ପାଦନ ସର୍ବାଧିକ। କୃଷି ବୈଜ୍ଞାନିକମାନେ କହନ୍ତି, ସଅଳ କିସମ ଆମ୍ବର ବଉଳ ଡିସେମ୍ବର ମାସ ବେଳକୁ କଷି ଧରିଥାଏ। କିନ୍ତୁ ଚଳିତବର୍ଷ ଏହା ୭ରୁ ୧୦ ଦିନ ବିଳମ୍ବିତ ହୋଇଥିଲା। ମଧ୍ୟମ କିସମରେ ମଧ୍ୟ ଏହା ଦେଖିବାକୁ ମିଳିଥିଲା। ଠିକ୍ ବଉଳ ଆସିବା ବେଳକୁ ବିଭିନ୍ନ ପ୍ରକାର ରୋଗ ହୋଇଥିଲା। ଏପଟେ ଲୋକଙ୍କ ବିଶ୍ୱାସ ରହିଛି, ଆମ୍ବ ଗୋଟିଏ ବର୍ଷ ବ୍ୟବଧାନରେ ଭଲ ଉତ୍ପାଦନ ହୁଏ। ଉତ୍ତର ଭାରତରେ ଏହା ଅଧିକ ଦେଖିବାକୁ ମିଳେ। ଓଡ଼ିଶାର ଜଳବାୟୁ ଅନୁସାରେ ଉତ୍ପାଦନର ପ୍ରଭାବ ମାତ୍ର ୫ରୁ୧୦% ରହିଥାଏ। ଅର୍ଥାତ୍ ପ୍ରତିବର୍ଷ ଭଲ ଫଳ ଦେବା କଥା। ଏମିତିରେ ବି ଏବେ ଚାଷୀ ସାଧାରଣତଃ କେଶରୀ, ଦଶେରି, ବାଇଗଣପଲେଇ, ତୋତାପଲ୍ଲୀ ଭଳି ବିଭିନ୍ନ ପ୍ରକାର ଆମ୍ବ କରୁଛନ୍ତି। ସେହି ଦୃଷ୍ଟିରୁ ଓଡ଼ିଶା ବଜାରରେ ଦେଶୀ ଆମ୍ବର ଅଭାବ ରହିବା କଥା ନୁହେଁ। ବାସ୍ତବରେ କିନ୍ତୁ ସେଭଳି ହୋଇପାରୁନାହିଁ। ଓଲଟା ବାହାର ରାଜ୍ୟର ଆମ୍ବ ହିଁ ଓଡ଼ିଶାକୁ ପ୍ରଭାବିତ କରୁଛି। ଜଳବାୟୁ ପରିବର୍ତ୍ତନ ଏଥିରେ ବଡ଼ ବାଧକ ହେଉଛି। ଉଲ୍ଲେଖଥାଉକି, ଫନି ସମେତ ରାଜ୍ୟ ସାମ୍ନା କରୁଥିବା ବାତ୍ୟା ଯୋଗୁଁ ରାଜ୍ୟରେ ବ୍ୟାପକ ଆମ୍ବ ଗଛ ନଷ୍ଟ ହୋଇଗଲା। ଏହାର ପ୍ରଭାବ ଉଭୟ ଉତ୍ପାଦନ ଓ ଚାଷୀଙ୍କ ଉପରେ ପଡ଼ିଲା। କେବଳ ସେତିକି ନୁହେଁ, ଶୀତ ବିଳମ୍ବିତ ହେବାରେ ଲାଗିଛି। ଅର୍ଥାତ୍ ଅଧିକ ଦିନ ଖରା ଓ ବର୍ଷା ଆମ୍ବକୁ ବିପଦ ଆଣିଲାଣି। ଏସବୁ ଭିତରେ ବର୍ତ୍ତମାନ ବଜାରକୁ ମୟୂରଭଞ୍ଜ, ଢେଙ୍କାନାଳ ଉତ୍ପାଦିତ ଗୋଲାପଖାସ ଭଳି ସଅଳ କିସମ ଆମ୍ବ ଆସିଛି। ମେ’ ମାସ ବେଳକୁ ଆମ୍ରପଲ୍ଲୀ ଭଳି ମଧ୍ୟମ କିସମ ଆମ୍ବ ଆସିବ।

